R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦
ତିଥି : ଚତୁର୍ଥୀ
୦୫ ନଭେମ୍ବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

## ୧୫୦ ମିଟର ଖାଇକୁ ଖସିଲା ବସ୍, ୩୬ ମୃତ

ନୂଆଦିଲ୍ଲୀ, ୪।୧୧ : ଉତ୍ତରାଖଣ୍ଡର ଅଲ୍‌ମୋଡାର ମାର୍ଚ୍ଚୁଲାରେ ଏକ ବଡଧରଣର ଦୁର୍ଘଟଣା ଘଟିଯାଇଛି । ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ଖାଇକୁ ଖସିପଡିବା ଫଳରେ ୩୬ ଜଣଙ୍କର ମୃତ୍ୟୁ ଘଟିଛି । ବସ୍‌ରେ ସମୁଦାୟ ୪୨ ଜଣ ଯାତ୍ରୀ ଥିଲେ । ବସ୍‌ଟି ନିୟନ୍ତ୍ରଣ ହରାଇ ମର୍ଚ୍ଚୁଲା ଠାରେ ଖାଇକୁ ଖସିପଡିଥିଲା । ୪୨ ଆସନ ଥିବା ଏହି ବସ୍‌ଟି ରାମନଗରରୁ ବାହାରିଥିଲା । ତେବେ ମର୍ଚ୍ଚୁଲା ନିକଟରେ ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲା । ଦୁର୍ଘଟଣାଟି ଏତେ ଗୁରୁତର ଥିଲା ଯେ ବସ୍‌ଟି ଖସିପଡିବା ପରେ ଲୋକମାନେ ବସ୍ ଭିତରୁ ଛିଟିକି ପଡିଥିଲେ । କିଛି ଯାତ୍ରୀ ବସ୍ ବାହାରକୁ ଡେଇଁପଡି ଆହତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏସ୍‌ଡିଆର୍‌ଏଫ୍‌ର ୩ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବସ୍‌ଟି ପୂର୍ବାହ୍ନ ୮.୪୫ ସୁଦ୍ଧା ୧୫୦ ମିଟର ଖାଇକୁ ଖସିପଡ଼ିଥିଲା । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି ।



ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ କେତେକ ଅଧିକାରୀଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି । ପାଉରୀ ଓ ଆଲମେରା ଅଞ୍ଚଳର ସହକାରୀ ଆରଟିଓ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଓ ଆହତମାନଙ୍କ ଲାଗି ୧ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଛି । ଏହା ବ୍ୟତିତ କୁମାନ ଡିଭିଜନର କମିଶନର ଏକ ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି । ପ୍ରଶାସନକୁ ମଧ୍ୟ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିବା ସହ ସମସ୍ତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ ଗୁରୁତର ଆହତ ହୋଇଛନ୍ତି ଆବଶ୍ୟକ ହେଲେ ସେମାନଙ୍କୁ ଏୟାର ଲିଫ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

### କେନ୍ଦ୍ରୀୟ ହିନ୍ଦୀ ସମିତିର ବୈଠକ

## ହିନ୍ଦୀ ଭାଷାର ପ୍ରସାର ଲାଗି ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୪।୧୧ (ସବ୍ୟୁ) : ଆଜି ନୂଆ ଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି ।



ଏହି ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ କେତେକ ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା- ଓଡିଶାରେ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ- ରାଜ୍ୟରେ ଅଧିକ ସଂଖ୍ୟକ ହିନ୍ଦି ଶିକ୍ଷକ ସୃଷ୍ଟି କରିବା ଏବଂ ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଓଡିଆ-ହିନ୍ଦି ଅନୁବାଦ କେନ୍ଦ୍ର ପ୍ରତିଷ୍ଠା- ଓଡିଆ ଓ ହିନ୍ଦି ଭାଷାର ପ୍ରଚାର ପ୍ରସାର ପାଇଁ ଉଭୟ ଭାଷାର ଅନବଦ୍ୟ ସାହିତ୍ୟିକ କୃତି ଏବଂ ଅନ୍ୟାନ୍ୟ ରଚନାଗୁଡିକର ଅନୁବାଦ ଆବଶ୍ୟକ । ଏଥି ପାଇଁ କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ଆର୍ଥିକ ସହାୟତାରେ ଏକ ସ୍ୱତନ୍ତ୍ର ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ ।

ଅଧିକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଆୟୋଜନ- ହିନ୍ଦୀ ଏବଂ ଓଡିଆ ଭାଷା ଓ ସାହିତ୍ୟ ମଧ୍ୟରେ ଅଧିକ ସାଂସ୍କୃତିକ ବିନିମୟ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ । ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କବି, ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀମାନେ (୯ ପୃଷ୍ଠାରେ)

## ୩ ରାଜ୍ୟରେ ବିଧାନସଭା ଉପନିର୍ବାଚନ ତାରିଖ ବଦଳିଲା

ନୂଆଦିଲ୍ଲୀ, ୪।୧୧ : କେରଳ, ପଞ୍ଜାବ ଓ ଉତ୍ତରପ୍ରଦେଶରେ ହେବାକୁ ଥିବା ଉପନିର୍ବାଚନର ତାରିଖ ବଦଳିଛି । ଆସନ୍ତା ୧୩ ତାରିଖ ପରିବର୍ତ୍ତେ ୨୦ ତାରିଖରେ ସେଠାରେ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ରାଜନୈତିକ ଦଳ, ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ କେତେକ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ନଭେମ୍ବର ୧୩ରେ ହେବାକୁ ଥିବା ଉପନିର୍ବାଚନ ତାରିଖ ବଦଳାଇବା ପାଇଁ ଅନୁରୋଧ କରାଯାଇଥିଲା ।

ନିର୍ବାଚନ କମିଶନ ଘୋଷଣା କରିଛନ୍ତି ଯେ ବିଜେପି, କଂଗ୍ରେସ, ବିଏସ୍‌ପି ଓ ଆର୍‌ଏଲ୍‌ଡି ଭଳି ରାଜନୈତିକ ଦଳ କେତେକ ନିର୍ଦ୍ଦିଷ୍ଟ ବିଧାନସଭା ନିର୍ବାଚନମଣ୍ଡଳୀରେ ତାରିଖ ବଦଳାଇବା ପାଇଁ ଅନୁରୋଧ କରିଥିଲେ । ଏହି ଦଳଗୁଡ଼ିକ ପକ୍ଷରୁ କିଛି ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଏହି ସମୟରେ କରୁଥିବା ନେଇ ସୂଚନା ଦିଆଯାଇଥିଲା । ଫଳରେ ନାଗରିକମାନଙ୍କ ପାଇଁ ଭୋଟ୍ ଦେବାଲାଗି ଅସୁବିଧା ହେବ ବୋଲି କୁହାଯାଇଥିଲା । କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ ପାଲାକଡ ବିଧାନସଭାରେ ନିର୍ବାଚନ ତାରିଖ ବଦଳିବା ଦରକାର । ସେଠାରେ କାଲାପଥି, ରାସଥୋଲ ଶୋଭମ୍ ପର୍ବ ୧୩ ରୁ ୧୫ ଯାଏ ଅନୁଷ୍ଠିତ ହେବ । ସେହିଭଳି ବିଜେପି, ବିଏସ୍‌ପି, ଆର୍‌ଏଲ୍‌ଡି ପକ୍ଷରୁ କୁହାଯାଇଥିଲା ଯେ ୩ ରୁ ୪ ଦିନ କାର୍ତ୍ତିକ ପୂର୍ଣ୍ଣିମା ଉତ୍ତର ପ୍ରଦେଶରେ ପାଳନ କରାଯାଇଥାଏ । ସେହିଭଳି କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ ପଞ୍ଜାବରେ ଗୁରୁ ନାନକ ଦେବ୍‌ଙ୍କର ପ୍ରକାଶ ପର୍ବ ନଭେମ୍ବର ୧୫ରେ ପାଳନ କରାଯିବ । ଯାହା ୧୩ ତାରିଖରୁ ଆରମ୍ଭ ହେବ । ଏହାକୁ ଦୃଷ୍ଟିରେ ରଖି ୧୪ ବିଧାନସଭାର ନିର୍ବାଚନମଣ୍ଡଳୀର ଉପନିର୍ବାଚନ ତାରିଖକୁ ପରିବର୍ତ୍ତନ କରାଯାଇଛି ।

## ‘ଦାନା’ ଯୋଗୁ ୬୦୦ କୋଟିର କ୍ଷୟକ୍ଷତି

ଭୁବନେଶ୍ୱର, ୪।୧୧ (ସବ୍ୟୁ) : ବାତ୍ୟା ‘ଦାନା’ କ୍ଷୟକ୍ଷତି ରିପୋର୍ଟ ଆସିଛି । ଜିଲ୍ଲାସ୍ତରରୁ କ୍ଷୟକ୍ଷତି ରିପୋର୍ଟ ପାଇଛନ୍ତି ରାଜ୍ୟ ସରକାର । ତେବେ ପ୍ରାଥମିକ ଆକଳନ ଅନୁସାରେ ବାତ୍ୟା ‘ଦାନା’ରେ ପ୍ରାୟ

### ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ଅଧିକ

### ଶକ୍ତି ବିଭାଗ ବିଶେଷ ପ୍ରଭାବିତ

୬ଶହ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବାତ୍ୟାରେ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ବେଶୀ କ୍ଷତିଗ୍ରସ୍ତ ହୋଇଛି । ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କଟକ ବି ପ୍ରଭାବିତ ହୋଇଛି । ମୋଟାମୋଟି ଭାବରେ ୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛି । ୧୧, ୬୩୭ ଗାଁର ୪୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ସମୁଦାୟ ୧୬,୪୧୭ ଘର ପ୍ରଭାବିତ ହୋଇଥିବା (୯ ପୃଷ୍ଠାରେ)



## ନଭେମ୍ବର ୨୧ରୁ ଧାନ କିଣା

ଭୁବନେଶ୍ୱର, ୪।୧୧ (ସବ୍ୟୁ) : ଚଳିତ ଖରିଫ ଋତୁ ଲାଗି ନଭେମ୍ବର ୨୧ରୁ ଧାନ କିଣା ଆରମ୍ଭ ହେବ । ମନ୍ତ୍ରୀସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସରଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ସୂଚନାଯୋଗ୍ୟ ଚଳିତବର୍ଷ ୮୦ ଲକ୍ଷ ଟନ୍ ଧାନ କିଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଚଳିତବର୍ଷ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣାଯିବ । ଧାନର ଏମ୍‌ଏସ୍‌ପି ୨୩୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇନ୍‌ପୁଟ୍ ସହାୟତା ବାବଦରେ ୮୦୦ ଟଙ୍କା ଦିଆଯିବ । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱଚ୍ଛ ଓ ସରଳ ହେବା ଉପରେ ଗୁରୁତ୍ୱ ଦେବାସହ ଏହାକୁ ବଜାୟ ରଖିବା ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଦୁର୍ନୀତିମୁକ୍ତ କରିବା ଲାଗି ତୃତୀୟ ପକ୍ଷ ଦ୍ୱାରା ଯାଞ୍ଚ କରାଯିବ ବୋଲି କହିଥିଲେ । କୌଣସି ସୂଚନା ପାଇବା ପାଇଁ କିମ୍ବା ଅସୁବିଧାର ସମ୍ମୁଖୀନ ହେଲେ ଚାଷୀମାନେ ଟୋଲ୍‌ଫ୍ରି ନମ୍ବର ୧୯୬୭କୁ ଫୋନ୍ କରିପାରିବେ । ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ୩୦ ସିଟ୍ ଥିବା କଲ୍ ସେଣ୍ଟର ଖୋଲାଯାଇଛି । ଖାଦ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ହେବ । ଧାନ ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ଯିବାପାଇଁ ଟେଣ୍ଡର ଜାରି କରାଯାଇଛି । ସୂଚନା, ଶିକ୍ଷା ଓ ସଞ୍ଚାର ଅଭିଯାନ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବ । ଏହାବ୍ୟତିତ ପ୍ରତି ମଣ୍ଡି ଓ ସୁଲଭ ମୂଲ୍ୟ ଦୋକାନରେ ଧାନ ସଂଗ୍ରହ



### ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସରଳ କରିବାକୁ ଗୁରୁତ୍ୱ

### ଅସୁବିଧାର ସମ୍ମୁଖୀନ ହେଲେ ଚାଷୀଙ୍କ ଲାଗି ଟୋଲ୍‌ଫ୍ରି ନଂ

### ଏସ୍‌ଏମ୍‌ଏସ୍ ଦ୍ୱାରା ଚାଷୀଙ୍କୁ ମିଳିବ ସୂଚନା

ସମ୍ପର୍କିତ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହେବ । ଦୁଇ ରୁ ତିନି ଦିନ ମଧ୍ୟରେ ଚାଷୀଙ୍କ ନିମନ୍ତେ ଉପଯୋଗୀ ନିର୍ଦ୍ଦେଶାବଳୀକୁ (୯ ପୃଷ୍ଠାରେ)

## ଆଖି ବୁଜିଲା ଯଶୋଦା

ବାରିପଦା, ୪।୧୧ (ସବ୍ୟୁ) : ଆଖିବୁଜିଲା ହାତୀ ଯଶୋଦା। ଶିମିଳିପାଳରେ ଯଶୋଦା ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ଯଶୋଦାକୁ ୩୬ବର୍ଷ ହୋଇଥିଲା ବୋଲି ସୂଚନା ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାସ ୩୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଜେନାବିଲରେ ଯଶୋଦା ହାତୀର ମୃତ୍ୟୁ ହୋଇଛି। ତେବେ ଚନ୍ଦକାରେ ଥିବାବେଳେ ଯଶୋଦା ହାତୀ ଅସୁସ୍ଥ ହୋଇଥିଲା । ଏନେଇ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶଚାନ୍ଦ ଗଗିନେନି ସୂଚନା ଦେଇଛନ୍ତି ।

## ଝାଡଖଣ୍ଡର ୫୩ ହାତୀପଲ ନଷ୍ଟ କରୁଛନ୍ତି ଚାଷଜମି

ବେତନଟୀ, ୪।୧୧ (ସବ୍ୟୁ) : ବେତନଟୀ ରେଞ୍ଜ ଅଧୀନରେ ଥିବା ୫୩ ଟିକିଆ ଝାଡଖଣ୍ଡୀ ହାତୀପଲ ଦିବା ସମୟରେ ଜଙ୍ଗଲ ମଧ୍ୟରେ ରହୁଥିବା ବେଳେ ରାତ୍ରୀ ସମୟରେ ଧାନକ୍ଷେତକୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି। ଆଉ ଅଳ୍ପ ଦିନ ପରେ ଚାଷୀ ମାନେ ଅମଳ କରିବାକୁ ଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଦାନା ବାତ୍ୟା ଯଥେଷ୍ଟ କ୍ଷତି କରିଯିବା ପରେ ଏବେ ହାତୀଧାନଗଛ ଖାଇବା ଏବଂ ଦଳି ନଷ୍ଟ କରିବା ଯୋଗୁଁ ବେତନଟୀ ବ୍ଲକ ଅଧୀନରେ ଅନେକ ଚାଷୀ ବ୍ୟାପକ କ୍ଷତି ସହିବେ ବୋଲି ଦେଖାଯାଉଛି ।

ପ୍ରତି ବର୍ଷ ଏହି କାର୍ଯ୍ୟ ଚାଲି ରହିଥିବା ବେଳେ ଏହାର କୌଣସି ସ୍ଥାୟୀ ସମାଧାନ ନ ହେବା ଯୋଗୁଁ ଚାଷୀକୂଳ ଅକଥନୀୟ କ୍ଷତିର ସାମ୍ନା କରୁଛି । ପ୍ରାପ୍ତ ସୂଚନା ମୁତାବକ ୫୩ଟିକିଆ ହାତୀପଲ ସୋମବାର (୯ ପୃଷ୍ଠାରେ)



## ହାଇକମାଣ୍ଡ ବାଛିବେ ପରବର୍ତ୍ତୀ ପିସିସି ସଭାପତି

ଭୁବନେଶ୍ୱର, ୪।୧୧ (ସବ୍ୟୁ) : ଦୀର୍ଘଦିନ ଧରି ଖାଲି ପଡିଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଚୟନ ଲାଗି କସରତ ଆରମ୍ଭ ହୋଇଛି । ତେବେ ରାଜ୍ୟସ୍ତରୀୟ ନେତୃବୃନ୍ଦ ଚୟନ ନିଷ୍ପତ୍ତି

### ଦଳୀୟ ନେତାଙ୍କ ସହ ଆଲୋଚନା କଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

### ଦିନତମାମ ନୂଆ ପିସିସି ସଭାପତି ଚୟନ ଲାଗି କସରତ

### ଲବି ଆମ ନିକଟରେ କାମ କରିବ ନାହିଁ : ମହନ୍ତ

ହାଇକମାଣ୍ଡଙ୍କ ଉପରେ ଛାଡିଛନ୍ତି । ହାଇକମାଣ୍ଡ ଯାହାକୁ ଦାୟିତ୍ୱ ଦେବେ ସମସ୍ତେ ତାହାକୁ ମାନିବେ ବୋଲି ପର୍ଯ୍ୟବେକ୍ଷକ ଭାବେ ଆସିଥିବା ଚରଣ ଦାସ ମହନ୍ତ ସୂଚନା ଦେଇଛନ୍ତି ।

ଆଜି ଭୁବନେଶ୍ୱରର କଂଗ୍ରେସ ମୁଖ୍ୟାଳୟରେ ଦିନତମାମ ପରବର୍ତ୍ତୀ ପିସିସି ସଭାପତି କିଏ ହେବ ତାହାକୁ ନେଇ କସରତ ଚାଲିଥିଲା । ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଚରଣ ଦାସ ମହନ୍ତ ଓ ମିନାକ୍ଷୀ ନଟରାଜନଙ୍କ ଉପସ୍ଥିତିରେ ବୈଠକ ଚାଲିଥିଲା । ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତାମାନଙ୍କୁ ଭେଟି ଏହି ଦୁଇ ପର୍ଯ୍ୟବେକ୍ଷକ ସେମାନଙ୍କ ମତାମତ ନେଇଛନ୍ତି । କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶ୍ରୀ ମହନ୍ତ କହିଛନ୍ତି ଯେ ତାଙ୍କ ପାଖରେ ଲବି ଚଳିବ ନାହିଁ । ପ୍ରକୃତ ଭାବରେ ଯାହାକୁ ନେଲେ କଂଗ୍ରେସ ରାଜ୍ୟରେ ପୁଣି ଆଗେଇ ପାରିବ ତାହା ଉପରେ ବିଚାର ବିମର୍ଶ ଚାଲିଛି । କଂଗ୍ରେସ ହାଇକମାଣ୍ଡ ତଥା ରାହୁଲ ଗାନ୍ଧି, ସୋନିଆ ଗାନ୍ଧି, ମଲ୍ଲିକାର୍ଜୁନେ ଖଡ଼୍‌ଗେ ରାଜ୍ୟ କଂଗ୍ରେସର ସ୍ଥିତି ନେଇ ବେଶ୍ ଚିନ୍ତିତ ଅଛନ୍ତି । ସବୁ (୯ ପୃଷ୍ଠାରେ)



## ଜଳିଗଲା ବାୟୁସେନାର ମିଗ୍-୨୯ ବିମାନ

ନୂଆଦିଲ୍ଲୀ, ୪।୧୧ : ବାୟୁସେନାର ମିଗ୍-୨୯ ବିମାନଟି ଆଗ୍ରା ପାଖରେ ଦୁର୍ଘଟଣାଗ୍ରସ୍ତର ଶୀକାର ହୋଇଛି । ଦୁର୍ଘଟଣା ପରେ ବିମାନଟି ସମ୍ପୂର୍ଣ୍ଣ ଭାବରେ ଜଳିଯାଇଛି । ବିମାନରେ ଥିବା ପାଇଲଟ ଜଣକ ଏଥିରୁ ସୁରକ୍ଷିତ ଭାବେ ବାହାରି ଆସିଛନ୍ତି । ମିଗ୍-୨୯ ବିମାନଟି ଆଜି ନିୟମିତ ପ୍ରଶିକ୍ଷଣ ପାଇଁ ଉଡାଣ ଭରିଥିଲା । ବିମାନରେ କୌଣସି ତ୍ରୁଟି ନଥିବା ପାଇଲଟ କହିଥିଲେ । ଏହି ଯୁଦ୍ଧ ବିମାନ କିଭଳି ଦୁର୍ଘଟଣାଗ୍ରସ୍ତର ଶୀକାର ହେଲା ତାହା ଜଣାପଡିନାହିଁ । ବାୟୁସେନା ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଆଜି ମଧ୍ୟାହ୍ନ ସମୟରେ ପଞ୍ଜାବ ଆଦମ୍ ପୁରରୁ ବିମାନଟି ଉଡାଣ ଭରି ନିୟମିତ ଅଭ୍ୟାସ ପାଇଁ ଆସୁଥିବାବେଳେ ଗନ୍ତବ୍ୟ ସ୍ଥଳର କିଛି କିଲୋମିଟର ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ବାୟୁସେନା ପକ୍ଷର ସୂଚନା ଅନୁଯାୟୀ ଏକ ଗୁରୁତର ବୈଷୟିକ ତ୍ରୁଟି ଥିବା ଅନୁମାନ କରାଯାଉଛି । ତେବେ ପାଇଲଟ ନିରାପଦ ଥିବାବେଳେ କୌଣସି ଧନ-ଜୀବନ ହାନି ଘଟିନାହିଁ । ବାର୍‌ମର ଏସ୍‌ପି ନରେନ୍ଦ୍ର ମୀନା କହିଛନ୍ତି ଯେ ଘଟଣାଟି ଏକ ଜନଗହଳି ସ୍ଥାନରେ ଘଟିଥିଲେ ସୁଦ୍ଧା କୌଣସି କ୍ଷୟକ୍ଷତି ହୋଇନାହିଁ । ଜୁନ୍ ୪ରେ ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଲଢୁଆ ଜେଟ୍ ବିମାନ



ସିରିଶୋ ଗାଓଁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ମହାରାଷ୍ଟ୍ରର ନାସିକ୍ ଜିଲ୍ଲାରେ ଏହି ଘଟଣା ଘଟିଥିଲା । ଉଭୟ ପାଇଲଟ୍ ଓ ସହପାଇଲଟ୍ ସୁରକ୍ଷିତ ଥିଲେ ।

## ସୋସିଆଲ କୋଟ୍ସ



ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅରବ ଅରବ ଅର୍ଥର ରେଭିନ୍ୟୁ ରହିଛି । ଉତ୍ତର ଭାରତରେ ଥିବା କୌଣସି ଭାଷାର ଇଣ୍ଡଷ୍ଟ୍ରୀ ଆମ ଭଳି ବଡ ନୁହେଁ ।

**ଉଦୟନିଧି ଷ୍ଟାଲିନ୍, ଅଭିନେତା**



ମେରି ଜଙ୍ଗ ଫିଲ୍ମ ସମୟରେ ସୁବାସ ଘାଇଙ୍କ ସହିତ ମୋର ବିବାଦ ହୋଇଥିଲା । ଏହାପରେ ସେ ଅନ୍ୟ ଅଭିନେତ୍ରୀଙ୍କୁ ସାଇନ୍ କରାଇବାକୁ ଲାଗିଲେ ।

**ମିନାକ୍ଷୀ ଶେଷାଦ୍ରି, ଅଭିନେତ୍ରୀ**



ରୋହିତ ସେଟ୍ଟିଙ୍କ ସହିତ କାମ କରିବା ଯେପରି ସ୍ୱପ୍ନ ଭଳି । ତାଙ୍କର ଭାଇବ୍ରେଣ୍ଟ୍ ଏନର୍ଜି ମୋତେ ଖୁବ ପସନ୍ଦ ଆସିଥାଏ । ସେ ସେଟ୍‌ରେ ମୋତେ ହିରୋ ଭଳି ଲାଗନ୍ତି ।

**ଅର୍ଜୁନ ଦିବେଦୀ, ଅଭିନେତା**

## ଇତିହାସ ପୃଷ୍ଠାରୁ

୧୬୩୦– ସ୍ପେନ୍ ଏବଂ ଇଂଲଣ୍ଡ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
୧୬୩୯– ମାସାଚୁସେଟ୍ସରେ ପ୍ରଥମ ଡାକଘର ସ୍ଥାପନ କରାଗଲା ।
୧୭୨୫– ଗୁପ୍ତ ବୁଝାମଣା ଉପରେ ସ୍ପେନ୍ ଏବଂ ଅଷ୍ଟ୍ରିଆର ସ୍ୱାକ୍ଷର ।
୧୮୭୦– ମହାନ ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ।
୧୮୯୫– ଅଟୋ ମୋବାଇଲ୍ ପାଇଁ ଜର୍ଜ ବି ସେଲଡମ୍‌ଙ୍କୁ ଆମେରିକାର ପ୍ରଥମ ପେଟେଣ୍ଟ ମିଳିଲା ।
୧୯୨୦– ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା ।
୧୯୩୦– ଆମେରିକାର ମହାନ ସାହିତ୍ୟିକ ସିନ୍‌କ୍ଲେଅର୍ ଲେଭିସ୍‌ଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ।
୧୯୬୧– ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ନ୍ୟୁୟର୍କ ଯାତ୍ରା କଲେ ।
୨୦୦୭– ଚୀନ୍‌ର ପ୍ରଥମ ମହାକାଶ ଯାନ ଚେଞ୍ଜ୍ ୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା ।

# ପାର୍ବଣ ପରର ସ୍ୱାସ୍ଥ୍ୟ





**ସରିଯାଇଛି ଦୁର୍ଗା ପୂଜା ସହ କାଳୀ ପୂଜା ଏବଂ ଅନ୍ୟ ବିଭିନ୍ନ ପର୍ବ । ତେବେ ଏହି ସମୟରେ ବେଶ୍ କିଛି ଦିନ ଧରି ପାର୍ବଣର ମାହୋଲ ଲାଗିରହିଥାଏ । ଯେଉଁ ସମୟରେ ସମସ୍ତେ ବାହାରର ଖାଦ୍ୟ ଖୁବ ଅଧିକ ଖାଇଥାଆନ୍ତି । ଯାହାକୁ ଡ଼ିଟକ୍ସ କରିବା ନିହାତି ଜରୁରୀ ଅଟେ ।**

**ହାଲୁକା ଖାଆନ୍ତୁ–** ସାଧାରଣତଃ ପୂଜା ସମୟରେ ସମସ୍ତେ ଗରିଷ୍ଠ ଖାଦ୍ୟ ଯେପରି ବାହାରର ଜଙ୍କଫୁଡ କିମ୍ବା ଘରେ ପ୍ରସ୍ତୁତ କରି ଭଲଭଲ ଖାଦ୍ୟ ଖିଆ ଯାଇଥାଏ । ତେଣୁ ପୂଜା ସରିବା ପରେ ଏସବୁକୁ ଡିଟକ୍ସ କରିବାର ଆବଶ୍ୟକତା ରହିଛି । ତେଣୁ ପୂଜା ସରିବା ପରେ ହାଲୁକା ଖାଆନ୍ତୁ । ତେଣୁ କିଛିଦିନ କେବଳ ନିଜ ଘରେ ପ୍ରସ୍ତୁତ ଘରୋଇ ଖାଦ୍ୟ ଖାଆନ୍ତୁ, ଏହା ଶରୀର ପାଇଁ ଆବଶ୍ୟକ ହୋଇଥାଏ । ସବୁଜ ପନିପରିବା,ରୁଟି, ସନ୍ତୁଳା, ଫଳମୂଳ ଆଦି ଖାଆନ୍ତୁ ।

**ବ୍ୟାୟାମ–** ଡିଟକ୍ସର ସବୁଠାରୁ ସହଜ ଉପାୟ ହେଲା ବ୍ୟାୟାମ । ପର୍ବ ପର୍ବାଣି ସରିବା ପରେ ଘରେ ସମୟ ବାହାର ଘରି ଯୋଗ ଓ ବ୍ୟାୟାମ କରନ୍ତୁ । ଯେତିକି କି ବି ଏହି ସମୟରେ ଓଜନ ବଢିଥିବା ଏହି ବ୍ୟାୟାମ କରିବା ଫଳରେ ନିୟନ୍ତ୍ରଣକୁ ଆସିବ । ଏଥିସହିତ ଆପଣ ମେଟବଲିଜିମ୍ ଓ ପାଚନ ତନ୍ତ୍ର ମଧ ସଠିକ୍ ଢଙ୍ଗରେ କାର୍ଯ୍ୟ କରିବ । ତେଣୁ ପ୍ରତିଦିନ ସକାଳେ ଚାଲିବା, ଯୋଗ କରିବା କିମ୍ବା ଘରେ ଛୋଟଛୋଟ ମୋଟ ବ୍ୟାୟାମ କରନ୍ତୁ । ଏହା ଶାରିରୀକ ଓ ମାନସିକ ଉଭୟ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ ।

**ହାଇଡ୍ରେଟ୍ ରୁହନ୍ତୁ–** ପୂଜା ପରର ଡିଟକ୍ସ ପାଇଁ ସବୁଠାରୁ ଉପକାରୀ ହୋଇଥାଏ ହାଇଡ୍ରେସନ । ତେଣୁ ଏହି ସମୟରେ ବିଭିନ୍ନ ପ୍ରକାରର ଜୁସ୍, ପାଣି, ପଇଡ ପାଣି, ଲେମ୍ବୁ ମିଶିରି, ଲେମ୍ବୁ ମହୁ, ପୋଦିନା ପାଣି ଆଦି ପିଇ ପାରିବେ । ଏଗୁଡିକ ବଟି ଡିଟକ୍ସ ପାଇଁ ଖୁବ ଉପକାରୀ ହୋଇଥାଏ । ଆପଣଙ୍କୁ ଏହା ହାଇଡ୍ରେଟ କରିବ । ତେଣୁ ଏଗୁଡିକ ନିଜ ଡାଏଟ୍‌ରେ ସାମିଲ କରନ୍ତୁ ।

**ମିଠାକୁ କୁହନ୍ତୁ ନା–** ପୂଜା ସମୟରେ ମିଠାର ଅଧିକ ଆସର ଜମିଥାଏ । ସମସ୍ତେ ଏହି ସମୟରେ ଖୁବ ଅଧିକ ମିଠା ବ୍ୟଞ୍ଜନ ଖାଇଥାଆନ୍ତି । ତେଣୁ ପୂଜା ସରିବା ପରେ ମିଠାକୁ ସମ୍ପୂର୍ଣ୍ଣ ଭାବେ ନାଁ କୁହନ୍ତୁ । ଯଥାସମ୍ଭବ ବିନା ମିଠା ଖାଦ୍ୟ ଖାଆନ୍ତୁ । ଯଦି ମିଠା ଖାଇବାକୁ ଇଚ୍ଛା ହେଉଛି ତେବେ ଗୁଡ, ମିଠା ଫଳ, ମହୁ ଆଦି ଖାଇପାରିବେ । ଏଗୁଡିକ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ ।

**ଡାଏଟ୍‌ରେ ଭିଟାମିନ୍ ସାମିଲ କରନ୍ତୁ–** ନିଜ ଡାଏଟ୍ ଖୁବ ଅଧିକ ମାତ୍ରାରେ ଭିଟାମିନ୍ ସାମିଲ କରନ୍ତୁ । ଖାଦ୍ୟରେ ବିଭିନ୍ନ ପ୍ରକାର ଫଳ ଯେଉଁଥିରେ ଭିଟାମିନ୍ ଏ, ସି, ଇ ରହିଛି ସେହି ଫଳ ଖାଆନ୍ତୁ । ଖାଦ୍ୟରେ କମଳା, ବିଟ୍, ଗାଜର, କୋବି ଆଦିକୁ ସାମିଲ କରନ୍ତୁ । ଏହା ଫଳରେ ଶରୀରକୁ ପୋଷଣ ମିଳିବା ସହିତ ଡିଟକ୍ସିଫିକେସନ୍‌ରେ ମଧ ସାହାଯ୍ୟ କରିବ । ସେହିଭଳି ଖାଦ୍ୟରେ ଫାଇବର ଆଡ କରନ୍ତୁ । ଫାଇବର ବା ତନ୍ତୁ ଜାତୀୟ ଖାଦ୍ୟ ଆମ ପେଟ ପାଇଁ ଖୁବ ଲାଭ ଦାୟକ ହୋଇଥାଏ ।



# ଚର୍ଚ୍ଚିତ ମିଶନ ଆନାଲଗ୍



ଇସ୍ରୋ ଦ୍ୱାରା ପରିଚାଳିତ ଏହାର ନୂଆ ଆନାଲଗ୍ ସ୍ପେସ ମିଶନ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଏନେଇ ଇସ୍ରୋ ବିଭିନ୍ନ ସମୟରେ ନିଜ ସୋସିଆଲ ମିଡିଆରେ ଭିନ୍ନଭିନ୍ନ ତଥ୍ୟ ଦେଉଛି । ଇସ୍ରୋର ତଥ୍ୟ ଅନୁସାରେ ଆନାଲଗ୍ ମିଶନ୍‌ର ପ୍ରଥମ ଲକ୍ଷ ମହାକାଶଚାରୀଙ୍କ ପାଇଁ ଚନ୍ଦ୍ର, ମଙ୍ଗଳ କିମ୍ବା ଅନ୍ୟ ସେଲେଷ୍ଟିଆଲ ବଡିର ବାୟୁ ମଣ୍ଡଳ ଉପରେ ତଥ୍ୟ ସଂଗ୍ରହ କରିବା । ଯାହାଫଳରେ ମହାକାଶଚାରୀମାନେ ଏଠାକୁ ଯିବା ସମୟରେ କିଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ଏନେଇ ଏହି ମିଶନରେ ଅଧିକ ରିସର୍ଚ୍ଚ କରାଯିବ । ସେହିଭଳି ଏହି ମିଶନର ବେସ୍ ଭାବେ ଲଦାଖକୁ ଚୟନ କରାଯାଇଛି, କାରଣ ଲଦାଖ ହେଉଛି ପୃଥିବୀର ସବୁଠାରୁ ଥଣ୍ଡା ସ୍ଥାନ । ଯାହା ମଙ୍ଗଳ ଓ ଚନ୍ଦ୍ରର ବାୟୁମଣ୍ଡଳ ସହିତ କିଛି ମାତ୍ରାରେ ସମାନ ଥାଏ, ତେଣୁ ଏହାକୁ ଏହି ମିଶନର ବେସ୍ ଭାବେ ଚୟନ କରାଯାଇଛି । ଏହି ସ୍ଥାନରେ ଜାଣିହେବ କିଭଳି ପରିସ୍ଥିତି ଦେଇ ମହାକାଶଚାରୀମାନେ ମଙ୍ଗଳ ଓ ଚନ୍ଦ୍ରରେ ଗତି କରିଥାଆନ୍ତି । ମହାକାଶକୁ ଯିବା ପୂର୍ବରୁ ମହାକାଶଚାରୀମାନେ ଏହି ଆନାଲଗ୍ ଭିତରେ ସେଠିକାର ପରିବେଶ ପାଇଁ ନିଜକୁ ପ୍ରସ୍ତୁତ କରିବେ । ଏହା ହେଉଛି ଏହି ମିଶନର ପ୍ରାଥମିକ ଉଦ୍ଦେଶ୍ୟ । ଆନାଲଗ୍ ମିଶନକୁ ପୃଥିବୀରେ ମହାକାଶ ଭଳି ପରିବେଶ ସୃଷ୍ଟି କରିବାକୁ ବ୍ୟବହାର କରାଯାଇଥାଏ, ଯାହା ମହାକାଶଚାରୀ ଓ ସଂସ୍ଥାମାନଙ୍କ ପାଇଁ ବେଶ୍ ଲାଭଦାୟକ ମିଶନ ହୋଇଥାଏ ।




# ଏକ ଟଙ୍କାରେ ମଟନ୍, ୫୦ ପଇସାରେ ମାଛ !

ଶୀର୍ଷକଟି ପଢିବା ପରେ ବିଶ୍ୱାସ କରିବା ପାଇଁ ହୁଏତ ଆପଣଙ୍କୁ ଅସୁବିଧା ହୋଇଥିବ । ଆଜିକାଲିର ଏ ମହଙ୍ଗା ଯମାନାରେ ଏଭଳି ଶସ୍ତା ଖାଦ୍ୟ କେଉଁଠି ମିଳିବ । ତେବେ ଏହା ଆଜିକାଲିର ନୁହେଁ ବରଂ ବହୁ ପୁରୁଣା ରେଟ୍, ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସୂଚନା ଅନୁସାରେ ମୁମ୍ବାଇରେ ଥିବା ପପୁଲାର ରେଷ୍ଟୋରାଁ ଲାଇଟ୍ ଅଫ୍ ଏସିଆର ପୁରୁଣା ମେନ୍ୟୁକାର୍ଡ ବର୍ତ୍ତମାନ ଭାଇରାଲ ହେଉଛି । ଯେଉଁଥିରେ ମଟର ରୋଷ୍ଟ ଏକ ଟଙ୍କାରେ ମିଳୁଥିବାବେଳେ ୫୦ ପଇସାରେ ମାଛ ମିଳୁଛି । ତେବେ ୨୦୧୮ରେ ବନ୍ଦ ହୋଇଯାଇଥିବା ଏହି ରେଷ୍ଟୋରାଁ ସେତେବେଳେର ବେଶ୍ ପପୁଲାର ରେଷ୍ଟୋରାଁ ଥିଲା । ସେତେବେଳେ ଏଠାରେ ଅନେକ ଭଲଭଲ ଆମିଷ ଖାଦ୍ୟ ଖୁବ କମ୍ ଦାମରେ ମିଳୁଥିଲା । ସୋସିଆଲ ମିଡିଆରେ ଏହି ମେନ୍ୟୁ ଅପଲୋଡ ହେବା ପରେ ଲୋକମାନେ ଏହାକୁ ଏବେକାର ରେଷ୍ଟୋରାଁ ମେନ୍ୟୁ ସହିତ ତୁଳନା କରିବା ଆରମ୍ଭ କରିଛନ୍ତି । ବର୍ତ୍ତମାନର ଖାଇବାର ଦାମ ଏହା ତୁଳନାରେ ଖୁବ ଅଧିକ ବୋଲି ସମସ୍ତେ ମତ ଦେବା ସହିତ ସେହି ଦିନ ଗୁଡିକ ଖୁବ ଭଲ ଥିଲା ବୋଲି ମତ ଦେଉଛନ୍ତି ।

# ବିଶ୍ୱ ସୁନାମି ସଚେତନତା ଦିବସ

ପ୍ରତିବର୍ଷ ୫ ନଭେମ୍ବରରେ ପାଳିତ ହୋଇଥାଏ ବିଶ୍ୱ ସୁନାମି ସଚେତନତା ଦିବସ । ଏହି ଦିନ ସମସ୍ତଙ୍କୁ ସୁନାମି କଣ ଓ ଏହାର ପ୍ରଭାବ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥାଏ । ଏହା ପ୍ରଥମକରି ୨୦୧୫ରେ ୟୁନାଇଟେଡ୍ ନେସନସ ଜେନେରାଲ ଆସେମ୍ବ୍ଲି ଦ୍ୱାରା ପାଳନ ଆରମ୍ଭ ହୋଇଥିଲା । ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସଚେତନ କରାଯାଇଥାଏ । ଗତ ୧୦୦ ବର୍ଷ ଭିତରେ ପାଖାପାଖି ୭୦ରୁ ଅଧିକ ସୁନାମି ଆସିଥିବାବେଳେ ୨୬୦,୦୦୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହେବାସହିତ ଅନେକ ବାସହରା ମଧ୍ୟ ହୋଇଛନ୍ତି । ତେଣୁ ସମସ୍ତଙ୍କୁ ସୁନାମି ବିଷୟରେ ଅବଗତ ହେବାର ଆବଶ୍ୟକତା ରହିଛି ।





# ରିଜେକସନ୍ ପରେ ବି ମିଳେ ସଫଳତା

ଭୁଲ୍ ଭୁଲେୟାଁ ଫିଲ୍ମର ଗୋଟିଏ ଛୋଟ ଚରିତ୍ରରେ ଅଭିନୟ କରିଛନ୍ତି ଅଭିନେତ୍ରୀ ରୋଜ ସରଦାନା । ଏହି ଚରିତ୍ର ପାଇଁ ଚର୍ଚ୍ଚା ସାଉଁଟୁଥିବା ଅଭିନେତ୍ରୀ ରୋଜ୍ କିନ୍ତୁ ପ୍ରଥମରୁ ଅନେକ ରିଜେକସନ୍‌ର ସାମନା କରିଛନ୍ତି । ଏପରିକି ତାଙ୍କୁ ଧାରାବାହିକରୁ ବାହାର ମଧ କରିଦିଆଯାଇଛି । ପ୍ରଥମରୁ ରୋଜ୍ ନିଜ କ୍ୟାରିୟର ଟିଭି ଧାରାବାହିକ, 'ମେରି ଆସିକି ତୁମସେ ହି'ରୁ ଆରମ୍ଭ କରିଥିଲେ । ବାଲାଜି ଟେଲିଫିଲ୍ମରେ ଡେବ୍ୟୁ କରୁଥିବାରୁ ବେଶ୍ ଖୁସି ଥିଲେ ରୋଜ, ହେଲେ ଏହି ଖୁସି ବେଶି ଦିନ ରହିଲା ନାହିଁ । ମାତ୍ର ୨ ମାସ ପରେ ତାଙ୍କୁ ଏହି ଧାରାବାହିକରୁ ରିଜେକ୍ଟ କରିଦିଆ ଯାଇଥିଲା । ଏହାପରେ ମଧ ଅନେକ ଶୋ'ରେ ତାଙ୍କୁ ରିଜେକସନ୍ ମିଳିଥିଲା । ହେଲେ ରିଜେକସନ୍‌ରେ ହାରି ଯାଇ ନଥିଲେ ରୋଜ୍ । ନିଜର ଅଭିନୟ ଉପରେ ବିଶ୍ୱାସ ଥିଲା । ଏହାପରେ ସେ ଧାରାବାହିକ ନୁହେଁ ବରଂ ଫିଲ୍ମ ଓ ଓଟିଟି ପାଇଁ ଅଡିସନ ଦେବା ଆରମ୍ଭ କରିଥିଲେ । ତାଙ୍କୁ ପ୍ରଥମେ ଦୃଶ୍ୟମ -୨ରେ ଅଭିନୟ କରିବାର ସୁଯୋଗ ମିଳିଲା । ଏଥିରେ ଚରିତ୍ରଟି ଖୁବ ଛୋଟ ଥିଲା ହେଲେ ଅଭିନୟ ଭଲ ଥିବାରୁ ଲୋକଙ୍କ ପ୍ରଶଂସା ମିଳିଲା । ଏହାପରେ ସେ ଓ୍ୱାଇଲ୍ଡ ଓ୍ୱାଇଲ୍ଡ ପଞ୍ଜାବ ଫିଲ୍ମରେ ମଧ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଲା । ଏହାପରେ ତାଙ୍କୁ ନିକଟରେ ଭୁଲଭୁଲୟାଁ ୩ରେ ସୁଯୋଗ ମିଳିଥିଲା । ଆଗକୁ ଆହୁରି ଭଲ ପ୍ରୋଜେକ୍ଟରେ କାମ କରିବାକୁ ଲକ୍ଷ ରଖିଛନ୍ତି ରୋଜ୍ ।

### ଉପମୁଖ୍ୟମନ୍ତ୍ରୀ ସିଂହଦେଓଙ୍କ ସହ
## ନଜ୍ ଫାଉଣ୍ଡେସନ୍‌ର ମ୍ୟାନେଜିଂ ଡ଼ାଇରେକ୍ଟରଙ୍କ ସାକ୍ଷାତ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ନଜ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମ୍ୟାନେଜିଂ ଡ଼ାଇରେକ୍ଟର ଭି. ଶ୍ରୀରାମ ସୌଜନ୍ୟମୂଳକ ସାକ୍ଷାତକାର ଓ ଆଲୋଚନା କରିଛନ୍ତି । ଏହି ସାକ୍ଷାତକାର ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ନଜ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ତଥା ଫାଉଣ୍ଡର ଅତୁଲ ସୃଜିଆ ଉପସ୍ଥିତ ଥିଲେ । ସଂପ୍ରତି ରାଜ୍ୟରେ ଦାଦନଜନିତ ବିସ୍ଥାପନ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏହାର ସମାଧାନ ପାଇଁ ସରକାର ତ୍ୱରିତ ବେଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ସହ ସେମାନଙ୍କ ପାଇଁ ସ୍ଥାୟୀ ରୋଜଗାରର ଅବସର ସୃଷ୍ଟି କରିବା ଦିଗରେ ଟାସ୍କଫୋର୍ସ କାର୍ଯ୍ୟ କରିବ । ନଜ୍ ଫାଉଣ୍ଡେସନ୍ ଦାଦନ ଶ୍ରମିକଙ୍କ ସହ ପ୍ରତ୍ୟକ୍ଷ ରୂପେ ଯୋଡ଼ି ହୋଇ ସେମାନଙ୍କ ଦକ୍ଷତା ଅନୁଯାୟୀ ଆୟ ପନ୍ଥା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟକରିବାକୁ ଆଗ୍ରହୀ ବୋଲି ଫାଉଣ୍ଡେସନ୍ ପ୍ରସ୍ତାବ ଦେଇଥିଲେ । ନଜ୍ ଫାଉଣ୍ଡେସନ୍ ଝାଡ଼ଖଣ୍ଡ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଜନଜାତିଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି ବୋଲି ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀରାମ ପ୍ରକାଶ କରିଥିଲେ ।

### ଖଣ୍ଡପଡାବାସୀଙ୍କୁ ଅତିଷ୍ଠ କଲାଣି ମଶା

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ସହରରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ସାଂପ୍ରତିକ ପରିସ୍ଥିତିରେ ମଶା, ମାଛିଙ୍କ ଦୌରାତ୍ମ୍ୟ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ସହରର ଗଳିକନ୍ଦି ରାସ୍ତାରେ ଥିବା ଡ୍ରେନ ଗୁଡିକ ବର୍ଷାଦିନ ପୂର୍ବରୁ ଠିକ୍ ରୁପେ ସଫା ହୋଇ ନଥିବାରୁ ଏହା ମଶାଙ୍କ ପାଇଁ ଏନ୍ତୁଡିଶାଳ ପାଲଟିଥିବା ଜଣାପଡିଛି । ସହରର ଡ଼ାକ୍ତରଖାନା ଛକରୁ ଜେଲଖାନା ଛକ ଦେଇ ମଣିକର୍ଣ୍ଣିକା ସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଆଦୌ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଆବର୍ଜନା ଜଳ ନିଷ୍କାସନ ହୋଇ ନପାରି ରାସ୍ତା ପାର୍ଶ୍ୱରେ ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । କିବା ଦିନ ଓ ରାତିରେ ମଶା ମାଛିଙ୍କ ଦୌରାତ୍ମ୍ୟ ଯୋଗୁଁ ସହରବାସୀ ତ୍ରାହି ତ୍ରାହି ଡ଼ାକୁଥିବା ବେଳେ ଏନଏସି କର୍ତ୍ତୃପକ୍ଷ ମଶା ବଂଶନାଶ ନିମନ୍ତେ ମଶାମରା ଧୂଆଁ ପ୍ରୟୋଗ କରି ନଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଦକ୍ଷିଣ କୋରିଆରେ ବାଚସ୍ପତି ସୁରମା ପାଢ଼ୀ
## ଶିକ୍ଷା, ସାମାଜିକ, ସାଂସ୍କୃତିକ ଭାବବିନିମୟ



ଭୁବନେଶ୍ୱର(ସବ୍ୟୁ): ବାଚସ୍ପତି ସୁରମା ପାଢ଼ୀ ତାଙ୍କର ବିଦେଶ ଗସ୍ତ ସମୟରେ ଦକ୍ଷିଣ କୋରିଆରେ ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା । ସେଠାରେ ଥିବା ଭାରତର ରାଷ୍ଟ୍ରଦୂତ ଅମିତ କୁମାର ବାଚସ୍ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ଅବତାରଣା କରିବା ସାଙ୍ଗକୁ ଓଡ଼ିଶା ସହ ଦକ୍ଷିଣ କୋରିଆର ସାମାଜିକ ଓ ସାଂସ୍କୃତିକ ଭାବବିନିମୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଶ୍ରୀ କୁମାରଙ୍କ ସହ ବାଚସ୍ପତି ଦକ୍ଷିଣ କୋରିଆର ବୃହତ ଇସ୍ପାତ ନିର୍ମାଣକାରୀ କମ୍ପାନୀ ପୋସ୍କୋ ସହ ଜିନ୍ଦଲ ଷ୍ଟିଲ କମ୍ପାନୀ ମଧ୍ୟରେ ହୋଇଥିବା ବୁଝାମଣା ଚୁକ୍ତି ଓ ଓଡ଼ିଶାରେ ଇସ୍ପାତ କମ୍ପାନୀ ପ୍ରତିଷ୍ଠା, ପୁଞ୍ଜିନିବେଶ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସାୟିକ ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ ।

ଏହାସହ ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରର ବିକାଶରେ ପାରସ୍ପରିକ ସହଯୋଗ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା । ଦକ୍ଷିଣ କୋରିଆରେ ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଓ ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇ ରାଷ୍ଟ୍ରଦୂତ ଶ୍ରୀ କୁମାର କହିଥିଲେ ଯେ ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲ୍‌ଚରାଲ୍ ରିଲେସନ୍ସ (ଆଇସିସିଆର୍) ପକ୍ଷରୁ ଦକ୍ଷିଣ କୋରିଆ ସ୍ଥିତ ଭାରତୀୟ ଦୂତାବାସଠାରେ ଆୟୋଜିତ 'ସାରଙ୍ଗ' ଉତ୍ସବକୁ ଏକ ଓଡ଼ିଶୀ ନୃତ୍ୟ ଦଳ ପଠାଯାଇଥିବା ବେଳେ ସେମାନେ ସେଠାରେ ମୁଖ୍ୟ ସ୍ଥାନଗୁଡ଼ିକରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଏଠାକାର ସ୍ଥାନୀୟ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ରଠାରେ ମଧ ନିୟମିତ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରାଯାଉଅଛି ବୋଲି ଶ୍ରୀ କୁମାର ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ବିଧାନସଭାର ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।

**ଭାରତୀୟ ଦୂତାବାସ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା**

## ବନ୍ଧୁକ ମୁନରେ ଇ-କାର୍ଟ କାର୍ଯ୍ୟାଳୟରେ ଡ଼କାୟତି

ସାଲେପୁର,(ସବ୍ୟୁ) :ସାଲେପୁର ଥାନା ଅନ୍ତର୍ଗତ ସାଲେପୁର-କେନ୍ଦ୍ରାପଡା ମୁଖ୍ୟ ରାସ୍ତାର କଳାଗ୍ନି ଛକ ନିକଟରେ ଥିବା ଇ-କାର୍ଟ କାର୍ଯ୍ୟାଳରୁ ରାତି ସମୟରେ ଏକ ବଡ଼ଧରଣର ଡ଼କାୟତି ଘଟଣା ଘଟି ଯାଇଛି । ଚାରିଜଣ ଦୁର୍ବୃତ୍ତ ମୁଣ୍ଡରେ ହେଲମେଣ୍ଟ ପିନ୍ଧି ଦୁଇଟି ମଟରସାଇକେଲରେ ଆସି କମ୍ପାନୀ କାର୍ଯ୍ୟାଳୟ ଭିତରେ ଭଦ୍ରଲୋକଙ୍କ ଭଳି ପସି କମ୍ପାନୀର କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଓ ଛୁରୀ ଦେଖାଇ ଉଭୟଙ୍କୁ ଭୟଭୀତ କରି ଲକର ମଧ୍ୟରେ ଥିବା ପାଞ୍ଚ ଲକ୍ଷରୁ ଉର୍ଦ୍ଧ ଟଙ୍କା ଲୁଟିନେଇ ଦୁଇଟି ମଟରସାଇକେଲରେ ଚମ୍ପଟ ମାରିଥିଲେ । ସାଲେପୁର ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଲେ ଲୁଟେରାମାନଙ୍କର କୌଣସି ସନ୍ଧାନ ପାଇ ପାରିନାହିଁ । ଏହି ଘଟଣା ସାଲେପୁର ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଅପରପକ୍ଷରେ ବିଭିନ୍ନ ସ୍ଥାନରେ ସିସି ଟିଭି ଯାଞ୍ଚ କରିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି କରାଯାଉଥିବା ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

## ଓଏଏସ୍ ଛାତ୍ରୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା

କେନ୍ଦ୍ରାପଡା (ସବ୍ୟୁ): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ଜମଧର ପଂଚାୟତ ବଡଗାଁ ଗ୍ରାମର ଦୈତାରୀ ଜେନାଙ୍କ ଝିଅ ଦିବ୍ୟଜ୍ୟୋତି ଜେନା ଚଳିତ ବର୍ଷ ଓ.ଏ.ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଥିବାରୁ ବିଧାୟକ ଗଣେଶ୍ୱର ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସମ୍ବର୍ଦ୍ଧନା ସମୟରେ ଜମଧର ପଂଚାୟତ ର ସଭାପତି ଦାମୋଦର ଜେନା, ଯୁବନେତା ରାଜେଶ ପଣ୍ଡା, ଲକ୍ଷ୍ମୀଧର ପଲାଇ, ଅନ ପଲାଇଙ୍କ ସମେତ ପଂଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ : ୪ ଗିରଫ
### ୧୪ ଜିଲ୍ଲାରେ ଗଞ୍ଜେଇ ଚାଷ, ୫ବର୍ଷରେ ୩ ହଜାର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଖଣ୍ଡଗିରି ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଅଟୋରୁ ୨୧କେଜି ଗଞ୍ଜେଇ ଜବତ ହୋଇଛି । ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲ୍ଲାରେ । ସେମାନେ କ୍ରମାଗତ ଭାବେ ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରକୁ ଗଞ୍ଜେଇ ଚାଲାଣ କରନ୍ତି ବୋଲି କହିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ କସ୍ତୁପାଣି ଦିଗାଲ, ନୀଳାଚଳ ବେହେରା, ନବଘନ ଦିଗାଲ ଓ ସୀମା ଓରଫ ହିମାଚଳ ବେହେରା । ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଭାରତର ବିଭିନ୍ନ ସହରକୁ ଓଡ଼ିଶାରୁ ଗଞ୍ଜେଇ ଚାଲାଣ ହେଉଛି । ମୋଷ୍ଟ ୱାଣ୍ଟେଡ୍ ଗଞ୍ଜେଇ ମାଫିଆ ନିଲୁ ପ୍ରଧାନକୁ ମୁମ୍ବାଇ ଏନ୍‌ସିବି ଗିରଫ କରିବା ପରେ ବହୁ ରହସ୍ୟ ଉନ୍ମୋଚନ ହେଉଛି ଓ ଅଧିକ ଉନ୍ମୋଚିତ ହେବ ବୋଲି ସୂଚନା ମିଳିଛି । ଓଡ଼ିଶାର ୧୪ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଛି । ପୂର୍ବରୁ ମାଓବାଦୀମାନେ ଗଞ୍ଜେଇ ଚାଷ କରୁଥିଲେ । ସେମାନଙ୍କ ସଂଖ୍ୟା ହ୍ରାସ ପାଇବା ପରେ ଗଞ୍ଜେଇ ମାଫିଆମାନେ ସକ୍ରିୟ ହୋଇ ଚାଷ କରୁଛନ୍ତି । ସେମାନେ ଶିଳାବତୀ, ମଣିପୁରୀ ଓ କୋରାପୁଟ ଗଞ୍ଜେଇ ଚାଷ କରୁଛନ୍ତି । ଏହି ତିନି ପ୍ରକାର ଗଞ୍ଜେଇରୁ ଓଡିଶା ଶିଳାବତୀ ଗଞ୍ଜେଇର ଚାହିଦା ଅନ୍ୟ ଗଞ୍ଜେଇ ଠାରୁ ଅଧିକ । ଓଡ଼ିଶାର ଶିଳାବତୀ ଗଞ୍ଜେଇକୁ ଗଞ୍ଜାମର ନିଲୁ ପ୍ରଧାନ ମୁମ୍ବାଇ ସେଲିବ୍ରିଟିଙ୍କ ପାଖକୁ ଚାଲାଣ କରୁଥିଲା । ସେ କେବଳ ମୁମ୍ବାଇ ନୁହେଁ ଗୁଜରାଟ, ତାମିଲନାଡୁ ପ୍ରଭୃତି ରାଜ୍ୟକୁ ମଧ ଚାଲାଣ କରୁଥିବା ଖବର ଏନ୍‌ସିବି ପାଖରେ ଅଛି । ଦିଲ୍ଲୀ, ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସମେତ ଭାରତର ବିଭିନ୍ନ ରାଜ୍ୟରେ ଓଡ଼ିଶାର ଶିଳାବତୀ ଗଞ୍ଜେଇର ପ୍ରବଳ ଚାହିଦା । ମୂଲ୍ୟ ମଧ ମାତ୍ରାଧିକ । ସେଥିପାଇଁ ମାଫିଆ ନିଲୁ ପ୍ରଧାନ ଓ ଅନ୍ୟମାନେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରି ପ୍ରଚୁର ଟଙ୍କା ରୋଜଗାର କରୁଛନ୍ତି ।



କନ୍ଧମାଳରୁ ଭୁବନେଶ୍ୱରକୁ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରାଯାଉଥିବା ଅବକାରୀ ଓ ପୋଲିସ ପର୍ଦ୍ଦାଫାସ କରିବା ପରେ ତାହା ମଧ ବନ୍ଦ ହେଉନାହିଁ । ମାଫିଆମମାନେ ନୂଆ ନୂଆ ମହିଳା ଓ ପୁରୁଷଙ୍କୁ ଗଞ୍ଜେଇ ଚାଲାଣରେ ସାମିଲ କରୁଛନ୍ତି । ଜଣେ ପୂର୍ବତନ ଅବକାରୀ କମିଶନରଙ୍କ କହିବାନୁଯାୟୀ ୧୪ ଜିଲ୍ଲାରେ ହେଉଥିବା ଗଞ୍ଜେଇ ଚାଷକୁ ବନ୍ଦ କରାନଗଲେ ଚାଲାଣ ରୋକାଯାଇ ପାରିବ ନାହିଁ । ସାରା ଭାରତରେ ଓଡ଼ିଶା ଗଞ୍ଜେଇର ଚାହିଦା ମାତ୍ରାଧିକ । ଅବକାରୀ ଓ ପୋଲିସ ହଜାର ହଜାର କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ହଜାର ହଜାର ମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି । ଦୀର୍ଘଦିନ ପରେ କେତେକ ଜାମିନରେ ଆସୁଥିବା ବେଳେ ଓଡ଼ିଶାର ବହୁ ଜେଲ୍‌ରେ ଶହ ଶହ ଗଞ୍ଜେଇ ମାଫିଆ ଅଛନ୍ତି ।

### ତ୍ରୁଟିପୂର୍ଣ୍ଣ ହାଲ ନକ୍ସା ସଂଶୋଧନ ପାଇଁ ଗ୍ରାମବାସୀଙ୍କ ଫେରାଦ

କେନ୍ଦ୍ରାପଡା (ସବ୍ୟୁ): ଜିଲ୍ଲାର ଡେରାବିଶ ତହସିଲ ଅଧିନ ରାଜନଗର ମୌଜାର ବହୁ ଜାଗାର ହାଲ ନକ୍ସା ତ୍ରୁଟିପୂର୍ଣ୍ଣ ଥିବାରୁ ବିଭିନ୍ନ ସମୟରେ ଜନ ସାଧାରଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି । ଏହି ମୌଜାର ୨୦୧୩ ଓ ୧୪ ମସିହାରେ ସେଟେଲମେଣ୍ଟ ନକ୍ସା ପ୍ରକାଶ କରାଯାଇଛି । ନୂତନ ନକ୍ସା ଅନୁଯାଇ ଜମିର ପରିମାଣ ଠିକ୍ ଥିଲେ ମଧ ଚୌହଦି ଠିକ୍ ନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଜମିଜମା ସମ୍ବନ୍ଧୀୟ ବିବାଦ ସୃଷ୍ଟି ହୋଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି । ଏନେଇ ଗ୍ରାମବାସୀ ମାନେ ଆଜି ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରି ନୂତନ ଭାବେ ସରଜମିନ ତଦ' କରାଯାଇ ନିର୍ଭୁଲ ନକ୍ସା ପ୍ରଦାନ ପାଇଁ ଦାବି ଜଣାଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବିଜୟ ପରିଡା, ହୃଷିକେଶ ମହାପାତ୍ର, ମହେନ୍ଦ୍ର ସାହୁ, ଲତିକା ମଲିକ, ରଙ୍ଗଲତା ମଲିକ, ରବିନ୍ଦ୍ର ସାହୁ, ଦୈତାରୀ ସାମଲ, ରାମଚନ୍ଦ୍ର ମଲିକ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।






## ବ୍ୟାଙ୍କ ଉପ ପରିଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲୁଗାଁ ,(ସବ୍ୟୁ) :ସୋମବାର ସକାଳେ ବାଲୁଗାଁ ବଜାର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଉପ ପରିଚାଳକଙ୍କ ଅସ୍ୱାଭାବିକମୃତ୍ୟୁ ଘଟିଛି ।ତେବେ ଏହା ହୃଦଘାତ ଜନିତ ବୋଲି ଅନୁମାନ କରାଯାଇଛି ।ଖବର ପାଇ ବାଲୁଗାଁ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ପୋଲିସ ପକ୍ଷରୁ ୧୭/ ୨୦୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାଲୁଗାଁ ଆଇସିଆଇସିଆଇ ବ୍ୟାଙ୍କର ଉପ ପରିଚାଳକ ଶ୍ରୁଜନ ସମ୍ମିତ ପୁରୋହିତ (୩୦) ଗତ କିଛିବର୍ଷ ହେବ ଏଠାରେ କାର୍ଯ୍ୟ କରି ଆସୁଥିବା ବେଳେ ବାଲୁଗାଁ ଉତ୍ତରାୟଣୀ ରୋଡ଼ ନିକଟରେ ଭଡା ସୂତ୍ରରେ ରହୁଥିଲେ । ଶ୍ରୀ ପୁରୋହିତଙ୍କ ଗତ ସପ୍ତାହରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାରୁ ସେ ଛୁଟିରେ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଶୁକ୍ରବାର ବ୍ୟାଙ୍କରେ ଯୋଗ ଦେଇଥିଲେ। ସୋମବାର ସକାଳ ୧୧ଟା ସୁଦ୍ଧା ବ୍ୟାଙ୍କକୁ ନଆସିବା ଫଳରେ ଶ୍ରୀ ପୁରୋହିତ ଶୋଇ ପଡିଛନ୍ତି ଭାବି ବ୍ୟାଙ୍କର ପରିଚାଳକ ଜଣେ କର୍ମଚାରୀଙ୍କୁ ପଠାଇଥିଲେ। କର୍ମଚାରୀ ଜଣଙ୍କ ଆସି ଦେଖିବାକୁ ପାଇଲେ ତାଙ୍କ ଭଡାଘର କବାଟ ଖୋଲା ଥିବା ବେଳେ ସେ ଫ୍ୟାନ ଲଗାଇ ତଳେ ଶୋଇଛନ୍ତି । କର୍ମଚାରୀ ଯେତେ ଡାକିଲେ ମଧ ଶ୍ରୀ ପୁରୋହିତ ଆଉ ଉଠି ନଥିଲେ। ଶ୍ରୀ ପୁରୋହିତ ସ୍ୱାସ୍ଥ୍ୟ ଖରାପ ଥିବା ସନ୍ଦେହ କରି ସ୍ଥାନୀୟ ଡାକ୍ତରଙ୍କୁ ଆଣି ଯାଞ୍ଚ କରାଇବାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଥିଲା। ଏ ସମ୍ପର୍କରେ ବାଲୁଗାଁ ଥାନାରେ ବ୍ୟାଙ୍କର ପରିଚାଳକ ଲିଖିତ ଅଭିଯୋଗ କରିଥିଲେ । ମୃତକ ଶ୍ରୀ ପୁରୋହିତଙ୍କ ଘର ବରଗଡ଼ ଅଞ୍ଚଳର ଉତ୍ତମ ରାଜ ପୁରୋହିତଙ୍କ ପୁଅ ଜାଣିବା ପରେ ତାଙ୍କୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଖବର ଦିଆ ଯାଇଥିଲା ।ପରିବାରର୍ଗ ସନ୍ଧ୍ୟାରେ ବାଲୁଗାଁରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଇ ତାଙ୍କ ପରିବୋରକୁ ହସ୍ତାନ୍ତର କରାଯାଇଥିଲା । ତେବେ ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ଆଇ ଆଇ ସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

### କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ପଦ ନିଯୁକ୍ତିର ଯୋଗ୍ୟତା ପ୍ରସଙ୍ଗ
## ସରକାରଙ୍କ ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ


କଟକ,(ସବ୍ୟୁ): କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ(ଜେଏଫଟିଏ) ପଦ ପାଇଁ ଯେଉଁ ଯୋଗ୍ୟତା ଧାର୍ଯ୍ୟ କରାଯାଇଥିଲା ତାହାକୁ ଚ୍ୟାଲେଞ୍ଜ କରି ରୁଜୁ ଏକାଧିକ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଖାରଜ କରିବା ଅବସରରେ ହାଇକୋର୍ଟ କହିଛନ୍ତି ଯେ, ରାଜ୍ୟ ହେଉଛି ଏକ ନିଯୁକ୍ତିଦାତା । ଯେତେବେଳେ କୌଣସି ପଦଲାଗି ରାଜ୍ୟ ସରକାର ଯୋଗ୍ୟତା ଧର୍ଯ୍ୟ କରିବେ ସେତେବେଳେ ଉକ୍ତ ପଦପାଇଁ କେଉଁମାନେ ଯୋଗ୍ୟ ବା କେଉଁ ଯୋଗ୍ୟତାଧାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବ ତାହା ରାଜ୍ୟ ସରକାର ଭଲଭାବେ ଜାଣିଛନ୍ତି । କୌଣସି ନିଯୁକ୍ତି ପଛରେ ସାମାଜିକ ପ୍ରଭାବ କ'ଣ ରହିଛି ତାହା ନିରୂପଣ କରିବା କାର୍ଯ୍ୟ ସର୍କାରଙ୍କର । କୌଣସି ପଦଲାଗି ଯେତେବେଳେ କିଛି ଯୋଗ୍ୟତା ଧାର୍ଯ୍ୟ କରାଯାଇଥାଏ ନିଶ୍ଚିନ୍ତ ଭାବରେ ଏହା ପଛରେ ଉକ୍ତ ଅନୁଷ୍ଠାନର ସ୍ୱାର୍ଥ ନିହିତ ରହିଥାଏଛ ତେଣୁ ଏଭଳି କ୍ଷେତ୍ରରେ ଅଦାଲତ କୌଣସି ପଦ ଲାଗି ଯୋଗ୍ୟତା କ'ଣ ରହିବା ଆବଶ୍ୟକ ତାହା ସ୍ଥିର କରିପାରିବେ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଜେଏଫଟିଏ ପଦ ଲାଗି ଯେଉଁ ସର୍ବନିମ୍ନ ଯୋଗ୍ୟତା ଧାର୍ଯ୍ୟ କରାଯାଇଛି ସେଥିରେ ହାଇକୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି ଛ ରୋସନ କୁମାର ବରାଳ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତିଛ ମାମଲାରୁ ଜଣାଯାଇଛି ଯେ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ୬୭ଟି ଜେଏଫଟିଏ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲାଛ ଯେଉଁମାନଙ୍କର ଯୁକ୍ତ-୨ ଧନ୍ଦାମୂଳକ ଶିକ୍ଷା(ମତ୍ସ୍ୟ) ଯୋଗ୍ୟତା ଥିବ ଏବଂ ସେ ନିଶ୍ଚିତ ଭାବେ ପହଁରା ଶିଖିଥିବେ ଅବା ଯୁକ୍ତ-୨ ବିଜ୍ଞାନରୁ ପାସ୍ କରିଥିବେ ସେ ଏହି ପଦଲାଗି ଆବେଦନ କରିପାରିବେ ବୋଲି କୁହାଯାଇଥିଲା । ଏହି ଯୋଗ୍ୟତାକୁ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟକୁ ଆସିଥିଲେ । ପିଟିସନ୍‌ରେ ଦର୍ଶାଯାଇଥିଲା ଯେ, ସେମାନେ ଓୟୁଏଟି ଭଳି ଏକ ସୁନାମଧନ୍ୟ କୃଷି ବିଶ୍ୱବିଦ୍ୟାଳୟରୁ ଆଗ୍ରୋ ପଲିଟେକ୍ନିକ୍ ଏବଂ ମତ୍ସ୍ୟ ବିଜ୍ଞାନରେ ପାସ୍ କରିଛନ୍ତିଛ ତେଣୁ ସେମାନଙ୍କୁ ଏହି ପଦଲାଗି ଆବେଦନ କରିବାକୁ ସୁଯୋଗ ଦିଆଯାଉ । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ ଏହି ରାୟ ପ୍ରକାଶ କରିଛନ୍ତି ।






## ମଇଁଷି ବୋଝେଇ କଣ୍ଟେନର ଜବତ, ୩ ଗିରଫ : ୩୮ ଜୀବନ୍ତ ମଇଁଷି ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ର ବରୁଣେଇ ଓଭରବ୍ରିଜ ନିକଟରୁ ଏକ ମଇଁଷି ବୋଝେଇ କଂଟେନର କୁ ବଜରଙ୍ଗ ଦଳ କର୍ମକର୍ତା ଧରି ଶିଳ୍ପାଂଚଳ ଥାନା ପୁଲିସ ଜିମ୍ମା ଦେଇଛନ୍ତି । ପୁଲିସ କଂଟେନର ରୁ ୪୦ଟି ମଇଁଷି ଉଦ୍ଧାର କରିଥିଲା । ଦୁଇଟି ମଇଁଷି ମୃତ୍ୟୁବରଣ କରିଥିବାବେଳେ ୩୮ଜୀବନ୍ତ ମଇଁଷିକୁ ଉଦ୍ଧାର କରି ଗୋସାଳାରେ ଛାଡିଛି ।ଏହି ଘଟଣାରେ ପୁଲିସ କଟକ ଜିଲ୍ଲା ନିଶାନପଲୀ ଥାନା ବଜାରସାହି ସୁକ୍ରପଦା ନାସିର ଖାନ(୨୫) ଏବଂ କେରଳ ର ଶ୍ରୀନାଥ କେ.ପି. (୨୬) ଓ ମନସୁର କେ(୨୯)ଙ୍କୁ ଗିରଫ କରିଛି । ଭୁବନେଶ୍ୱର ଦିଗରୁ ଏକ ମଇଁଷି ବୋଝେଇ କଂଟେନର ଖୋର୍ଦ୍ଧା ଅଭିମୁଖେ ଆସୁଥିଲା । ଖବର ପାଇ ବଜରଙ୍ଗ ଦଳ କର୍ମକର୍ତା ଗାଡିକୁ ଭୋର ସମୟରେ ବରୁଣେଇ ଓଭରବ୍ରିଜ ନିକଟରେ ଅଟକାଇ ଶିଳ୍ପାଂଚଳ ପୁଲିସ ଜିମା ଦେଇଥିଲେ । ପୁଲିସ କଂଟେନର କୁ ଜବତ କରିଥିଲା । ଜବତ ବେଳେ ୪୦ମଇଁଷି ମଧ୍ୟରୁ ୨ଟି ମରିଥିବା ଦେଖିଥିଲା । ଅବଶିଷ୍ଟ ୩୮ଜୀବନ୍ତ ମିଁଷିକୁ ପୁଲିସ ଗୋସାଲା ରେ ଛାଡିଛି । ଏହି ଘଟଣାରେ ପୁଲିସ ୨୪୬/୨୪ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରିଛି ।



## ନୂଆଦିଲ୍ଲୀରେ ଆଇଡିଏସପିର ୨୦ ବର୍ଷିଆ ସ୍ମାରକୀ କାର୍ଯ୍ୟକ୍ରମ

# ଜନସ୍ୱାସ୍ଥ୍ୟ ନିରୀକ୍ଷଣରେ ଉତ୍କୃଷ୍ଟତା ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀରେ ଆୟୋଜିତ ଆଇଡିଏସପିର ୨୦ ବର୍ଷିଆ ସ୍ମାରକୀ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିରୀକ୍ଷଣକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟକୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସ୍ୱୀକୃତି ଓଡିଶାର ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟର ଉତ୍ସର୍ଗିକୃତ ସେବା ମନୋଭାବ ଏବଂ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡ଼ ପ୍ରମିଳା ବରାଳ ଏବଂ ଯୁଗ୍ମ-ନିର୍ଦ୍ଦେଶକ-ତଥା-ଏସଏସଓ ଆଇଡିଏସପି ଡ଼ ଅଶୋକ କୁମାର ପାଇକରାୟ ଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ।



ବିପର୍ଯ୍ୟୟ, ବନ୍ୟା, ବାତ୍ୟା ସମୟରେ ରାଜ୍ୟ ନିରୀକ୍ଷଣ ୟୁନିଟ ୨୪ ଘଣ୍ଟିଆ କାର୍ଯ୍ୟକରି ବିଭିନ୍ନ ରୋଗକୁ ଠିକ୍ ସମୟରେ ଚିହ୍ନଟ କରିବା ସହ ସେଗୁଡିକର ମୁକାବିଲା ସୁନିଶ୍ଚିତ କରିଥାଏ । କଣ୍ଟ୍ରୋଲ ରୁମ୍ ଗୁଡିକ ରୋଗର ଧାରା ଉପରେ ତୀକ୍ଷ୍ଣ ନଜର ରଖିବା ସହ ପ୍ରାପ୍ତ ତଥ୍ୟର ବିଶ୍ଳେଷଣ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି । ଏହି ସକ୍ରିୟ ଆଭିମୁଖ୍ୟ ଜନସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ସହିତ ଅନେକ ମହାମାରୀର ପ୍ରାରମ୍ଭିକ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ରାଜ୍ୟ ନିରୀକ୍ଷଣ ୟୁନିଟ ସକ୍ଷମ ହୋଇପାରିଛି । ରାଜ୍ୟ ନିରୀକ୍ଷଣ ୟୁନିଟ ଦ୍ୱାରା ଯଥା ସମୟରେ ରୋଗ ନିରୀକ୍ଷଣ ପାଇଁ ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପ୍ଲାଟଫର୍ମ (ଆଇଏଚ୍ଆଇପି)ର ସଫଳ ରୂପାୟନ କରାଯାଇ ନିୟମିତ ତଦାରଖ କରାଯାଉଛି । ଭେକ୍ଟରବାହିତ, ଖାଦ୍ୟବାହିତ, ଜଳବାହିତ, ଜୁନୋଟିକ୍ସରୁ ଉତ୍ପନ୍ନ ରୋଗ ଓ ଅନ୍ୟାନ୍ୟ ରୋଗର ପ୍ରାଦୁର୍ଭାବକୁ ଠିକ୍ ସମୟରେ ଚିହ୍ନଟ ଏବଂ ଏଗୁଡିକର ସଠିକ ଅନୁସନ୍ଧାନ ପାଇଁ ସମୟୋପଯୋଗୀ ଡାଟା ଏଣ୍ଟ୍ରି ଏବଂ ତାହାର ବିଶ୍ଳେଷଣ କରାଯାଉଛି । ଏହା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ସମୁଚିତ ସମନ୍ୱୟ ମାଧ୍ୟମରେ ସଂକ୍ରମଣର ଦ୍ରୁତ ମୁକାବିଲା କରାଯାଉଛି । ରୋଗ ନିରୀକ୍ଷଣ ଓ ନିୟନ୍ତ୍ରଣ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରାଯାଉଛି । ଜିଲ୍ଲା ନିରୀକ୍ଷଣ ୟୁନିଟ୍ ଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରାଯାଉଛି । ତାସହ ରାଜ୍ୟ ନିରୀକ୍ଷଣ ୟୁନିଟ ପକ୍ଷରୁ ରୋଗ ନିରୀକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଛି ।

## ୬ ଲକ୍ଷ ସାଇବର ଠକେଇ

# ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ୬ଲକ୍ଷ ୧୯ ହଜାର ଟଙ୍କା ସାଇବର ଠକ ଠକି ନେଇଥିବା ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ପ୍ରମୋଦ କୁମାର ସାହୁ ଓରଫ ସୋନୁ (୩୪)କୁ ଗିରଫ କରି କୋର୍ଟଚାଲାଣ କରିଛି । ତା'ନିଜ ଘର ବାଙ୍କିରେ ହୋଇଥିବା ବେଳେ ସେ କପିଳପ୍ରସାଦ ଅଞ୍ଚଳରେ ଭଡାକୁ ରୁହେ । ୧୦ମ ଫେଲ୍ ହୋଇଥିଲେ ମଧ୍ୟ ସାଇବର ଠକେଇରେ ମାହିର ।

ଅଭିଯୋଗକାରୀ ଅଭିଯୁକ୍ତର ହ୍ୱାଟ୍ସପ୍ ଗ୍ରୁପ୍‌ରେ ସାମିଲ ହେବା ପରେ ଅନ୍‌ଲାଇନରେ ଆକାଉଣ୍ଟ ଖୋଲିବାକୁ ଅଭିଯୁକ୍ତ ତାଙ୍କୁ ପରାମର୍ଶ ଦେଇଥିଲେ । ସେ ଆକାଉଣ୍ଟ ଖୋଲିବା ପରେ ଅଗଷ୍ଟ ୨୧ ତାରିଖରୁ ସେପ୍ଟେମ୍ବର ୧୦ ତାରିଖ ମଧ୍ୟରେ ସେ ୬ଲକ୍ଷ ୧୯ ହଜାର ଟଙ୍କା ସେହି ଆକାଉଣ୍ଟରେ ଦାଖଲ କରିଥିଲା । ଜମାକାରୀ



ଟଙ୍କା ଉଠାଇବାକୁ ଚାହିଁଥିବା ବେଳେ ତାହା ସମ୍ଭବ ହୋଇନଥିଲା । ଯାହା ଫଳରେ ସେ ଅଭିଯୁକ୍ତ ପ୍ରମୋଦ ସହ ଯୋଗାଯୋଗ କରିଥିଲେ ମଧ୍ୟ ଟଙ୍କା ଫେରିପାଇବା ସମ୍ଭବ ହୋଇପାରିନଥିଲା । ବିଭିନ୍ନ ଲୋକଙ୍କୁ ମିଛ ପ୍ରଲୋଭନ ଦେଖାଇ ଆକାଉଣ୍ଟ ଖୋଲାଇବା ପରେ ସାଇବର ଠକ ଠକିବା ସହଜ ହେଉଛି । ଅଭିଯୁକ୍ତର ଇକୋ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧.୧୩ଲକ୍ଷ ଟଙ୍କା ପୋଲିସ ଫ୍ରିଜ୍ କରିଛି । ତା'ନିକଟରୁ ୨ଟି ମୋବାଇଲ ଫୋନ୍, ଭାରତୀୟ ବ୍ୟାଙ୍କର ୱାନ ରୂପେ ଡେଭିଡ୍ କାର୍ଡ, ଆକ୍ସିସ୍ ବ୍ୟାଙ୍କ ଭିସା ଡେଭିଡ୍ କାର୍ଡ, ୱାନ ରୂପେ ଏସ୍‌ବିଆଇ ଡେଭିଡ୍ କାର୍ଡ, ଓଭରସିଜ୍ ବ୍ୟାଙ୍କ ୱାନ ରୂପେ ଡେଭିଡ୍ କାର୍ଡ ଅଭିଯୁକ୍ତ ପ୍ରମୋଦ ପାଖରୁ ଜବତ ହୋଇଛି । ତାକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବାମପନ୍ଥୀ ଦଳର ତଥ୍ୟାନୁସନ୍ଧାନ କମିଟି

# ଭୋକବିକଳରେ ଆମ୍ବ ଟାକୁଆ ଜାଉ ଖାଉଛନ୍ତି

ଭୁବନେଶ୍ୱର, (ସବ୍ୟୁ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଜାଉ ଖାଇ ଦୁଇଜଣ ମହିଳାଙ୍କ ମୃତ୍ୟୁହୋଇଥିବା ବେଳେ ୬ଜଣ ଚିକିତ୍ସିତ ହେଉଛନ୍ତି । ଲିଭର ସଂକ୍ରମିତ ହୋଇଥିବାରୁ ଦୁଇଜଣ ମହିଳାଙ୍କୁ ଗତ ୨ ତାରିଖ ରାତିରେ କଟକ ଅନୁସନ୍ଧାନ କରିଛନ୍ତି । ସରକାରୀ କଳର ଚରମ ଅବହେଳା ଯୋଗୁଁ ବି.ପି.ଏଲ୍ ଚାଉଳ ପ୍ରଦାନରେ ଅନାବଶ୍ୟକ ବିଳମ୍ବ କାରଣରୁ ଏଭଳି ଦୁଃଖଦାୟକ ଘଟଣା ଘଟିଲା । ପ୍ରତିବର୍ଷ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ୪ ମାସ ଆଦିବାସୀ ଲୋକମାନେ ଖାଦ୍ୟାଭାବର ସମ୍ମୁଖୀନ ୪ ମାସ ପରେ ଚାଉଳ ମିଳିଛି । ଘଟଣାଘଟିବା ପରେ ବିଡ଼ିଓ ପ୍ରଥମ କରି ଗତ ୨ ତାରିଖରେ ସେହି ଗାଁକୁ ଯାଇଥିଲେ । ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ ବା ଅଧିକାରୀ ଏ ପର୍ଯ୍ୟନ୍ତ ସେହି ଗାଁକୁ ଯାଇ ନାହାନ୍ତି । ବ୍ରାହ୍ମଣୀ ଗାଁ ଡ଼ାକ୍ତର ଖାନା ଉନ୍ନତ




ବଡ଼ଡ଼ାକ୍ତରଖାନାକୁ ଆବଶ୍ୟକୀୟ ଚିକିତ୍ସା ପାଇଁ ପଠାଯାଇଥିବାବେଳେ ୪ଜଣ ଏବେ ବି ବ୍ରହ୍ମପୁର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗତ ରବିବାର ୩ ତାରିଖରେ ତିନି ବାମପନ୍ଥି ଦଳ ସିପିଆଇ, ସିପିଆଇ (ଏମ୍.ଏଲ୍) ଲିବରେସନ, ଅଲ୍‌ଇଣ୍ଡିଆ ଫରୱାର୍ଡ଼ ବ୍ଲକର ରାଜ୍ୟ ନେତୃବୃନ୍ଦ ମାଣ୍ଡିପଙ୍କା ଗାଁକୁ ଯାଇ କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ଘଟଣା ସଂକ୍ରାନ୍ତରେ ସବିଶେଷ ତଥ୍ୟ ହୁଅନ୍ତି । ଏହି ସମୟରେ ସେମାନଙ୍କ ପାଖରେ ଚାଉଳ, ମକାଭଳି ଖାଦ୍ୟ ପଦାର୍ଥ କି ଘରପାଖରେ କାମ ନଥାଏ । ତେଣୁ ସେମାନେ ଆମ୍ବ ଟାକୁଆ ଭଳି ଅଖାଦ୍ୟ ଖାଇବାକୁ ବାଧ୍ୟ ହୁଅନ୍ତି । ଯାହା ଚଳିତ ବର୍ଷ ମଧ୍ୟ ଘଟିଛି । ପୂର୍ବରୁ ସେମାନଙ୍କୁ ପ୍ରତିମାସରେ ଚାଉଳ ନମିଳି, ତିନିମାସରେ ଥରେ ପଞ୍ଚାୟତ ଅଫିସ୍‌ରେ ମିଳେ । ଚଳିତ ଥର ଦୁଇଜଣ ମୃତ୍ୟୁବରଣ କରିବା ଓ ୬ଜଣ ଆକ୍ରାନ୍ତ ହେବା ପରେ ନଭେମ୍ବର ୨ ତାରିଖରେ ହୋଇଥିଲେ ଅକାଳରେ ଦୁଇ ଜଣଙ୍କ ଜୀବନ ଯାଇ ନଥା'ବୋଲି ତଥ୍ୟ ଅନୁସନ୍ଧାନକାରୀ ଦଳରହୃଦ୍‌ବୋଧ ହୋଇଛି । ତେଣୁ ବିପି ଏଲ୍ ଚାଉଳ ପ୍ରତି ମାସରେ ସେମାନଙ୍କ ଗାଁରେ ଦିଆଯାଉ । ବ୍ରାହ୍ମଣୀ ଗାଁ ଡ଼ାକ୍ତରଖାନାକୁ ଅପଗ୍ରେଡ଼ କରାଯାଉ । ମୃତକ ଓ ଆହତଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାପାଇଁଏହି ତଥ୍ୟ ଅନୁସନ୍ଧାନକାରୀ ଦଳ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବୀକରିଛନ୍ତି । ।

## ଭିଏସ୍ଏସ୍ ନଗରରେ ଭାଗବତ ସପ୍ତାହ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀ ନୀଳକଣ୍ଠେଶ୍ୱର ଓ ମାଆ ଶାନ୍ତାନାରାୟଣୀ ମନ୍ଦିର ପରିଚାଳନା ନ୍ୟାସ ମଣ୍ଡଳୀ ଭିଏସ୍ଏସ୍ ନଗର (ପାଣିଟାଙ୍କି) ପକ୍ଷରୁ ଭାଗବତ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି । ସାତଦିନ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚକ ଡାକ୍ତର ରାଧାନାଥ ପଣ୍ଡା ଯୋଗଦେଇ ଉପସ୍ଥିତ ଭଗବତ୍‌ପ୍ରେମୀଙ୍କୁ ଭାଗବତର ସାରମର୍ମ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରବଚକ ଡାକ୍ତର ପଣ୍ଡା ଭାଗବତର ଆଧ୍ୟାତ୍ମ ଜ୍ଞାନର ଗୁଢ ରହସ୍ୟକୁ ଅତ୍ୟନ୍ତ ସରଳ ସାବଲିଳ ଭାଷାରେ ବୁଝାଇଥିଲେ। ସେ ଭାଗବତର ଅନୁଗାମୀମାନେ ଇହଲୋକ ଓ ପରଲୋକରେ ସୁଖ, ଶାନ୍ତି ଲାଭ କରିଥାନ୍ତି ବୋଲି କହିଥିଲେ। ପ୍ରତ୍ୟେକ ଗୃହସ୍ଥ ଲୋକ ପ୍ରତ୍ୟେହ ଭାଗବତର ଅଧ୍ୟୟନ କରି ଆଚରଣ ସିଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଭାଗବତ ସପ୍ତାହ ପ୍ରବଚନ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା ସଭାପତି ଦେବବ୍ରତ ପଟ୍ଟନାୟକ, ଡଃ ଗୋବିନ୍ଦ ଚନ୍ଦ୍ର ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ସଭ୍ୟ ହୃଦୟରାମ ବ୍ରହ୍ମା, ଇଂ ଶିବ ପ୍ରସାଦ ମିଶ୍ର, ଡା. କୁମୁଦ ଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ବିଶ୍ୱାଳ, ମହେଶ୍ୱର ହୋତା, ବିଜୟ ଦେ, ପ୍ରଶାନ୍ତ କୁମାର ସାହୁ, ମୁନିନ୍ଦ୍ର ମିଶ୍ର, ଜୟକୃଷ୍ଣ ପଟ୍ଟନାୟକ, ସନାତନ ନାୟକ, ସୁନୀତା ପଟ୍ଟନାୟକ, ପ୍ରଭାତୀ ମିଶ୍ର, ଅରୁନ୍ଧତୀ ଭୂୟାଁ, କବିତା ମିଶ୍ରଙ୍କ ସମେତ ସ୍ଥାନୀୟ ବହୁ ମହିଳା, ପୁରୁଷ ଭଗବତ୍ ପ୍ରେମୀମାନେ ସହାୟତା କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ରମେଶ ରଥ, ଶରତ ଦିକ୍ଷୀତ୍, ଭାଗ୍ୟ ମହାପାତ୍ର, ସନ୍ତୋଷ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ସହୟତା କରିଥିବା ନେଇ କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କରୋନା ବେଳର ମାମଲାକୁ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ): କରୋନା ସଂକ୍ରମଣ ବ୍ୟାପିଥିବା ସମୟରେ ଜଣେ ଇଞ୍ଜିନିୟର ହେଲ୍ମେଟ୍ ପିନ୍ଧିନଥିବା ଏବଂ ମାସ୍କ ପିନ୍ଧିନଥିବା କାରଣରୁ ତାଙ୍କ ବିରୋଧରେ ଏପିଡେମିକ ଡ଼ିଜିଜ ଆଇନ୍ ଆଧାରରେ ରୁଜୁ ମାମଲାକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟ ଏହି ଅବସରରେ କହିଛନ୍ତି ଯେ, କରୋନା ସମୟରେ ପ୍ରତ୍ୟେକ ନାଗରିକ ଏହି ମହାମାରୀକୁ ନେଇ ଚାପରେ ରହିଥିଲେ । ଯାହାକି ଆବେଦନକାରୀଙ୍କ ପିଟିସନ୍‌କୁ ସ୍ପଷ୍ଟ ଜଣାପଡୁଛି । ତେଣୁ ଏଭଳି ଘଟଣାକୁ ଏକ ଫୌଜଦାରୀ ଘଟଣା ବୋଲି କହି ପାରିବ ନାହିଁ । ଏହି ଘଟଣାଟି ଲକ୍ଡାଉନ୍ ସମୟରେ ଘଟିଥିଲା ଯା ଯେହେତୁ ମହାମାରୀ ସମୟ ଶେଷ ହୋଇଛି ତେଣୁ ସେହି ମାମଲା ଅଧାରରେ ଏହା ଗୁରୁତ୍ୱ ହରାଇଛି । ଏହି ଆଇନ ଅନୁସାରେ ରୁଜୁ ମାମଲା ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ । ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହାମାରୀ ସଂକ୍ରମଣକୁ ରୋକିବା, ଜଣକୁ ଦଣ୍ଡିତ କରିବା ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତେଣୁ ଏହି ପରିପେକ୍ଷୀରେ ଆବେଦନକାରୀଙ୍କ ବିରୋଧରେ ଏହି ମାମଲା ଚାଲିବା ପାଇଁ ଅନୁମତି ଦେଇ, ଟ୍ରାଏଲ୍ କୋର୍ଟଙ୍କର ଅନେକ ମୁଲ୍ୟବାନ ସମୟକୁ ନଷ୍ଟ ପାଇଁ ଛାଡ଼ିଦିଆଯାଇ ପାରିବ ନାହିଁ । କିନ୍ତୁ ଯଦି ଟ୍ରାଏଲ୍ ପାଇଁ ଛାଡ଼ି ଦିଆଯାଏ ତାହେଲେ ଅଭିଯୁକ୍ତ ଦଣ୍ଡିତ ହେବାର ବହୁ କମ୍ ସମ୍ଭାବନା ରହିଛି । ତେଣୁ ଆବେଦନକାରୀଙ୍କ ପିଟିସନ୍କୁ ବିଚାର ପାଇଁ ଗ୍ରହଣ କରି ତାଙ୍କ ବିରୋଧରେ ମଧୁପାଟଣା ଥାନାରେ ହୋଇଥିବା ଏଫଆଇଆରକୁ ହାଇକୋର୍ଟ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇଞ୍ଜିନିୟର ପ୍ରିୟରଞ୍ଜନ ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କ ବିରୋଧରେ ମଧୁପାଟଣା ଥାନା କରୋନା ସମୟରେ ଏକ ମାମଲା ରୁଜୁ କରିଥିଲା । ଯେଉଁଥିରେ ଅଭିଯୋଗ କରଯାଇଥିଲା ଯେ, ଆବେଦନକାରୀ ବିନା ହେଲ୍ମେଟ୍ ଏବଂ ମାସ୍କରେ ବାଇକ୍ ଚଲାଇ ଯାଉଥିଲେ । ମଧୁପାଟଣା ଛକରେ ପୁଲିସ୍ ତାଙ୍କୁ ଅଟକାଇବାରୁ ସେ ପୁଲିସ୍ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ନେଇ ମଧୁପାଟଣା ଥାନା ଏପିଡେମିକ୍ ଡିଜିଜ ଆଇନରେ ଆବେଦନକରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । କଟକ ଜେଏମ୍ଏଫସି(ସିଟି)ଙ୍କ ଅଦାଲତରେ ପ୍ରୋସିଡିଂ ପାଇଁ ମଧ୍ୟ ମାମଲା ଧାର୍ଯ୍ୟ ହୋଇଥିଲା । ଏହି ପ୍ରୋସିଡିଂକୁ ଚ୍ୟାଲେଞ୍ଜ କରି ଆବେଦକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ) : ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ବ୍ୟାଙ୍କ କଟକ ଅଞ୍ଚଳ ପକ୍ଷରୁ ୨୮ ଅକ୍ଟୋବର୨୦୨୪ରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ପରିକ୍ଷୀତ ଦାଶମହାପାତ୍ରଙ୍କ ମାର୍ଗଦର୍ଶନରେ ଚଳିତ ମାସ ୨୯ ତାରିଖରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳ କାର୍ଯ୍ୟାଳୟର ଅଧିକାରୀମାନେ



ଶପଥ ପାଠ କରିଥିଲେ। ଏଥି ସହିତ ଓଲଟପୁର ଏବଂ କୃଷ୍ଣପ୍ରସାଦ ଗ୍ରାମ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ଲୋକମାନଙ୍କ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ହନୁମାନ ମନ୍ଦିର ଆଗରୁ ବାଇକ ଚୋରି

ଖଣ୍ଡପଡା, (ସବ୍ୟୁ): ସୋମବାର ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ତୋଟା ହନୁମାନ ମନ୍ଦିର ସମ୍ମୁଖରୁ କେହି ଦୁର୍ବୃତ ଏକ ବାଇକ ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି । ଖଣ୍ଡପଡା ସହରର ମଙ୍ଗଳାସାହି ବାସିନ୍ଦା ଗୋପିନାଥ ବେହେରା ବାଇକ ଯୋଗେ ଖଳିସାହି ତୋଟା ହନୁମାନ ମନ୍ଦିର ଆଗରେ ବାଇକ ରଖି ଦର୍ଶନ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ ତାଙ୍କର ବାଇକଟିକୁ ଚୋରୀ କରି ନେଇଥିବା ଜଣାପଡିଛି । ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଗତ କିଛି ମାସ ବ୍ୟବଧାନରେ ଖଣ୍ଡପଡା ଓ ଖଳିସାହି ଅଂଚଳରେ ପୁଣି ବାଇକ ଚୋରୀ ର୍‍ୟାକେଟ ସକ୍ରୀୟ ହୋଇ ଉଠିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଖଣ୍ଡପଡ଼ା ଏସ୍‌ଡ଼ିପିଓ ଓ ନୟାଗଡ଼ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।

# ସୁନ୍ଦରଗଡ଼ରେ ସରକାରୀ ସ୍କୁଲ ଓ ଅଙ୍ଗନବାଡ଼ିର ଭିତ୍ତିଭୂମି ବଢାଇଲା ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ): ଗୁଣାତ୍ମକ ଶିକ୍ଷାର ବ୍ୟାପକ ଉପଲବ୍ଧତା ଏବଂ ଯୁବପିଙ୍କୁ ସଶକ୍ତ ସହିତ ଗୋଷ୍ଠୀ ବିକାଶ ଦିଗରେ ପ୍ରତିଶ୍ରୁତିବଦ୍ଧତାର ପରିଚୟ ଦେଇ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ର ଜାମକାନି କୋଇଲା ଖଣି ଅଞ୍ଚଳରେ ଥିବା ୧୪ଟି ସରକାରୀ ବିଦ୍ୟାଳୟ ଓ ୭ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଇଛି । ଏହି ଅଞ୍ଚଳର ୭୫୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବା ସହ ମୁଣ୍ଡେଲଖେତ, କୋଡାଜାଲଙ୍ଗା, ଭୋଗ୍ରାକାଚାର, ଘୋଘରପଲ୍ଲୀ, ଜାମକାନି ଓ ଗିରିସ୍ମା ଗ୍ରାମର ସରକାରୀ ବିଦ୍ୟାଳୟଗୁଡ଼ିକୁ ଡେସ୍କ ଓ ବେଞ୍ଚ, ଚେୟାର, ଟେବୁଲ, ରାକ୍ ଓ ଆଲମିରା ପ୍ରଦାନ କରାଯାଇଛି । ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷକ ସଂଘର ସଭାପତି ଓ ଗୋଷ୍ଠି ସଦସ୍ୟଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ କମ୍ପାନି ପକ୍ଷରୁ ଏହି ସହଯୋଗ ପ୍ରଦାନ କରାଯାଇଥିଲା ।

ବେଦାନ୍ତ କମ୍ପାନିର ଏଭଳି ପଦକ୍ଷେପ ସମ୍ପର୍କରେ ଭୋଗରକାଛର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ କହିଛନ୍ତି ଯେ ବେଦାନ୍ତର ଉଦାର ସହଯୋଗ ପାଇଁ ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ । ଏହା ଅନୁକୂଳ ଶିକ୍ଷଣ ବାତାବରଣ ସୃଷ୍ଟି କରିଛି ଛ ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ କହିଛନ୍ତି ଯେ ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି ଏବଂ ସେମାନଙ୍କ ପାଠପଢା ଉପରେ ଅଧିକ ଧ୍ୟାନ ଦେବାରେ ସହାୟକ ହେଉଛି ଛ ଏଥିରୁ ଶିକ୍ଷା କ୍ଷେତ୍ର ପ୍ରତି ବେଦାନ୍ତର ସମର୍ପଣ ମନୋଭାବର ପ୍ରମାଣ ମିଳୁଛି



। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ତଥା ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ଓଡ଼ିଶାର ଯୁବବର୍ଗଙ୍କ ଭବିଷ୍ୟତରେ ପୁଞ୍ଜିନିବେଶ କରି ଅଧିକ ସୁଯୋଗ, ଅଭିବୃଦ୍ଧି ଓ ବିକାଶ ପାଇଁ ରାସ୍ତା ପ୍ରଶସ୍ତ କରୁଛି । ଗ୍ରାମୀଣ ଓଡ଼ିଶାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ପାଇଁ କମ୍ପାନୀ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ସହିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥାଏ । ଏହି ପ୍ରୟାସ ଗୁଡିକ ଏହାର ପରିଚାଳନା କ୍ଷେତ୍ର ମଧ୍ୟରେ ଏବଂ ବାହାରେ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୂଚାଇଥାଏ । ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂଗଠନ ଏବଂ ଗୋଷ୍ଠି ସଦସ୍ୟଙ୍କ ସହଯୋଗରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ଦିଗରେ ସକ୍ରିୟ ଭାବେ ଯୋଗଦାନ କରୁଛି ।

# ଇସ୍କନର ଅସମୟରେ ରଥଯାତ୍ରାକୁ ଓଡ଼ିଶା ବିକାଶ ମହାମଞ୍ଚ ଓ ସେବା ପ୍ରତିନିଧିର ବିରୋଧ

ଭୁବନେଶ୍ୱର (ସବ୍ୟୁ): ଭଗବାନ ବେଦବ୍ୟାସଙ୍କ ରଚିତ ସ୍କନ୍ଧ ପୁରାଣ ଅନୁସାରେ ହଜାରହଜାର ବର୍ଷ ଧରି ଚତୁର୍ଦ୍ଧାବିଗ୍ରହଙ୍କ ମୂଳପୀଠ ପୁରୀ ଶ୍ରୀମନ୍ଦିରରେ ପ୍ରତିବର୍ଷ ଆଷାଢ଼ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଦେବୀ ଶାସ୍ତ୍ରୀୟ ବିଧବ୍ୟବସ୍ଥା ଓ ପରମ୍ପରା ଥିବାବେଳେ ଏହି ପରମ୍ପରାକୁ ବେଖାତିର କରି ଇସ୍କନ ସଂସ୍ଥା ପକ୍ଷରୁ ଯେଉଁଭଳି ଭାବରେ ଜଗନ୍ନାଥ ସଂସ୍କୃତିର ବିରୋଧୀ ଚରଣ କରି ଶାସ୍ତ୍ର ବିରୋଧୀ ଏବଂ ପରମ୍ପରା ବିରୋଧ ଅଦିନିଆ ରଥଯାତ୍ରାର ଆୟୋଜନ କରାଯାଇଛି । ଏହା ଜଗନ୍ନାଥ ସଂସ୍କୃତିର ପରିପନ୍ଥି ଅଟେ । ଏହି ଶାସ୍ତ୍ର ବିରୋଧୀ ଓ ପରମ୍ପରା ବିରୋଧୀ ଅସମୟରେ ଆୟୋଜିତ ଅଦିନିଆ ରଥଯାତ୍ରା ବିରୋଧରେ ପ୍ରତିବାଦ କରି ଓଡ଼ିଶାର ଏକ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଓଡ଼ିଶା ବିକାଶ ମହାମଞ୍ଚ, ସେବା ପ୍ରତିନିଧିର ସଦସ୍ୟବୃନ୍ଦ ଏବଂ ଜଗନ୍ନାଥ ସଂସ୍କୃତି ପ୍ରେମୀ ଜଗସାଧାରଣଙ୍କ ମିଳିତ ସହଯୋଗରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ଜଗସଚେତନତା କାର୍ଯ୍ୟକ୍ରମ ୩ତାରିଖ ରବିବାର ଅପରାହ୍ନ ୩ଘଣ୍ଟା ସମୟରେ ମାଷ୍ଟର କ୍ୟାଣ୍ଟିନ୍ ଛକ ପ୍ରେସ୍ କ୍ଲବ ନିକଟସ୍ଥ ଆଇ ଲଭ୍ ସାମ୍ନାରେ ଅନୁଷ୍ଠିତ ହୋଇଥିଲା । ବହୁ ଜଗନ୍ନାଥ ପ୍ରେମୀ ଜଗସାଧାରଣ ଏଠାରେ ଉପସ୍ଥିତ ରହି ନିଜର



ପ୍ରତିବାଦ ଜଣାଇବା ସହ ଜଗନ୍ନାଥ ସଂସ୍କୃତିର ସୁରକ୍ଷାରେ ଅଂଶ ଗ୍ରହଣ କରି ଆମ ସାଂସ୍କୃତିକର ଏକତା ଓ ଐକ୍ୟ ପ୍ରଦର୍ଶନ କରିଥିଲେ । ଓଡ଼ିଶା ବିକାଶ ମହାମଞ୍ଚର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ସଭାପତି ପ୍ରଣବ ଛୋଟରାୟ ଓ ସେବା ପ୍ରତିନିଧିର ପ୍ରତିଷ୍ଠାତା ନୀଳମଣି ମିଶ୍ର, ସଂପାଦକ ସତ୍ୟଜିତ ମହାତାବ ପ୍ରମୁଖ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ନିମନ୍ତେ ଯଥା ଇସ୍କନ ସଂସ୍ଥା ଏଭଳି ଶାସ୍ତ୍ର ବିରୋଧୀ ରଥଯାତ୍ରାକୁ ଅତିଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଦେବରାଜ ମଲ୍ଲିକ, କୋଷାଧ୍ୟକ୍ଷ ଦିଲ୍ଲୀପ କାନୁନ୍‌ଗୋ, ସଂଗଠନ ସଂପାଦକ ଦିଲ୍ଲୀପ ପଟ୍ଟନାୟକ, ସଂପାଦକ ଓ ଯୁଗ୍ମ ସଂପାଦକବୃନ୍ଦ ପ୍ରଭାତ ସାହୁ, ସୀତେନ୍ଦ୍ର ବଳିୟାରସିଂହ, ସନାତନ ଦାସ, କମଳାକାନ୍ତ ବାରିକ୍, ରାଜୀବ ସ୍ୱାଇଁ, ଶୁଭେନ୍ଦୁ ମହାନ୍ତି, ସଂଗ୍ରାମ ବରାଳ, ପ୍ରଶାନ୍ତ ବିଶ୍ୱାଳ, ନିହାର ରଞ୍ଜନ ପଟ୍ଟନାୟକ, ମହିଳା ବିଭାଗର ସଭାନେତ୍ରୀ ପୁଷ୍ପଲତା ମିଶ୍ର, ଅଞ୍ଜନା ସାହୁ, ଶୁଭ୍ରସ୍ମିତା ପାଣିଗ୍ରାହୀ, ସଙ୍ଗୀତା ମାଲୁ, ସବିତା ସାମଲ, କଳ୍ପନା ମହାରଣା, ପ୍ରଜ୍ଞା ମହାନ୍ତି, ଅନୀତା ପାତ୍ର ପ୍ରମୁଖ ଯୋଗଦାନ କରି ଇସ୍କନର ଏହି ରଥଯାତ୍ରାକୁ ତୁରନ୍ତ ବନ୍ଦ କରିବାକୁ ଦାବି ଜଣାଇଥିଲେ ।

## ନଭେମ୍ବର ୧୦ ତାରିଖରେ ବିଭିନ୍ନ ପ୍ରତିଯୋଗୀତା

ଭୁବନେଶ୍ୱର, (ସବ୍ୟୁ): ପିକକ୍ ଶିଶୁମେଳା ପରିପ୍ରେକ୍ଷୀରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ନଭେମ୍ବର ୧୦ ତାରିଖରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଭୁବନେଶ୍ୱର ୟୁନିଟ-୩ ସ୍ଥିତ ଏକାମ୍ର ହାଟ ଠାରେ ଅନୁଷ୍ଠିତ ହେବ । ଏହିଦିନ ସକାଳ ୮ ଟା ରେ ୨ୟ ରୁ ଦ୍ୱାଦଶ ଶ୍ରେଣୀ ଚିତ୍ରାଙ୍କନ ପ୍ରତିଯୋଗୀତା ସକାଳ ୧୧:୩୦ ରେ ସଙ୍ଗୀତ ପ୍ରତିଯୋଗୀତା (୨ୟ ରୁ ଦଶମ ଶ୍ରେଣୀ) ଅପରାହ୍ନ ୩ ଟାରେ ବକ୍ତୃତା ପ୍ରତିଯୋଗୀତା (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ଓ ସନ୍ଧ୍ୟା ୫ ଟାରେ ଓଡିଶୀ ନୃତ୍ୟ ପ୍ରତିଯୋଗୀତା (୨ୟ ରୁ ସପ୍ତମ ଶ୍ରେଣୀ) ଅନୁଷ୍ଠିତ ହେବ । ପ୍ରତିଯୋଗୀତାରେ ଭାଗନେବା ପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ପ୍ରତିଯୋଗୀତାର ଅଧଘଣ୍ଟା ପୂର୍ବରୁ ନିଜର ନାମ ପଞ୍ଜୀକୃତ କରାଇପାରିବେ। ପ୍ରତିଯୋଗୀ ମାନଙ୍କୁ ଶ୍ରେଣୀ ଅନୁସାରେ ଶିଶୁ, ସବଜୁନିୟର, ଜୁନିୟର, ସିନିୟର ଏବଂ ସୁପର ସିନିୟର ଗ୍ରୁପରେ ବିଭକ୍ତ କରାଯାଇଛି । ଅନ୍ୟ ପ୍ରତିଯୋଗୀତା ନଭେମ୍ବର ୧୪ରୁ ୨୦ ତାରିଖ ରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗୀତା ଗୁଡିକରେ ରାଜ୍ୟର ଯେକୌଣସି ସ୍ଥାନରୁ ପିଲାମାନେ ଯୋଗଦେଇ ପାରିବେ ।

## ଜଗନ୍ନାଥଙ୍କ ପୂଜା,ପାର୍ବଣରେ ବାଣ ଫୁଟା ବନ୍ଦ ଆବେଦନ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ କୈଫିୟତ ମାଗିଲେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍

କଟକ,(ସବ୍ୟୁ) : ଗତ ମେ ମାସ ୨୯ ତାରିଖରେ ମହାପ୍ରଭୁ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଦିନ ନରେନ୍ଦ୍ରକୋଣ ଠାରେ ବାଣ ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିଲେ । ୨୨ଜଣ ଗୁରୁତର ଆହତ ହୋଇଥିଲେ । ଏଥିସହ ଦୀପାବଳୀ ପରେ ରାଜ୍ୟର ଭୁବନେଶ୍ୱର, କଟକ ସମେତ କେତେକ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିବାରୁ ରାଜ୍ୟରେ ବାଣ ଫୁଟା ଉପରେ ରୋକ୍ ଲଗାଇବା ପାଇଁ ରୁଜୁ ମାମଲାରେ ଜାତୀୟ ସବୁଜ ପ୍ରାଧିକରଣ ଏନଜିଟି ଆଜି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଆବେଦନକାରୀ ସଞ୍ଜୟ କୁମାର ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଏନ୍ଜିଟିର ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ୍ ବି. ଅମ୍ତି ଷ୍ଟେଲକର ଏବଂ ବିଶେଷଜ୍ଞ ସଦସ୍ୟ ଅରୁଣ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତିଛ ମାମଲାର ଶୁଣାଣି ୨୦୨୫ ଜାନୁଆରୀ ୯କୁ ଧାର୍ଯ୍ୟ ହୋଇଛି । ଆବେଦନକରାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ଗତ ଚନ୍ଦନଯାତ୍ରା ସମୟରେ ଆତସବାଜି ଚାଲିଥିଲା । ଯେଉଁଥିରେ ବିରାଟ ଦୁର୍ଘଟଣା ଘଟି ଅନେକ ଜୀବନ ଚାଲିଗଲା । ୨୦୨୩ ଦୀପାବଳିରେ ଭୁବନେଶ୍ୱରର ବାୟୁର ମାତ୍ରା ୯୦୦ପିପିଏମ୍ରେ ପହଞ୍ଚିଗଲା । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ୧୦୨ଟି ସହରକୁ ଚିହ୍ନଟ କରିଛନ୍ତି ଯେଉଁଠି ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସେଥିରୁ ଓଡ଼ିଶାର ୭ଟି ସହର ରହିଛି । ଏହି ସହରଗୁଡ଼ିକ ହେଲା ଭୁବନେଶ୍ୱର, କଟକ, ଅନୁଗୁଳ, ତାଳଚେର, ବାଲେଶ୍ୱର, କଳିଙ୍ଗନଗର ଏବଂ ରାଉରକେଲା । ଏହି ସହର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ବାୟୁର ଯେଉଁ ମାନ ନିର୍ଦ୍ଧାରଣ କରାଯାଇଛି ତାହା ଉପରେ ରହୁଛି । ଏହି ଅଭିଯୋଗ ଉପରେ ବିଚାର ହେବାର ଆବଶ୍ୟକତା ରହିଥିବା ଏନ୍ଜିଟି ଅନୁଭବ କରି ଏଥିରେ ବିଭିନ୍ନ ପକ୍ଷଙ୍କୁ ନୋଟିସ୍ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି ।

# ଭିଜିଲାନ୍ସ ଜାଲରେ ଫିରିଙ୍ଗିଆ କନିଷ୍ଠ ଯନ୍ତ୍ରୀ



ଫିରିଙ୍ଗିଆ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରେ ଭିଜିଲାନ୍ସ ହାତରେ ଜଣେ କନିଷ୍ଠ ଯନ୍ତ୍ରୀ ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କାର୍ଯ୍ୟରତ ଯନ୍ତ୍ରୀ ଅଶୋକ କୁମାର ପାଢ଼ୀ ଦଶ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଫୁଲବାଣୀ ଭିଜିଲାନ୍ସ ଟିମ ଯନ୍ତ୍ରୀଙ୍କୁ ଟଙ୍କା ସହିତ ଗିରଫ କରିଛନ୍ତି । ଯନ୍ତ୍ରୀ ଜଣକ ଠିକାଦାର ରଘୁନାଥ ମହାକୁଡ଼ଙ୍କ ଠାରୁ ସେ ଏକ ବିଶ୍ରାମ ଘର କାମର ବିଲ କରିବା ନାଁରେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ଟିମ ଯନ୍ତ୍ରୀ ଅଶୋକ କୁମାର ପାଢିଙ୍କୁ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିବା ସୂଚନା ମିଳିଛି। ବର୍ତମାନ ଭିଜିଲାନ୍ସ ଟିମ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ, ବାସଭବନ, ବ୍ରହ୍ମପୁର ଭବାନୀପୁର ସ୍ଥିତ ତାଙ୍କ ପୈତୃକ ଘର ଏବଂ ଲୋଚ୍ଛାପଡ଼ା ସ୍ଥିତ ତାଙ୍କ ଶଶୁର ଘରେ ଏକକାଳୀନ ଭିଜିଲାନ୍ସ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି । ବ୍ରହ୍ମପୁର ଏବଂ ଫୁଲବାଣୀ ଭିଜିଲାନ୍ସ ଟିମ ମିଳିତ ଭାବେ ଏହି ଚଢ଼ାଉ ଜାରି ରଖିଥିବା ସୂଚନା ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ ଡ଼ି.ଏସ.ପି ହେମନ୍ତ କୁମାର ମହାନ୍ତି ।

# ମା'କୁ ମାଡମାରି, ପୁଅ ଗିରଫ

ଭଞ୍ଜନଗର, (ସବ୍ୟୁ): ତାରସିଂ ଥାନା ଅନ୍ତର୍ଗତ ତିଳିସିଙ୍ଗି ଗ୍ରାମର ଭାସ୍କର ସ୍ୱାଇଁଙ୍କ ସ୍ତ୍ରୀ କାଳିଆ ସ୍ୱାଇଁଙ୍କୁ ତାଙ୍କ ପୁଅ ବସନ୍ତସ୍ୱାଇଁ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ । ଏନେଇ ମା କାଳିଆ, ପୁଅ ବସନ୍ତଙ୍କ ନାମରେ ତାରସିଂଥାନା ଅଭିଯୋଗ କରିବା ପରେ ତାରସିଂ ପୁଲିସ ପୁଅ ବସନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ଖବର ନେବାରେ ମା କାଳିଆ ଓ ପୁଅ ବସନ୍ତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡହେବା ପରେ ପୁଅ ବସନ୍ତ ଉତକ୍ଷିପ୍ତ ହେଇ ମାର ମୁଣ୍ଡକୁ ଆକ୍ରମଣ କରିଥିଲା ।

# ଟିପିଏସ୍ଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ଆରମ୍ଭ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ମାସ ବ୍ୟାପୀ ଗୁଣବତ୍ତା ମାସ ଆରମ୍ଭ ହୋଇଛି। ବୈଶ୍ୱିକ ଥିମ୍ ଗୁଣବତ୍ତା: ଅନୁପାଳନ ଠାରୁ ପ୍ରଦର୍ଶନକୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହେଉଅଛି। ଟିପିଏସ୍ଓଡିଏଲର ପ୍ରତ୍ୟେକ କାର୍ଯ୍ୟରେ ଗୁଣବତ୍ତାକୁ ବଜାୟ ରଖିବା ପାଇଁ ଏହି ପଦକ୍ଷେପ ବାର୍ତ୍ତା ଦେଉଛିଛ ପ୍ରତି ବର୍ଷ ନଭେମ୍ବରରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ଗୁଣବତ୍ତା ମାସ ଆଧାରରେ ଟିପିଏସ୍ଓଡିଏଲରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏଥିରେ କମ୍ପାନୀ ଦୈନନ୍ଦିନ କାର୍ଯ୍ୟରେ ଗୁଣବତ୍ତା ମାନଦଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଉଛି ।





ଗୁଣବତ୍ତା ମାସର ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର କର୍ପୋରେଟ କାର୍ଯ୍ୟାଳୟରେ ଶପଥ ପାଠ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ କମ୍ପାନୀର କର୍ମଚାରୀମାନେ ନିତିଦିନିଆ କାର୍ଯ୍ୟରେ ଉତ୍କର୍ଷତା ବଜାୟ ରଖିବା ପାଇଁ ଶପଥ ନେଇଥିଲେ । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶପଥ ପାଠ କରିଥିଲେ। ଏହି ଅବସରରେ ଗୁଣବତ୍ତାକୁ ନେଇ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଶ୍ରୀ ଗର୍ଗ କହିଛନ୍ତି, ଆମର ଉଦ୍ଦେଶ୍ୟ କେବଳ ଗୁଣବତ୍ତା ମାନକ ଅନୁପାଳନରେ ସୀମିତ ନୁହେଁ ବରଂ ଆମେ କମ୍ପାନୀର ପ୍ରତ୍ୟେକ କାମରେ ଗୁଣବତ୍ତାକୁ ସାମିଲ କରିଛୁ । ଏହା ଦ୍ୱାରା ଆମେ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ସେମାନଙ୍କ ବିଶ୍ୱାସଭାଜନ ହୋଇପାରିଛୁ। ଟିପିଏସ୍ଓଡିଏଲରେ ପାଳନ କରାଯାଉଥିବା ଏହି ଗୁଣବତ୍ତା ମାସ ଆମକୁ ଦୀର୍ଘସ୍ଥାୟୀ ଗୁଣାତ୍ମକ ସେବା ଯୋଗାଇବାରେ ସଶକ୍ତ କରିବା ସହ ଗୁଣବତ୍ତା ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିବାରେ ସହାୟକ ହେବ। ଏହି ଉପଲକ୍ଷେ ନଭେମ୍ବର ମାସରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଗୁଣବତ୍ତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏଥିରେ କର୍ମଚାରୀମାନେ ସାମିଲ ହେବା ସହ ନିରନ୍ତର ପ୍ରଗତିକୁ ଆଗେଇ ନେବା ପାଇଁ ପ୍ରେରଣା ପାଇବେ। ଏହି ପଦକ୍ଷେପରେ ପ୍ରକ୍ରିୟା ଉନ୍ନତିକରଣ କର୍ମଶାଳା, ୫ଏସ୍ ଉନ୍ନତୀକରଣ ପ୍ରତିଯୋଗିତା, କୁଇଜ୍, ସ୍ଲୋଗାନ, ପୋଷ୍ଟର, ପ୍ରବନ୍ଧ ଲିଖନ, କ୍ୱାଲିଟି ଇନିସିଏଟିଭ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହେବ। ପ୍ରତ୍ୟେକ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍କୃଷ୍ଟ ମାନଦଣ୍ଡ ପାଇଁ ପ୍ରେରଣା ଯୋଗାଇବା ସହ କମ୍ପାନୀର ଅପରେସନରେ ଗୁଣବତ୍ତାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯିବ । ଏହି ଗୁଣବତ୍ତା ମାସ ପାଳନ ଦ୍ୱାରା ଟିପିଏସ୍ଓଡିଏଲ୍ ଗୁଣବତ୍ତା ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି । ଯାହା ଫଳରେ ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଦ୍ୟୁତ ବିତରଣ ଦିଗରେ କମ୍ପାନୀର ପ୍ରତିବଦ୍ଧତା ଆହୁରି ସୁଦୃଢ଼ ହେବା ସହ ଗୁଣବତ୍ତାର ଉନ୍ନତ ମାନଦଣ୍ଡ ସୁନିଶ୍ଚିତ ହୋଇପାରିବ ।

# ଚେକିଂ ବେଳେ ପୁଲିସ ଲଗାଇବ ବଡି-କ୍ୟାମେରା

ବ୍ରହ୍ମପୁର, (ସବ୍ୟୁ): ଗାଡିମଟର ଓ ହେଲମେଟ ଯାଞ୍ଚ ବେଳେ ପୁଲିସ ଲଗାଇବ ବଡି-କ୍ୟାମେରା । ଏକ ଛୋଟ ରିମୋଟ ଭଳି ଦେଖାଯାଉଥିବା ଏହି କ୍ୟାମେରାକୁ ପୁଲିସ କର୍ମଚାରୀମାନେ ନିଜ ଶରୀର ତଥା ୟୁନିଫର୍ମ ସାର୍ଟରେ ଲଗାଇବା ଦ୍ୱାରା ଚେକିଂ ବେଳେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଘଟୁଥିବା ଅପ୍ରିତିକର ପରିସ୍ଥିତି ଉପରେ ନଜର ରଖାଯାଇ ପାରିବା ସହ ସ୍ୱଚ୍ଛତା ବଜାୟ ରହିବ ବୋଲି ବ୍ରହ୍ମପୁର ପୁଲିସ ପକ୍ଷରୁ କୁହାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁର ପୁଲିସ ଜିଲାକୁ ୫ଟି ବଡି-କ୍ୟାମେରା ମିଳିଛି । ସେଥିରୁ ଗୋଟିଏ କ୍ୟାମେରା ଗୋପାଳପୁର ପୁଲିସକୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୪ ଟି କ୍ୟାମେରା ବ୍ରହ୍ମପୁରର ବିଭିନ୍ନ ଥାନାକୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଅଧିକ କ୍ୟାମେରା ଅଣାଯିବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

ପୁଲିସ ପକ୍ଷରୁ ଉତ୍ତମ ବ୍ୟବହାରକୁ ଶୁନିଶ୍ଚିତ କରାଇବା ପାଇଁ ପୁଲିସ କର୍ମଚାରୀଙ୍କୁ ବଡି-କ୍ୟାମେରା ଲଗାଇବାକୁ କୁହାଯାଇଛି ବୋଲି ଏସପି କହିଛନ୍ତି । ଗତକାଲି ଗୋପାଳପୁର ଠାରେ ଯେଉଁ ଘଟଣା ଘଟିଲା ସେଭଳି ଘଟଣାର ସତ୍ୟାସତ୍ୟ ଜାଣିବାକୁ ବଡି-କ୍ୟାମେରା ବେଶ ସହାୟ ହେବ । ଏହି ବଡି କ୍ୟାମେରା ୧୨୦ ଡିଗ୍ରୀ ପର୍ଯ୍ୟନ୍ତ ଭିଡିଓ ରେକର୍ଡ କରିପାରିବ । ୬ ଘଣ୍ଟା ଯାଏଁ ଉଭୟ ଭିଡିଓ ଏବଂ ଅଡିଓ ରେକର୍ଡିଂ କରି ସଂରକ୍ଷିତ ରଖିପାରିବ । ପ୍ରକାଶଥାଉକି, ଟ୍ରାଫିକ ନିୟମକୁ କଡାକଡି ପାଳନ କରିବା ଲକ୍ଷ୍ୟରେ ବ୍ରହ୍ମପୁର ପୁଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ପୁଲିସ ଟିମ ଗାଡିମୋଟର ଓ ହେଲମେଟ ଚେକିଂ କରୁଛନ୍ତି । ଏହି ଚେକିଂ ସମୟରେ ଲୋକମାନେ ପୁଲିସ ଗାଡିକୁ ଦେଖି ଖସିଯିବାକୁ ଉଦ୍ୟମ କରୁଛନ୍ତି ।

ହେଲମେଟ ନପିନ୍ଧି ଗାଡି ଚଳାଉଥିବା ଲୋକେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ବାଇକ କିମ୍ବା ସ୍କୁଟିରେ ୩ ଜଣ ବସିଥିବା, ନାବାଳକ ହୋଇ ଗାଡି ଚଳାଉଥିବା ଚଳାକମାନେ ଚେକିଂରୁ ବର୍ତ୍ତିବାକୁ ନିଜ ଗାଡିକୁ ଦ୍ରୁତ ଗତିରେ ଧରି ଚାଲି ଯାଉଛନ୍ତି । ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି । କିଛି ଲୋକ ଧରାପଡି ଯିବା ପରେ ପୁଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରୁଛନ୍ତି । ଜନସାଧାରଣ ଓ ପୁଲିସ ମଧ୍ୟରେ ବେଳେବେଳେ ପାଟିତୁଣ୍ଡ ମଧ୍ୟ ହେଉଛି । ଏହି ସବୁ ଘଟଣା ଉପରେ ନଜର ରଖିବାକୁ ବଡି କ୍ୟାମରୋ ସହାୟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ସିନ୍ଦୁରଗୌରାରେ ବାନ୍ଦଣା ମହୋତ୍ସବ

ବାରିପଦା, (ସବ୍ୟୁ) : ବାରିପଦା ନିକଟସ୍ଥ ସିନ୍ଦୁରଗୌରା ଗ୍ରାମରେ ଉତ୍ସାହ ଉଦ୍ଦୀପନା ସହକାରେ ବାନ୍ଦଣା ମହୋତ୍ସବ ସମିତିର ସଭାପତି ଶିକ୍ଷାବିତ୍ ଡଃ ଭକ୍ତହରି ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ଣ୍ଣଚନ୍ଦ୍ର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ବାରିପଦାର ଅଧ୍ୟକ୍ଷ ହରିଭକ୍ତ ମହାନ୍ତ ମୁଖ୍ୟଅତିଥି, ସିନ୍ଦରଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କକୁମାର ମହାନ୍ତ ମୁଖ୍ୟବକ୍ତା, କୁଡୁମାଲି ସାଂସ୍କୃତିକ ପରିଷଦ, ବାରିପଦାର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବାନ୍ଦଣା ପର୍ବର ମହାନ ସାଂସ୍କୃତିକ ଭାବଧାରା ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ମହୋତ୍ସବ ଉପଲକ୍ଷେ ଆୟୋଜିତ ଗୋରୁଖେଳା କାର୍ଯ୍ୟକ୍ରମରେ ବିକ୍ରମ ମହାନ୍ତ ପ୍ରଥମ, ଦିବାକର ବିନ୍ଧାଣୀ ଦ୍ୱିତୀୟ, ନିଶାକର ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବାଦ୍ୟରେ ଅଶୋକ କୁମାର ମହାନ୍ତ ପ୍ରଥମ ସୋରେନ୍ ପାତ୍ର ଦ୍ୱିତୀୟ, ସର୍ବେଶ୍ୱର ପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ବାନ୍ଦଣା ଗୀତରେ ବିପିନ ବିହାରୀ ମହାନ୍ତ ପ୍ରଥମ, ପ୍ରଫୁଲ୍ଲ ପାତ୍ର ଦ୍ୱିତୀୟ ଏବଂ ଭୀମ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଥିଲେ । ଶେଷରେ ଜିତେନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ ।



# ଗୋଲନ୍ଥରା ଅଞ୍ଚଳରେ ବ୍ୟାପକ ମୋରମ ଚୋରା ଚାଲାଣ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ବର୍ତମାନ ସମୟରେ ମରମ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀର ପାଲୁରୁ ଏବଂ ମହୁଡା ଅଞ୍ଚଳ। ଶାସକ ଦଳର ନେତା ବୋଲାଉଥିବା କିଛି ଯୁବକ ଏହି ଚୋରା ଚାଲାଣରେ ଲିପ୍ତ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପଞ୍ଚମା ଅଞ୍ଚଳର ଜୈନିକ ଯୁବକ ନିଜକୁ ମନ୍ତ୍ରୀଙ୍କ ପାଖଲୋକ ବୋଲି ମାତାଲ ହୋଇ ମୁଁ ମରମ ଚୋରି କରୁଛି ବୋଲି ସର୍ବସାଧାରଣରେ କହି ବୁଲୁଛନ୍ତି । ଯାହା ଦ୍ୱାରା ଦଳ ବଦନାମ ହେବାରେ ଲାଗିଛି। ପ୍ରତେକ ରାତିରେ ପ୍ରାୟ ଦୁଇ ଶହରୁ ତିନଶହ ଟ୍ରକ ମରମ ଚୋରା ଚାଲାଣ ହେବା ସହ ସରକାରଙ୍କ ରାଜସ୍ୱ ହାନି କରୁଛି । ସ୍ଥାନୀୟ ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ହେବାକୁ ଶ୍ରେୟ ମଣୁଛନ୍ତି। ଜନସାଧାରଣ ସବୁ ଜାଣି ଭୟରେ ପାଟି ଖୋଲିବାକୁ ସାହସ କରୁନାହାନ୍ତି। ପ୍ରଶାସନ ଏଦିଗରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ସମୟ ହିଁ କହିବ।

# ଛତ୍ରପୁରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଓ ଗଞ୍ଜାମ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଜନ ସାଧାରଣ ମାନେ ଏହି ଶୁଣାଣୀରେ ଯୋଗଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଅତିରିକ୍ତ ଜିଲ୍ଲାପାଳ ଏବଂ ଏସପିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଭେଟି ଅବଗତ କରାଇଛନ୍ତି। ମୁଖ୍ୟତଃ ରାସନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା ଭଳି ବିଭିନ୍ନ ସାମୁହିକ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ରହି ଆଜି ୩୯୫ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥି ମଧ୍ୟରୁ ୩୮୫ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୦ଟି ସାମୁହିକ ଅଭିଯୋଗ ରହିଛି । କେତେକ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ହଜାର ଟଙ୍କା ଅନ୍ୟ ଜଣ ହିତାଧିକାରୀଙ୍କୁ ୪ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଡୁଡା ପିଡି ରବିନ୍ଦ୍ର କୁମାର ପଟେଲ, ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଛତ୍ରପୁର ଏସଡ଼ିପିଓ ଗୌରହରି ସାହୁଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# କର୍ପୋରେଟରଙ୍କ ଦ୍ୱାରା ୱାର୍କ ସାର୍ଟିଫିକେଟ ପ୍ରଦାନ ନିଷ୍ପତ୍ତିକୁ ବାତିଲ ଦାବି

ଛତ୍ରପୁର, (ସବ୍ୟୁ): ଓଡିଶା ସ୍ୱଚ୍ଛ ସାଥି ଓ ସୁପରଭାଇଜର ସଂଘ ବ୍ରହ୍ମପୁର ମହାନଗର ନିଗମ ଶାଖା ପକ୍ଷରୁ ଆଜି ବହୁ ସ୍ୱଚ୍ଛ ସାଥି ଓ ସୁପରଭାଇଜର ମାନେ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଦୀର୍ଘ ବର୍ଷ ହେଲା ବ୍ରହ୍ମପୁର ମହାନଗର ନିଗମରେ କାମ କରିଆସୁଥିଲେ। ୱାର୍ଡରେ ୟୁଜର୍ସ ଫି ଆଦାୟ, ସଫେଇ ତାଦରଖ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆଦି କରିଆସୁଛନ୍ତି ।

କିନ୍ତୁ ଏବେ ବ୍ରହ୍ମପୁର ମହାନଗର ନିଗମର ଚିଠି ନଂ ୯୨୭୭ ଅନୁଯାୟୀ କର୍ପୋରେଟରମାନଙ୍କ ଦ୍ୱାରା ୱାର୍କ ସାର୍ଟିଫେକଟ ପ୍ରଦାନ କରିଲେ ହିଁ ସେମାନଙ୍କ ଦରମା ମିଳିବ । ନଚେତ ମିଳିବ ନାହିଁ, ଯାହାକି ଏହି ନିର୍ଦ୍ଦେଶ ଉଦେଶ୍ୟ ମୂଳକ ଓ ଅଗଣତାନ୍ତ୍ରିକ ବୋଲି ସ୍ୱଚ୍ଛ ସାଥି ଓ ସୁପରଭାଇଜର ମାନେ କହିଥିଲେ। ଏପରିକି ପୂର୍ବ ସରକାରଙ୍କ ଦ୍ୱାରା ଆମର ଦରମା ବୃଦ୍ଧି ପ୍ରସ୍ତାବ ରହିଥିଲେ ମଧ ଏଯାବତ ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଯଦି ଆମେ ୱାର୍ଡରେ କିଛି ଅବହେଳା କରୁଛୁ ତେବେ ନିଗମ ଦ୍ୱାରା ୱାର୍ଡରେ ନିୟୋଜିତ ଅଧିକାରୀଙ୍କ ଦ୍ୱାରା ୱାର୍କ ସାର୍ଟିଫେକଟ ଦିଆଯାଇପାରେ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ।



ଆମେ ସମସ୍ତେ ୱାର୍ଡ କର୍ପୋରେଟରଙ୍କ ନିର୍ଦ୍ଦେଶ ପ୍ରକାରେ ନିଗମର ସମସ୍ତ କାର୍ଯ୍ୟରେ ସହଯୋଗ କରି ଆସୁଅଛୁ କିନ୍ତୁ ଆମ ଦରମା ପ୍ରଦାନ କ୍ଷେତ୍ରରେ କର୍ପୋରେଟରଙ୍କ ଦ୍ୱାରା ୱାର୍କ ସାର୍ଟିଫେକଟ ପ୍ରଦାନ ନିଷ୍ପତି ଏକ ରାଜନୈତିକ ଉଦେଶ୍ୟ ରଖି ଏହା କରାଯାଉଛି ବୋଲି କହିଥିଲେ। ବ୍ରହ୍ମପୁର ମହାନଗର ନିଗମକୁ ଛାଡି ଦେଲେ ରାଜ୍ୟରେ କୌଣସି ମହାନଗର ନିଗମ କିମ୍ବା ୟୁଏଲବି ମାନଙ୍କରେ ଏହା ଲାଗୁହୋଇ ନଥିବା କହିଥିଲେ। ତେଣୁ ତୁରନ୍ତ କର୍ପୋରେଟରମାନଙ୍କ ଦ୍ୱାରା ୱାର୍କ ସାର୍ଟିଫେକଟ ପ୍ରଦାନ ନିଷ୍ପତିକୁ ବାତିଲ ଓ ଆମର ମାସିକ ଦାରମା ପ୍ରଦାନରେ କୌଣସି କଟକଣା ନରଖିବାକୁ ନିବେଦନ କରିଥିଲେ । ଏହି ସ୍ମାରକପତ୍ର ପ୍ରଦାନ ବେଳେ ବବିତା ପାଢୀ, ମିତା ରାଣୀ ପାଢୀ, ପିଙ୍କି ଦାସ, ପ୍ରିୟଙ୍କା ବେହେରା, ରଶ୍ମିରାଣି ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗାଁ ନିକଟବର୍ତ୍ତୀ ବଡପଥରଠାରେ ବାଇକ୍ ଦୁର୍ଘଟଣାରେ ଜନୈକ ଯୁବକ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜାମଗୋରୁଡା ଗ୍ରାମର ରଞ୍ଜିତ କୁମାର ବିଶ୍ୱାଳ (୩୭)। ପ୍ରକାଶ ଯେ, ଗତ ରବିବାର ରାତିରେ ରଞ୍ଜିତ ଶଶୁରଘର ବିରଞ୍ଚିପୁର ଗ୍ରାମକୁ ବାଇକ୍ ଯୋଗେ ଆସୁଥିଲେ। ସେ ବାଟରେ କୌଣସି କାରଣରୁ ବଡପଥରଠାରେ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ବାଇକ୍ ସହ ରାସ୍ତାକଡ ଲଟାବୁଦା ମଧ୍ୟକୁ ଫୋପାଡ଼ି ହୋଇ ପଡିଥିଲେ। ସେ ରାତିସାରା ସେହି ଲଟାବୁଦାରେ ପଡି ରହିଥିବା ବେଳେ ସକାଳେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ଖବର ପାଇ ଘଟଣା ସ୍ଥଳରେ ଦମକଳବାହିନୀ ଓ ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ । ମେଡିକାଲରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ ନଂ ୫୦୪/୨୪ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ରବର ବୋର୍ଡ ବିଭାଗର ବିସ୍ତାର ନିମନ୍ତେ ବୈଷୟିକ ମାନବ ସମ୍ବଳକୁ ଯୁବ ବୃତ୍ତିଗତ ରୂପେ ବ୍ୟବହାର ପାଇଁ ପ୍ରସ୍ତାବ

ବାରିପଦା, (ସବ୍ୟୁ): ଯୁବ ବୃତ୍ତିଗତ ଭାବରେ ବୈଷୟିକ ମାନବ ସମ୍ବଳର ଯୋଗଦାନ ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କ ଠାରୁ ଅନ୍‌ଲାଇନ ଆବେଦନ ପତ୍ର ଆଗ୍ରହ କରାଯାଉଅଛି । ଏହି ଆବେଦନ ଗୁଡିକ ଅଣପାରମ୍ପରିକ ଅଂଚଳରେ (କେରଳ ଓ ତାମିଲନାଡୁ ରାଜ୍ୟ ବ୍ୟତୀତ ଅନ୍ୟ ସବୁ ରାଜ୍ୟ) ଏବଂ ଉତ୍ତର-ପୂର୍ବାଞ୍ଚଳ (ଉତ୍ତର-ପୂର୍ବ ରାଜ୍ୟ ସମୂହ) ରବର ବୋର୍ଡ ଉତ୍ପାଦନ ବିଭାଗରେ ସମ୍ପ୍ରସାରଣ ସେବା ପାଇଁ ଉଦ୍ଦିଷ୍ଟ ଅଟେ । ଉକ୍ତ ନିଯୁକ୍ତି ପାଇଁ ମାସିକ ଏକୀଭୂତ ଦରମା ୪୦ହଜାର ଟଙ୍କାରେ ସୀମିତ ଅଟେ । ନିଯୁକ୍ତିର ପ୍ରକୃତି ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ । ଉପଲବ୍ଧ ପଦବୀ ସଂଖ୍ୟା ଉତ୍ତର-ପୂର୍ବାଂଚଳ ପାଇଁ ୪୦ଟି ଏବଂ ଅଣପାରମ୍ପରିକ ଅଞ୍ଚଳ ପାଇଁ ୧୦ଟି ଅଟେ । ପ୍ରାର୍ଥୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ କୃଷି/ଉଦ୍ୟାନକୃଷି/ ଜଙ୍ଗଲ ବିଜ୍ଞାନରେ ସ୍ନାତକ କିମ୍ବା ଉଭିଦବିଜ୍ଞାନରେ ସ୍ନାତକୋତ୍ତର ହୋଇଥିବା ଆବଶ୍ୟକ । କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟରୁ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଅଣପାରମ୍ପରିକ ଅଂଚଳରେ ପଦବୀ ପାଇଁ ଅଗ୍ରାଧିକାର ଦିଆଯିବ ।

ସ୍ଥାନୀୟ ଭାଷାରେ ପାରଦର୍ଶୀ ଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଆବେଦନକାରୀଙ୍କ ବୟସ ସୀମା ତା ୦୧.୧୦.୨୦୨୪ରିଖି ସୁଦ୍ଧା ସର୍ବାଧିକ ୩୦ବର୍ଷ ହୋଇଥିବା ଆବଶ୍ୟକ । ପଦବୀରେ ଯୋଗଦାନର ଅବଧି ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ ରହିବ । ମନୋନୀତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଣପାରମ୍ପରିକ ଏବଂ ଉତ୍ତର-ପୂର୍ବାଞ୍ଚଳରେ ରବର ଉତ୍ପାଦନ ବିଭାଗର ସମ୍ପ୍ରସାରଣ ଏବଂ ବିକାଶ କାର୍ଯ୍ୟକଳାପ ସହିତ ଜଡିତ ଦାୟିତ୍ୱ ଦିଆଯିବ । ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ରବର ବୋର୍ଡ ୱେବ ସାଇଟରେ ଅନଲାଇନ ନିଯୁକ୍ତି ଆବେଦନ ଲିଙ୍କ ବ୍ୟବହାର କରି ଅନଲାଇନରେ ଆବେଦନ କରିପାରିବେ । ଅନଲାଇନ ଆବେଦନ ଦାଖଲ ପାଇଁ ବନ୍ଦ ତାରିଖ ହେଉଛି ତା ୧୩.୧୧.୨୦୨୪ ରିଖ ଘ ୧୧.୫୯ ମି ପର୍ଯ୍ୟନ୍ତ । ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କୁ ଗୌହାଟୀ / ଅଗରତାଲା / ମାଂଗାଲୋରରେ ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ପାଇଁ ଡକାଯିବ । ଯୁବ ବୃତ୍ତିଗତ ଭାବରେ ଯୋଗଦାନ-ସମ୍ପ୍ରସାରଣ ସେବା କୌଣସି ଅଧିକାର ପ୍ରଦାନ କରିବ ନାହିଁ କିମ୍ବା ରବର ବୋର୍ଡରେ ଭବିଷ୍ୟତରେ ଖାଲିଥିବା ପଦବୀରେ ନିୟମିତ କିମ୍ବା ଅସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିବ ନାହିଁ ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାରିପଦା, (ସବ୍ୟୁ) : ପାଠପଢା ସହିତ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଆରମ୍ଭ ହୋଇଥିବା ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭିର ଉଦ୍ଘାଟନ ସୋମବାର ଦିନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କର କମଳରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ହୋଇଯାଇଅଛି । ଓଡିଶାର ଲୋକକଳା ପ୍ରସଙ୍ଗ ଉପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଗୋଟି ବ୍ଲକରୁ ପ୍ରାୟ ୯୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ବାରିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଉଦଘାଟନୀ ଓ ଉଦ୍‌ଯାପନୀ ସଭାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯକ୍ତ ସିଂହ ଓ ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାର ସମସ୍ତ ୨୬ଗୋଟି ବ୍ଲକ ମଧ୍ୟରୁ ଅଂଶଗ୍ରହଣ କରିଥିବା ୯୦୦ପ୍ରତିଯୋଗୀ ୨୯ଟି ବିଭାଗରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।





ଏଥିମଧ୍ୟରୁ ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୪ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିବେ। ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ବିଭିନ୍ନ ବର୍ଗ ଯଥା-ଏକାଦଶ ରୁ ଦ୍ୱାଦଶ ବରିଷ୍ଠ ଉଚ୍ଚ ମାଧ୍ୟମିକ ବର୍ଗର ବିତର୍କରେ ଲକ୍ଷ୍ମୀପ୍ରିୟା ଖିଲାର, ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୁଣ୍ଟା, ପ୍ରବନ୍ଧରେ ଚାନ୍ଦନୀ ବିନ୍ଧାଣି, ଡି.ଏଲ. ମହାବିଦ୍ୟାଳୟ, ବହଳଦା, ଚିତ୍ରାଙ୍କନରେ ସୌମ୍ୟା ସୁରେଖା ପୃଷ୍ଟି, ଓଡିଶା ଆଦର୍ଶ ବିଦ୍ୟାଳୟ, ଗୋରୁଡବଶା, ବେତନଟୀ, ଚିତ୍ରାଙ୍କନ (ଦିବ୍ୟାଙ୍ଗ) ରେ ରସିଦା ପରୱିନ, ଓଡିଶା ଆଦର୍ଶ ବିଦ୍ୟାଳୟ, ମହୁଲିଆ, ରାସଗୋବିନ୍ଦପୁର, କୁଇଜରେ ସମିତ ଗିରି, ଓଡିଶା ଆଦର୍ଶ ବିଦ୍ୟାଳୟ, ଝାଡଗାଁ, ବହଳଦା, ସୃଜନଶୀଳ ଲିଖନରେ କୃଷ୍ଣା ପଣ୍ଡା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଆମରା, ଗୋପବନ୍ଧୁ ନଗର, ବକ୍ତୃତାରେ, ବନାନୀ ବେହେରା, ଏମ.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୈଶିଙ୍ଗା, ବେତନଟୀ, ସଙ୍ଗୀତରେ ସାଗର ହେମ୍ବ୍ରମ, ରାଇରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇରଙ୍ଗପୁର, ସଙ୍ଗୀତ (ଦିବ୍ୟାଙ୍ଗ)ରେ ଗୁରୁବାରି ମୁର୍ମୁ, ବାବା ଜଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନୂଆଗାଁ, ଛୋୟରାୟପୁର, ମୋରଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଅଷ୍ଟମରୁ ଦଶମ ବରିଷ୍ଠ ବର୍ଗର ବିତର୍କରେ ଅର୍ଚିତା ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ, ବଡଦେଉଳି, କରଞ୍ଜିଆ, ପ୍ରବନ୍ଧରେ ପାୟଲ ପ୍ରିୟଦର୍ଶିନୀ ପୃଷ୍ଟି, ଏଫ.ଏମ. ଏକାଡେମି, ତାରାଣା, ବହଳଦା, ଚିତ୍ରାଙ୍କନରେ ଆଶିଷ ବିଶ୍ୱାଳ, ସରକରୀ ଉଚ୍ଚ ବିଦ୍ୟାଳୟ, ଉଦଳା, ଚିତ୍ରାଙ୍କନ (ଦିବ୍ୟାଙ୍ଗ) ରେ ଆକାଶ ଟୁଡୁ, ଶ୍ରବଣ ବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ବାରିପଦା, କୁଇଜରେ ଦୀପସିତା ମିଶ୍ର, ସରକରୀ ଉଚ୍ଚ ବିଦ୍ୟାଳୟ, ପଶୁଦା, ଗୋପବନ୍ଧୁ ନଗର, ସୃଜନଶୀଳ ଲିଖନରେ ଦୀପିକା ମୁର୍ମୁ, ପି.ସି. ପୁର ଆଶ୍ରମ ବିଦ୍ୟାଳୟ, ଉଦଳା, ବକ୍ତୃତାରେ ଦୀପଙ୍କର ବେହେରା, ବାପୁଜୀ ଉଚ୍ଚ ବିଦ୍ୟାଳୟ, ସାନବେଲାକୁଟି, ଗୋପବନ୍ଧୁ ନଗର, ସଙ୍ଗୀତରେ ଶ୍ରଦ୍ଧା ସ୍ମୃତି ଦାସ ଏମ.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ସଙ୍ଗୀତ (ଦିବ୍ୟାଙ୍ଗ) ରେ ପବିତ୍ର କୁମାର ମୁର୍ମୁ, ବୀର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ବାରିପଦା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଚତୁର୍ଥରୁ ସପ୍ତମ କନିଷ୍ଠ ବର୍ଗର ଚିତ୍ରାଙ୍କନରେ ଜ୍ୟୋତିପ୍ରଭା ଦେବୀ, ଓଡିଶା ଆଦର୍ଶ ବିଦ୍ୟାଳୟ, ଟିଟିଆ, ଗୋପବନ୍ଧୁ ନଗର, ଚିତ୍ରାଙ୍କନ (ଦିବ୍ୟାଙ୍ଗ)ରେ ଯାଉନା ଟୁଡୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇନ୍ଦଖୋଳି, କୁଇଜରେ ନିତେଶ ଗୋଚ୍ଛାୟତ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଠାଣିନୂଆଗାଁ, ବଡସାହି, ସୃଜନଶୀଳ ଲିଖନରେ ଶୁଭଶ୍ରୀ ଦଳାଇ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲକା, ବେତନଟୀ, ବକ୍ତୃତାରେ ପ୍ରତ୍ୟାଶା ହାତି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପରସିବଣି, କପ୍ତିପଦା, ସଙ୍ଗୀତରେ ଆୟୁଷ ମଣ୍ଡଳ, ଓଡିଶା ଆଦର୍ଶ ବିଦ୍ୟାଳୟ, ସାନମୌଦା, ରାଇରଙ୍ଗପୁର, ସଙ୍ଗୀତ (ଦିବ୍ୟାଙ୍ଗ)ରେ ଯମୁନା ମଣ୍ଡଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ୟାମାନନ୍ଦପୁର, ରାସଗୋବିନ୍ଦପୁର, ଓଡିଆ ହସ୍ତାକ୍ଷର ଓ ଶ୍ରୁତ ଲିଖନରେ ସ୍ନେହାସିନୀ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ, ଧାନଘେରା, ଖୁଣ୍ଟା, ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ପି.ଏମ. ପୋଷଣ ଚିତ୍ରକଳାରେ ବାସନ୍ତୀ ସିଂ, ଏସ.ଏସ.ଡି. ବାଳିକା ଉଚ୍ଚ ବିଦ୍ୟାଳୟ, ବଡସିମୁଳିଆ, କପ୍ତିପଦା, ପି.ଏମ. ପୋଷଣ ଶିଳ୍ପକଳାରେ ଅଙ୍କିତା ବାରିକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝାରପୋଖରିଆ, ସାରସକଣା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୁରଭିର ସବୁଠାରୁ ଆକର୍ଷଣୀୟ ସାଂସ୍କୃତିକ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚିଙ୍ଗୁଡିପୋଖରୀ, କୁସୁମି ପ୍ରଥମ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ଅର୍ଜନ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୮ଦଫା ଦାବିପତ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରୁ ନକଲି କିନ୍ନର ଚିହ୍ନଟ କରାଇବା ସହ ଅସଲି କିନ୍ନର ମାନଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା, ସମସ୍ତ ସରକାରୀ କାର୍ଯ୍ୟାଳୟରେ କିନ୍ନର ମାନଙ୍କୁ ଯୋଗ୍ୟତା ଅନୁଯାଇ ନିଯୁକ୍ତି ପ୍ରଦାନ କରାଇବା, ମ୍ୟୁନିସିପାଲଟି / ଏନ.ଏ.ସି / ମେଡ଼ିକାଲ ମାନଙ୍କରେ ଏଜେନ୍ସି ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟରେ କିନ୍ନର ମାନଙ୍କୁ ନିୟୋଜିତ କରାଇବା, ମେଡ଼ିକାଲରେ କିନ୍ନର ମାନଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବିଭାଗ ଖୋଲାଯିବ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା, କିନ୍ନର ମାନଙ୍କ ଥଇଥାନ ପାଇଁ ସରକାରୀ ଜମି ଓ ସରକାରୀ ଘର ତୁରନ୍ତ ଯୋଗେଇବା ପାଇଁ ପଦକ୍ଷେପ ଗ୍ରହଣ କରିବା, ଡିଏମ୍ଏଫ ପାଣ୍ଠିରୁ କିନ୍ନର ମାନଙ୍କୁ ସ୍କୁଟି ପ୍ରଦାନ କରାଇବା, କିନ୍ନର ମାନଙ୍କୁ ନେଇ ଏସଏଚ୍‌ଜି ଗ୍ରୁପ ଗଠନ କରିବାର ଏକମାସ ଭିତରେ କିନ୍ନର ଏସ୍ଏଚ୍‌ଜି ମାନଙ୍କୁ ମିଳୁଥିବା ସମସ୍ତ ସହାୟତା ପ୍ରଦାନ କରାଇବା, କିନ୍ନର ମାନଙ୍କୁ ଅନ୍ତଦର୍ବୟ ଯୋଜନାରେ ସାମିଲ କରି ମାସକୁ ୩୫କିଲୋ ଚାଉଳ ଯୋଗାଣ ଦେବାପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା।



ସୂଚନାଯୋଗ୍ୟ ଯେ, ଜିଲ୍ଲାରେ କିନ୍ନର ମାନେ ଅବହେଳାର ଶିକାର ହେଉଥିବାର ବାରମ୍ବାର ଅଭିଯୋଗ ହେଉଥିବା ବେଳେ କିନ୍ନର ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ସତ କିନ୍ତୁ କିନ୍ନର ମାନେ ମୁଖ୍ୟସ୍ରୋତରେ ସାମିଲ ହୋଇ ସ୍ୱା ବଲମ୍ବୀ ହେବା ଦୂରର କଥା ଏଠି ଏନଜିଓ ମାନେ ଲାଭବାନ ହୋଇ ମାଲେ ମାଲ ହେଉଛନ୍ତି । ଆଉ ବାଧ ହୋଇ କିନ୍ନର ମାନେ ରାସ୍ତା କୋଡ଼କୁ ଯିବାପାଇଁ ବାଧ ହେଉଛନ୍ତି, ବାରମ୍ବାର ଏନଜିଓ ମାନଙ୍କ ଦ୍ୱାରା ଶୋଷଣର ଶିକାର ହେବା ପରେ ଜିଲ୍ଲାର କିନ୍ନର ମାନେ ଏକତ୍ରିତ ହୋଇ ନିଜ ଅଧିକାର ଓ ହକ ପାଇଁ ନିଜେ ନିଜେ ସଂଘର୍ଷ ଆରମ୍ଭ କରିଛନ୍ତି, ସରକାରୀ ସ୍ତରରେ ଅବହେଳାର ଶିକାର ହୋଇ ବାଧ ହୋଇ ରାସ୍ତାକଡ଼, ଟ୍ରେନ୍ ବଗି, ମାର୍କେଟ କଲେକ୍ସନ, ବିଭିନ୍ନ କାର୍ଯ୍ୟକ୍ରମ ଅନିଚ୍ଛା ସତ୍ୱେ ନାଚ ଓ ଗୀତ କରିବା ପାଇଁ ବାଧ ହେଉଛନ୍ତି ବୋଲି କିନ୍ନର ସଂଘ ଶୋଭାନେତ୍ରୀ ମୋନିସା ସାହୁ କହିଛନ୍ତି । ଯଦି ଆଜିର ଦାବି ଅନୁଯାୟୀ ସମସ୍ତ ପ୍ରକାର ଦାବୀ ପୂରଣ ପାଇଁ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ଆମେ ସମସ୍ତ କିନ୍ନର ସସମ୍ମାନରେ ସ୍ୱାବଲମ୍ବୀ ହୋଉ ଜୀବନ ଯାପନ କରିବା ସହିତ ଖୁସିରେ ରହିବେ । ଯଦି ଏକମାସ ମଧ୍ୟରେ ଦାବି ଗୁଡ଼ିକ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଲିଖିତରେ ଜଣାଯାଇଛି। ଆଜି ଦାବିପତ୍ର ପ୍ରଦାନ ସମୟରେ, ମୟୂରୀ ସିଂ, ଜୁଲି ହେମ୍ବ୍ରମ, ବାସନ୍ତୀ ସରେନ, ଶିକ୍ଷା ତୋରେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଟଙ୍କା ଓ ବାଇକ ପାଇଁ ମାମୁଁ ହତ୍ୟା ଘଟଣା
# ଅଭିଯୁକ୍ତ ଭଣଜା ସହ ଜଣେ ସହଯୋଗୀ ଗିରଫ

ଚଣ୍ଡିଖୋଲ,(ସବ୍ୟୁ) : କେଇଟା ଟଙ୍କା ଓ ଏକ ବାଇକ ପାଇଁ ନିଜ ମାମୁଁଙ୍କୁ ଅତି ନୃଶଂସ ଭାବେ ତା'ର ଭଣଜା ଅନ୍ୟ ସହଯୋଗୀଙ୍କ ମିଶି ହତ୍ୟା କରିବା ଘଟଣାରେ ଜେନାପୁର ପୋଲିସ ଅଭିଯୁକ୍ତ ଭଣଜା ଜଗନ ଧଳ ଓ ତାର ଜଣେ ସହଯୋଗୀ ବିଶ୍ୱଜିତ ମୁଦୁଲିଙ୍କୁ ଗିରଫକରି ସୋମବାର ଦିନ କୋର୍ଟ ଚାଲାଣ କରିଥିଲା ବେଳେ ଉଭୟଙ୍କ ଯାମିନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ଭଣଜା ଜଗନର ଘର ଜେନାପୁର ଥାନା ପନ୍ତୁରୀ ଗ୍ରାମରେ ହୋଇଥିଲା ବେଳେ ତା' ସହଯୋଗୀ ବିଶ୍ୱଜିତର ଘର ଧର୍ମଶାଳା ଚହଟା ନିକଟ ଚାନ୍ଦପୁର ଗ୍ରାମରେ ଓ ବାପାଙ୍କ ନାମ ପିତାମ୍ବର ମୁଦୁଲି ବୋଲି ଜଣାପଡିଛି । ଏହି ହତ୍ୟାକାଣ୍ଡରେ ଉକ୍ତଦୁଇ ଜଣଙ୍କ ସହ ଆଉ ଦୁଇରୁ ଅଧିକ ବ୍ୟକ୍ତି ସଂପୃକ୍ତ ଥିବା ସାଧାରଣରେ ଗତ ଦୁଇଦିନ ହେବ ଆଲୋଚନା ହେଉଛି । ତେଣୁ ପୋଲିସ ଏଥିନେଇ ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ କରି ଏପରି ଜଘନ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଯଥାଶିଘ୍ର ଗିରଫ କରିବା ପାଇଁ ଦାବି ହୋଇଛି ।

ଯାଜପୁର ଜିଲାର ଜେନାପୁର ଥାନା ତଥା ଧର୍ମଶାଳା ବ୍ଲକ ଅନ୍ତର୍ଗତ ସଁପାରୁ ପଞ୍ଚାୟତର ତୋଟାକଣ ଗ୍ରାମର ଦୁଷ୍ମନ୍ତ ନାୟକ ଓ ତାଙ୍କ ଭଣଜା ଜଗନ ଶନିବାର ଦିନ ୬୦ ହଜାର ଟଙ୍କାଧରି ସାଙ୍ଗହୋଇ ବାଇକ କିଣିବାକୁ ଚଣ୍ଡିଖୋଲ ସୋରୁମକୁ ଯାଇଥିଲେ । ତେବେ ପୂର୍ବରୁ ଜଗନ ଚଢୁଥିବା ଏକ ବାଇକର ରିଫାଇନାସ ଦୁଷ୍ମନ୍ତ ନାମରେ ହୋଇଥିଲା ବେଳେ ତାର ଋଣ ସୁଝାଯାଇ ନଥିବାରୁ ନୂଆ ବାଇକ କିଣିବା ପାଇଁ ଦୁଷ୍ମନ୍ତଙ୍କୁ ଋଣ ମଞ୍ଜୁର ହୋଇପାରି ନଥିଲା । ଫଳରେ ସେ ନିରାଶ ହୋଗ ଭଣଜା ଜଗନ ଉପରେ ବିରକ୍ତି ହେବାସହ ସେ ଋଣ ସୁଝିବା ପର୍ଯ୍ୟନ୍ତ ତା ବାଇକକୁ ଦେବାପାଇଁ ଦୁଷ୍ମନ୍ତ ଜିଦି ଧରିଥିଲା । ତେବେ କୌଶଳକରି ଜଗନ ଦୁଷ୍ମନ୍ତକୁ ଘରକୁ ଫେରାଇ ଆଣିବା ପାଇଁ ଫନ୍ଦିକରିଥିଲା! ତେବେ ଡରକୁ ଫେରିବା ବାଟରେ ଜଗନ ତା ମାମୁଁ ଦୁଷ୍ମନ୍ତକୁ ହତ୍ୟା କରିବା ପାଇଁ ଯୋଜନା କରି ସଫଳ ହୋଇଥିଲା । ଫେରିବା ବାଟରେ ଝାଡାଯିବା ବାହାନାରେ ରହି ନିଜ ସହଯୋଗୀମାନଙ୍କ ଦ୍ୱାରା ମଧୁପୁରଗଡ ଭୁବନପୁର ଗ୍ରାମ ନିକଟ ସୁନାମୁହିଁ ଜଙ୍ଗଲରେ ଟାୟାର ତାର ସାହାଯ୍ୟରେ ଦୁଷ୍ମନ୍ତର ବେକକୁ ଚାପିବା ସହ ମୁଣ୍ଡକୁ ପଥରରେ ଛେଚି ଅତି ନୃଶଂସ ଭାବେ ହତ୍ୟାକରିଥିଲା । ତା ପରେ ଜଗନ ଓ ତା ସହଯୋଗୀ ମାନେ ମୃତଦେହକୁ ଜଙ୍ଗଲରେ ଫୋପାଡିଦେଇ ପଳାଥିଲେ । ଏହି ଘଟଣାରେ ଶନିବାର ରାତିରେ ଜେନାପୁର ପୋଲିସ ଜଗନକୁ କାବୁକରି ତାଠାରୁ ହତ୍ୟାକାଣ୍ଡ ସମ୍ପର୍କରେ ସମସ୍ତ ସୂଚନା ପାଇବା ପରେ ବିଶ୍ୱଜିତକୁ ଗିରଫ କରିଥିଲା । ଅଭିଯୁକ୍ତ ବିଶ୍ୱଜିତ ନାମରେ ଏଥି ପୂର୍ବରୁ ଏକାଧିକ ଜଘନ୍ୟ ମାମଲା ରହିଥିବା ସହ ସେ ଜେଲଯାଇ ଫେରିଥିବା ଜଣାପଡିଛି । ତେବେ ପୋଲିସ କୌଣସି ଚାପର ବଶବର୍ତ୍ତୀ ନହୋଇ ଏହି ଘଟଣାରେ ସଂପୃକ୍ତ ଜଗନର ଅନ୍ୟ ସମସ୍ତ ସହଯୋଗୀଙ୍କୁ ଗିରଫ କରୁ ବୋଲି ହାଧାରଣରେ ଦାବି ହୋଇଛି ।

## ପାନୀୟ ଜଳ ପାଉନାହାଁନ୍ତି କଚେରୀପଡାବାସୀ



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତ କଚେରୀପଡା ଗ୍ରାମର ୱାର୍ଡ ନଂ-୩ରେ ବସବାସ କରୁଥିବା ଅଧିବାସୀ ମାନେ ଦୀର୍ଘ ୧୦ ବର୍ଷ ହେଲା ପାନୀୟ ଜଳ ପାଉ ନାହାନ୍ତି । ଫଳରେ ଏହି ଗ୍ରାମର ଲୋକମାନେ ବିଭିନ୍ନ ରୋଗାଗସ୍ତ ହେଉଛନ୍ତି । ପ୍ରାୟ ୪୦/୫୦ ପରିବାର ପାନୀୟ ଜଳ ପାଇଁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ଫଳ ମିଳୁ ନାହିଁ ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାର ନିୟମ ଥିବାବେଳେ ଏହି ଗ୍ରାମର ଲୋକମାନେ ୧୦ ବର୍ଷ ହେଲା ପାନୀୟ ଜଳ ପାଇଁ ବାର ଦୁଆର ହେଉଛନ୍ତି । କଚେରୀପଡା ଗ୍ରାମର ପଦ୍ମଚରଣ ବେହେରା, ପ୍ରହଲ୍ଲାଦ ବେହେରା, ଜ୍ଞାନରନ ସାହୁ, ସୁଧାକର ସାହାଣୀ, ବନସ୍ମିତା ସାହାଣୀ, ପୁଷ୍ପଲତା ସାହାଣୀ, ଦେବପ୍ରିୟା ନାୟକ ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲ୍ଲା ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଭେଟି ତୁରନ୍ତ ପାନୀୟ ଜଳ ଯୋଗା ଦେବାପାଇଁ ଦାବି କରିଛନ୍ତି । ନଚେତ୍ ଏହି ଗ୍ରାମବାସୀ ମାନେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ସାଲେପୁର, (ସବ୍ୟୁ): ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ହେଉଥିବା ଜନସମ୍ପର୍କ ପଦଯାତ୍ରା ରବିବାର ଦିନ ଚାରୋଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମହାଜନପୁର, ତ୍ରିଲୋଚନପୁର, ମଧକଛ ଓ ତେନ୍ତଳ ପଞ୍ଚାୟତର ହଜାର ହଜାର ଦଳିଅ କର୍ମୀଙ୍କ ସହିତ ପଦଯାତ୍ରାରେ ବାହାରି ଥିଲେ ।ବିଧାୟକ ଶ୍ରୀ ବେହେରା ମହାଜନପୁର ସ୍ଥିତ ମା କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରି କର୍ମୀମାନଙ୍କ ସହିତ ପଦଯାତ୍ରାରେ ବାହାରି ଥିଲେ । ରାସ୍ତାରେ ବିଭିନ୍ନ ସ୍ଥାନରେ ବିଧାୟକ ଶ୍ରୀ ବେହେରାଙ୍କୁ ଦୀପ ଫୁଲ ମାଳ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା ।ବିଧାୟକ ଶ୍ରୀ ବେହେରା ଓ କର୍ମୀ ମାନେ ରାସ୍ତାରେ ପଦଯାତ୍ରାରେ ଗଲା ବେଳେ ଲୋକମାନଙ୍କୁ ବିଜୁ ଜନତା ଦଳର ସରକାର ଥିବା ବେଳେ କରିଥିବା ଲୋକାଭିମୁଖୀ ଜନ ହିତକର ସଫଳ ରୂପାୟନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।

ଏହି ପଦଯାତ୍ରା ରେ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ, ବ୍ଲକ ଯୁବ ସଭାପତି ସଞ୍ଜିତ ଦାଶ, ପୁଷ୍ପକ ମହାନ୍ତି ,ଦିଲ୍ଲୀପ ସ୍ୱାଇଁ , ଗିରିଜା ନନ୍ଦିନୀ ସାହୁ , ଜୁଲି ଦାସ, ସୁନିତା କର , ସଞ୍ଜୟ କୁମାର ସାହୁ ,ମଧକଛ ପଞ୍ଚାୟତ ସରପଞ୍ଚ ସଞ୍ଜୟ ବେହୁରା ,ଆଲୋକ କୁମାର ମୁଦୁଲି ,ଧନେଶ୍ୱର ଦାସ ,ସଦାନନ୍ଦ ସାହୁ ଙ୍କ ସହିତ ସହ ସହ ମହିଳା, ଯୁବ ଦଳିଅ କର୍ମୀମାନେ ଉକ୍ତ ପଦ ଯାତ୍ରା ରେ ସାମିଲ ହୋଇଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ
# ୯ ଦଫା ଦାବିପତ୍ର ପ୍ରଦାନ

ଧର୍ମଶାଳା ,(ସବ୍ୟୁ) :ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କେନ୍ଦ୍ର ସରକାର ଦେଉଥିବା ଚିକିତ୍ସା ଭତା ଓ ସ୍ୱାସ୍ଥ୍ୟସେବା ଲାଗୁ କରିବା,କୋଭିଡ ସମୟରେ ବକେୟା ରହିଥିବା ୧୮ ମାସର ଡିଏ ପ୍ରଦାନ କରିବା, ପୁର୍ବ ଭଳି ପେନସନକୁ ବଳବତର ରଖିବା ଆଦି ୯ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଆଶାତରୁ ନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଭିକାରୀ ଚରଣ ମଲିକ, ଯୁଗଳ କିଶୋର ଦାସ, ସତ୍ୟାନନ୍ଦ ପ୍ରଧାନ ଓ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବି ଗୁଡିକୁ ବିଚାର କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ରାଜକନିକା ,(ସବ୍ୟୁ) : ରାଜକନିକା ବ୍ଲକ ଜାଗୁଲାଇପଡା ପଞ୍ଚାୟତ ଅଧୀନ ଜାଏମାଲବ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେଇଯାଇଛି । ମଣ୍ଡଳ ଶିକ୍ଷାଅଧିକାରୀ ନଳିନୀ ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବି ଆର ସି ସି କୈଳାସ ଚନ୍ଦ୍ର ସାହୁ, ସୁମନମାଳା ରାଉତ, ନୋଡାଲ ସି ଆର ସି ସି ସଞ୍ଜୟ କୁମାର ବଳ,ଜାଏମାଲବ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ ଯୋଗ ଦେଇ କହିଥିଲେ ଯେ ଏହା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ର ଅନ୍ତର୍ନିହିତ ଗୁଣର ବିକାଶ ହେବ । ୧୭ ଟି କ୍ଲଷ୍ଟରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୯ ଟି ବିଭାଗର ୩୪୧ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ସି ଆର ସି ସି ଖଗେଶ୍ୱର ପଢ଼ିଆରୀ ମଞ୍ଚ ପରିଚାଳନା କରିଥିବା ବେଳେ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ, ଅତିଥି ପରିଚୟ ପ୍ରଦାନ ଓ ସିଆରସିସି, ମହେନ୍ଦ୍ର କୁମାର ମାହୁନ୍ତ ଧନ୍ୟବାଦ ଦେଇଥିଲେ ।ଅପରାହ୍ଣ ରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।ବ୍ଲକ ସ୍ତର ରେ ଯେଉଁ ମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆସନ୍ତା ୮ ତାରିଖ ଦିନ ଜିଲ୍ଲା ସଂସ୍କୃତି ଭବନରେ ହେବାକୁ ଜିଲ୍ଲା ସ୍ତରୀୟ ସୁରଭିରେ ଭାଗ ନେବେ ।କାର୍ଯ୍ୟକ୍ରମ ରେ ବି ଇ ଓ ଅଫିସ ର ସମସ୍ତ ସି.ଆର.ସି.ସି ଓ କର୍ମଚାରୀ ,ଜାଏମାଲବ କ୍ଲଷ୍ଟର ଓ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏସ ଏମ ସି ର ସମସ୍ତ ସଦସ୍ୟ ଓ ଜାଏମାଲବ କ୍ଲବର ସମସ୍ତ ସଦସ୍ୟ ଓ ରାଜକନିକା ବ୍ଲକର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ସାଧାରଣ ପରିଷ୍କାର ମାନର ଧାନ ନିର୍ଦ୍ଧାରଣ ଜନଜାଗରଣ ସଭା

ଜଗତସିଂହପୁର ,(ସବ୍ୟୁ) :ଜଗସିଂହପୁର ଜିଲ୍ଲା ପ୍ରଶାସନ, ଜିଲ୍ଲା ସମବାୟ ବିଭାଗ,ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ,ନିୟନ୍ତ୍ରିତ ବଜାର କମିଟି ଓ ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ମିଳିତ ସହଯୋଗରେ ଖରିଫ ଧାନ କ୍ରୟ ବିପର୍ଣ୍ଣନ ଋତୁ ୨୦୨୪-୨୫ ପାଇଁ ପଂଜିକୃତ କୃଷକମାନଙ୍କୁ ସାଧାରଣ ପରିଷ୍କାର ମାନର ଧାନ (ଏଫଏକ୍ୟୁ ଷ୍ଟାଣ୍ଡାର୍ଡ ଅଫ ପ୍ୟାଡି ) ସମ୍ପର୍କରେ ଅବଗତ କରାଇବା ନିମିତ୍ତ ତୃଣମୂଳ ସ୍ତରରେ, ଗ୍ରାମ ପଂଚାୟତ / ସମିତିମାନଙ୍କରେ ଜନଜାଗରଣ ସଭା / କାର୍ଯ୍ୟକ୍ରମ ମାନ ନଭେମ୍ବର ୫ ତାରିଖରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମରେ ପଂଚାୟତରାଜ ଅନୁଷ୍ଠାନର ନିର୍ବାଚିତ ଜନପ୍ରତିନିଧୀ,ସ୍ଥାନୀୟ ବିଧାୟକ ଓ ସାଂସଦ ମହୋଦୟଙ୍କୁ ସାମିଲ କରିବାର ପ୍ରୟାସ କରାଯାଇ ଅଛି ।

ଏଣୁ ପଂଜିକୃତ ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କ ଅଂଚଳର ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ସମ୍ପାଦକ ଠାରୁ ତାଙ୍କ ଅଂଚଳର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ବହୁଳ ସଂଖ୍ୟାରେ ସେଇ ସଭା ମାନଙ୍କରେ ଉପସ୍ଥିତ ରହି ସରକାରଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସାଧନ କରିବାରେ ତଥା ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୁଅନ୍ତୁ।

## ଜୟକିଶାନ କୋଅପରେଟିଭ ସୋସାଇଟିର ୨୯ତମ ସ୍ୱନକ୍ଷତ୍ର

ରଘୁନାଥପୁର ,(ସବ୍ୟୁ) :ରଘୁନାଥପୁର ବ୍ଲକ ତାରପୁରରେ ଥିବା ଜୟ କିଷାନ ମଲ୍ଟିପରପସ କୋଅପରେଟିଭ ସୋସାଇଟିର ୨୯ ତମ ସ୍ନକ୍ଷେତ୍ର ଦିବସ ସଭାପତି ଚଣ୍ଡି ପ୍ରସାଦ ସିଂହଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଷା ଓ ଭାବନାର ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ଅଧ୍ୟାପିକା ସୁଶ୍ରୀ ଗୀତା ରଥ ମୁଖ୍ୟବକ୍ତା ରୂପେ, ଅନ୍ୟତମ ସମ୍ମାନୀତ ଅତିଥି ରୂପେ ସେବା ନିବୃତ ଉପ-ନିରୀକ୍ଷକ ଶଶୀ ଶେଖର ରଥ ଯୋଗ ଦେଇଥିଲେ ।

ଅନୁଷ୍ଠାନର ଉପ ସଭାପତି ଶକୁନ୍ତଳା ପରିଜା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅନୁଷ୍ଠାନରେ ସଫଳତା ହାସଲ କରିଥିବା ସଭ୍ୟ ସଭ୍ୟା ଓ କର୍ମଚାରୀଙ୍କୁ ବେଷ୍ଟ କୋଅପରେଟିଭି ଆୱାର୍ଡ ପ୍ରଦାନ କରାଯାଇଥିଲା । ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏଥିରେ ଜଗନ୍ନାଥ ଚେତନାର କଥାବାଚକ ସୁଧିର କୁମାର ସାହାଣୀ, ଅଧ୍ୟାପକ ଓ ସମାଜ ସେବି ଲତିଫ ମହମ୍ମଦ, ଆଇ.ଡି.ଏଫ.ସି ବ୍ୟାଙ୍କ ଜଗତସିଂହପୁର ଶାଖା ପ୍ରବନ୍ଧକ ଦିବ୍ୟଜ୍ୟୋତି ଦାଶ ଏବଂ ଉଜ୍ଜୀବନ ବ୍ୟାଙ୍କର ଶାଖା ପ୍ରବନ୍ଧକ ଦେବରାଜ ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପ୍ରଗତି ଓ ସେବା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଅନୁଷ୍ଠାନର ସମ୍ପାଦକ ନିମାଇଁ ଚରଣ ମହାନ୍ତି ଜୟ କିଷାନ କୋଅପରେଟିଭର ବିବରଣୀ ପାଠ ଓ ଆଗାମୀ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ନାରାୟଣ ଚନ୍ଦ୍ର ଗିରୀ, ଲକ୍ଷ୍ମଣ କୁମାର ଦାଶ, ହିମାଂଶୁ ଶେଖର ପଟ୍ଟନାୟକ, ରାକେଶ କୁମାର ବିଶ୍ୱାଳ, ବଳରାମ ସେଠୀ, ଯତିନ୍ଦ୍ର ନାଥ ପ୍ରଧାନ, ନୃସିଂହ ଚରଣ ଦାଶ, କାଜଲ ସାହୁ ପ୍ରମୁଖ ସଭାକାର୍ଯ୍ୟ କରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶାଖାପ୍ରବନ୍ଧକ ନାରାୟଣ ଚନ୍ଦ୍ର ଗିରୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜୟନ୍ତୀ ବିଦ୍ୟାପୀଠରେ ଦେବୀପ୍ରସନ୍ନଙ୍କୁ ସମ୍ବର୍ଦ୍ଧନା




ନେମାଳ, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନଗସପୁରସ୍ଥ ଜୟନ୍ତୀ ବିଦ୍ୟାପୀଠ ପରିସରରେ ଓଡ଼ିଶା ସିଭିଲ ସର୍ଭିସରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାକ୍ତନ ଛାତ୍ର ଦେବୀପ୍ରସନ୍ନ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାପୀଠର ପ୍ରତିଷ୍ଠାତା ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ ସଭାରେ ପୌରୋହିତ୍ୟ କରି ଦେବୀପ୍ରସନ୍ନଙ୍କ ସଫଳତାରେ ବିଦ୍ୟାପୀଠ ସହିତ ସଂପୃକ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଂଚଳବାସୀ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ ବୋଲି ଉଲ୍ଲେଖ କରିଥିଲେ । ନିଜ ବକ୍ତବ୍ୟରେ ଦେବୀପ୍ରସନ୍ନ ଶିକ୍ଷକ ଓ ଗୁରୁଜନମାନଙ୍କର ଆଶୀର୍ବାଦ କାମନା କରିଥିଲେ ।

ସଭାରେ ବିଦ୍ୟାପୀଠର ପ୍ରାକ୍ତନ ସଭାପତି ଯୁଗଳ କିଶୋର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଭୂୟାଁ,ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ହୋତା, ପ୍ରାକ୍ତନ ବ୍ଲକ୍ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧୀର ଚନ୍ଦ୍ର ଷଡ଼ଙ୍ଗୀ,ଶିବ ପ୍ରସାଦ ସ୍ୱାଇଁ, ରବୀନ୍ଦ୍ର ନାଥ ଦାସ,ମୀର୍ ଅନସାର୍ ଅଲି , କିଶୋର ଚନ୍ଦ୍ର ସାହୁ, ସର୍ବେଶ୍ୱର ନାୟକ,ଗୋଲକ ଚନ୍ଦ୍ର ମହାପାତ୍ର, ଶକ୍ତି ପ୍ରସାଦ ଜେନା ଓ ପ୍ରାକ୍ତନ ଛାତ୍ର ଇଂ ଆଲୋକ ଭୂୟାଁ ପ୍ରମୁଖ ବକ୍ତୃତା ଦେଇ ଦେବୀପ୍ରସନ୍ନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସଭାରେ ଦେବୀପ୍ରସନ୍ନଙ୍କ ପିତା ଶିକ୍ଷକ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଓ ମା' ଶିକ୍ଷୟିତ୍ରୀ ସୁଚିତ୍ରା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କାର୍ଯ୍ୟାନୁଷ୍ଠାନ ନେଉନି ସୁକିନ୍ଦା ପୋଲିସ
# ଏସ୍‌ପିଙ୍କୁ ଭେଟିଲେ ପିଡ଼ିତା

ପାଣିକୋଇଲି, (ସବ୍ୟୁ) : ମାରଣାସ୍ତ୍ରରେ ଆକ୍ରମଣ ଓ ମହିଳାଙ୍କୁ ଅର୍ଦ୍ଧ ଉଲଗ୍ନ କରି ମାଡ ମାରିବା ମାମଲାରେ ସୁକିନ୍ଦା ପୁଲିସ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବତା ଅବଲମ୍ବନ କରିଛି । ଫଳରେ ପିଡିତା ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି । ପ୍ରକାଶଯେ ସୁକିନ୍ଦା ଥାନା ଅନ୍ତର୍ଗତ ଅତା ଗ୍ରାମର ପ୍ରଶାନ୍ତ ଦାସଙ୍କ ସ୍ତ୍ରୀ ରୀନା ସେଠୀଙ୍କ ଅଭିଯୋଗ ମୁତାବକ ଗତ ଅକ୍ଟୋବର ୨୦ ତାରିଖ ଦିନ ତାଙ୍କ ଶାରିରୀକ ବିକଳାଙ୍ଗ ସ୍ୱାମୀ ଓ ନାବାଳକ ପୁଅ ଘର ନିକଟସ୍ଥ ନଳକୂପରୁ ପାଣି ଆଣିବାକୁ ଯାଇଥିବା ବେଳେ ତାଙ୍କ ପଡୋଶୀ ବିଷ୍ଣୁ ଦାସ ଓରଫ (ଟୁନିଆ), ତାଙ୍କ ସ୍ତ୍ରୀ ଝରଣା ଓ ପୁଅ ସୁଂଧାଂଶୁ ପହଂଚି ଜାତିଆଣ ଅଶ୍ଳୀଳ ଗାଳି ଗୁଲଜ କରିଥିଲେ । ପାଟି ଶୁଣି ରୀନା ସେଠାରେ ପହଂଚିବାରୁ ସୁଧାଂଶୁ ତାଙ୍କ ନାଇଟକୁ ଟାଣି ଅର୍ଦ୍ଧ ଉଲଗ୍ନ କରି ମାଡ ମାରିଥିଲା । ଏକ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ପ୍ରଶାନ୍ତଙ୍କ ଆଂଗୁଠି କଟିଯିବା ସହ ବେକ ହଣାରୁ ରକ୍ଷା ପାଇଥିଲେ । ସେମାନେ ଜୀବନ ବଂଚାଇ ଘରକୁ ଦୌଡି ପଳାଇଥିଲେ । ଫଳରେ ଅଭିଯୁକ୍ତମାନେ ତାଙ୍କ ପରିବାରକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧ୍ୟ ହୋଇ ନ୍ୟାୟ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଗୁହାରୀ କରିଛନ୍ତି ।

## ହରିପୁର ପୃଷ୍ଟି ଗହଣା ପ୍ଲାଜାରେ ଜନଗହଳି



କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ହାଟର ପ୍ରତିଷ୍ଠିତ ମା ତାରିଣି ପୃଷ୍ଟି ଗୋଲ୍ଡ ପ୍ଲାଜାରେ ଦିପାବଳୀ ଠାରୁ ଜନଗହଳି ଦେଖିବାକୁ ମିଳିଛି । ସେଠାରେ ଆକର୍ଷଣୀୟ ନୁଆ ନୁଆ ମଡେଲର ସାମଗ୍ରି ମିଳିଥିବାରୁ ଲୋକମାନଙ୍କର ଭିଡ ପରିଲକ୍ଷିତ ହେଉଛି । ଏହାଛଡା ଆଗକୁ ରାହାସ ପୁର୍ଣ୍ଣମୀ ହରିପୁର କୁଂଜ ଅବସରରେ ବନ୍ଧୁ ବାନ୍ଧବମାନେ ହରିପୁର ଓ ନରସିଂହପୁର ଅଂଚଳକୁ ଆସୁଥିବା ଦେଖିବାକୁ ମିଳିଛି । ବିଭିନ୍ନ ଆକର୍ଷଣୀୟ କୁଂଜ ତୋରଣ ଓ ଯାତ୍ରା ମଂଚରେ ହରିପୁର ସପ୍ତାହେ ପର୍ଯ୍ୟନ୍ତ ଦୁଲୁକିବ । ସେଥିପାଇଁ ଛୋଟ ବଡ ଗହଣା ଦୋକାନରେ ମଧ ଭିଡ ପରିଲକ୍ଷିତ ହେଉଛି । ଏଥିସହ ପୃଷ୍ଟି ଗୋଲ୍ଡ ପ୍ଲାଜରେ ଭଲ ମାନର ସୁନା ସହିତ ନୁଆ ନୁଆ ଡିଜାଇନ ମିଳୁଥବା କଥା ପୃଷ୍ଟି ଗୋଲ୍ଡ ପ୍ଲାଜର ସତ୍ତ୍ୱାଧିକାରୀ ଦିଲ୍ଲିପ ପୃଷ୍ଟି କହିଛନ୍ତି ।

## ରତନପୁରଠାରେ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ମହାକାଳପଡ଼ା ,(ସବ୍ୟୁ) :କେନ୍ଦ୍ର ସରକାରଙ୍କ ହର ଘର ଜଳ କାର୍ଯ୍ୟକ୍ରମ ଯୋଗେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀସ୍ଥ ମାର୍ଶାଘାଇ ବ୍ଲକ ଅଧୀନ ମଙ୍ଗରାଜ ପୁର ପଂଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ଜଳ ଜୀବିକା ମିଶନ ଯୋଗେ ବସୁଧା ଯୋଜନାରେ ଅବସ୍ଥାପିତ ପାନୀୟ ଜଳ ପ୍ରକଳ୍ପ ସୋମବାର ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ଉତ୍ସବ ରେ ଗ୍ରାମ୍ୟ ଉନ୍ନୟନ ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୫୦, ୦୦୦ଲିଟର ଉଚ୍ଚ ପାଣି ଟାଙ୍କର ଲୋକାର୍ପଣ କରିଛନ୍ତି । ସହଯୋଗୀ ଭାବେ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଉପସ୍ଥିତ ଅଞ୍ଚଳବାସୀଙ୍କ ସୁବିଧା ନେଇ ଖୁସି ବ୍ୟକ୍ତ କରିଛନ୍ତି । ପରେ ପରେ ଆୟୋଜିତ ସଭାରେ ଯୋଗ ଦେଇ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ । ଡବଲ ଇଂଜିନ ସରକାର କିଭଳି ସାଧାରଣ ଜନତା ଙ୍କ ପାଇଁ ଉତ୍ସର୍ଗୀକୃତ ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ବଳରେ ଆଗକୁ ବେଶ ଜନାଦୃତ ହେବ ବୋଲି ମଂଚାସୀନ ଅତିଥି ମାନେ ମତ ରଖିଥିଲେ ।

ପ୍ରସଙ୍ଗ କ୍ରମେ ମନ୍ତ୍ରୀ ଶ୍ରୀନାୟକ ମହାକାଳପଡ଼ା ବିଧାୟକଙ୍କୁ କେନ୍ଦ୍ରାପଡ଼ା ଭାଜପା ପାଇଁ ଏକୋଇର ବଳା ବିସିକେଶନ ବୋଲି ସମ୍ବୋଧନ କରିଥିଲେ । ଏଥି ପାଇଁ ଖାଲି ମହାକାଳପଡ଼ା ନୁହେଁ ସମୁଦାୟ କେନ୍ଦ୍ରାପଡ଼ାର ଉନ୍ନତି ଘଟିବ ବୋଲି ମତ ରଖିଥିଲେ ମନ୍ତ୍ରୀ । ମୁଖ୍ୟଅତିଥି ଓ ବିଧାୟକଙ୍କ ସହିତ ମଞ୍ଚରେ ସରୋଜ କାନ୍ତ ସାହୁ, ସଂଜୟ କୁମାର ରଥ, ଅମିତାଭ ସୁଆର, ପ୍ରଶାନ୍ତ ସେଠୀ, ବିକ୍ରମ କେଶରୀ ରାଉତ,କଳ୍ପତରୁ ବେହେରା, ସରୋଜ କାନ୍ତ ସ୍ୱାଇଙ୍କ ସମେତ ଭାଜପାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏତଦ ବ୍ୟତୀତ ପାନୀୟ ଜଳ ଯୋଗାଣ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ ଓ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ ମଧ ଲୋକାର୍ପଣ ସ୍ଥଳୀରେ ଉପସ୍ଥିତ ଥିଲେ ।

## ଅଭିଯୋଗ ଶୁଣାଣି ଶିବିର : ୪୨୭ ଅଭିଯୋଗ ପଞ୍ଜିକୃତ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଚଣ୍ଡିଖୋଲ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା । ଶିବିରରେ ମୋଟ ୪୨୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।

ସେଥି ମଧ୍ୟରୁ ଗ୍ରାମ୍ୟ ଗୃହ ନିର୍ମାଣବିଭାଗର ୨୫୦,ଯୋଗାଣ ବିଭାଗ ସମ୍ବନ୍ଧୀୟ ୬୦,ରାଜସ୍ୱ ବିଭାଗର ୮୩,ସାମାଜିକ ମଙ୍ଗଳ ବିଭାଗର ୧୪,ପାନୀୟ ଜଳ ବିଭାଗର ୨,ସ୍ୱଚ୍ଛ ଭାରତ ମିଶନର ୧୪, ଏମେସେମିର ୧, କୃଷି ୧ ଓ ନରେଗା ଯୋଜନାର ୨ ଗୋଟି ଅଭିଯୋଗ ଅନ୍ତର୍ଭୁକ୍ତ । ତେବେ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର କେତେକ ଆଦିବାସୀ ମହିଳା ପହଞ୍ଚି ନିଜର ହାଣ୍ଡିଆ ବ୍ୟବସାୟ ସମ୍ବନ୍ଧୀୟ ଲିଖିତ ଅଭିଯୋଗ ପତ୍ରକୁ ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ଅଭିଯୋଗ ମୁତାବକ ଏମାନେ ଦୀର୍ଘ ବର୍ଷ ହେବ ଚଣ୍ଡିଖୋଲ ଛକ ନିକଟ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ହାଣ୍ଡିଆ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ଏଥିପାଇଁ ପଞ୍ଚାୟତ ତରଫରୁ ଏମାନଙ୍କୁ ଦୈନିକ ୧୦ ଟଙ୍କାର ରସିଦ ଦିଆଯାଇ ମାହାସୁଲ ଆଦାୟ ମଧ କରାଯାଉଛି ।

ହେଲେ ସ୍ଥାନୀୟ ପୋଲିସ ବାରମ୍ବାର ସେମାନଙ୍କୁ ହଇରାଣ ହରକତ କରୁଥିବା ନେଇ ସେମାନେ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଜିର ଏହି ଶିବିରରର ବ୍ଲକ ଅଧକ୍ଷା ମିନତୀ ସେନାପତି,ତହସିଲଦାର ମାନସକୁମାର ତ୍ରିପାଠୀ,ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଜନ ସାଧରଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ।

## ନୂଆପୋଖରୀରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ



ତିର୍ତ୍ତୋଲ, (ସବ୍ୟୁ) : ନୂଆପୋଖରୀ ବୋଧେଇ କାଳୀ ପୂଜା ସାଂସ୍କୃତିକ ମଞ୍ଚରେ ସ୍ୱାମୀ ବିବେକାନନ୍ଦ କାଳୀ ପୂଜା କମିଟି ପକ୍ଷ ରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କଟକର କୁଳସଚିବ ନିରୁପମା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ତାଙ୍କ ପିତା ଧ୍ରୁବ ଚରଣ ସ୍ୱାଇଁଙ୍କ ଜୀବନଝଦର୍ଶ ଉପରେ ରଚିତ ପୁସ୍ତକ ବାପା ତୁମେ ଦୂର ଦିଗନ୍ତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

ମଞ୍ଚରେ ମୁଖ୍ୟଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଥିତଯଶା ଲେଖକ ରବିନ୍ଦ୍ର ପ୍ରହରାଜ, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଡ଼ ବୈଷ୍ଣବ ମହାନ୍ତି, ସମ୍ମାନିତ ଅତିଥି ଡ଼ ବସନ୍ତ ମଞ୍ଜରୀ ଦାସ, କମିଟି ସଭାପତି, ସରୋଜ ଚନ୍ଦ୍ର ପାଣିଗ୍ରାହୀ, ବଟଶ୍ରୀ ଚାରିଟେବଲ ଟ୍ରଷ୍ଟ ଅଧକ୍ଷା ବିଭୂଷିତା ଦାସ, ଧ୍ରୁବ ଚରଣ ସ୍ୱାଇଁ, ସରପଞ୍ଚ, ଜସ୍ମିନ ଆଚାର୍ଯ୍ୟ, ସମିତି ସଭ୍ୟ ଶିବପ୍ରସାଦ୬ ସାହୁ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ ସହ ଜବାହାର ସ୍ମୃତି ଉଚ୍ଚ ବିଦ୍ୟାଳୟର କୃତୀଛାତ୍ରୀ ଦୁଇଜଣ ସ୍ୱାଗତିକା ବାରିକ, ଜ୍ୟୋର୍ତିମୟୀ ଆଚାର୍ଯ୍ୟଙ୍କ ସମେତ କାଳୀପୂଜା କମିଟିର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଷ୍ଣୁ ଚରଣ କାନୁନଗୋ, ପଦ୍ମନାଭ ବିଶ୍ୱାଳ, ନୃସିଂହ ଚରଣ ଦାସ, ନିରଞ୍ଜନ ଦାସ, ବୃନ୍ଦାବନ ତାରେଣିଆ, ଦେବେନ୍ଦ୍ର କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ । ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୦/୩୫)

–ବିଭୂତିଯୋଗଃ–

( ଶ୍ରୀଭଗବାନୁବାଚ )

**ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।**
**ମାସାନାଂ ମାର୍ଗଶୀର୍ଷୋହମୃତୂନାଂ କୁସୁମାକରଃ ।।୩୫।।**

ମୁଁ ସାମମାନଙ୍କ ମଧ୍ୟରେ (ସାମବେଦୀୟ ମନ୍ତ୍ରସମୂହ) ମୃହତ୍ସାମ, ଛନ୍ଦୋବିଶିଷ୍ଟ ମନ୍ତ୍ରସମୂହ ମଧ୍ୟରେ ମୁଁ ଗାୟତ୍ରୀ, ମାସମାନଙ୍କ ମଧ୍ୟରେ ମୁଁ ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ମୁଁ ବସନ୍ତ ।।୩୫।।

## ଡିଜିଟାଲ ବିପ୍ଲବ

ସମ୍ପାଦକୀୟ

ଭାରତରେ ଡିଜିଟାଲ ବିପ୍ଳବ ଯେଉଁଭଳି ଭାବରେ ବିସ୍ତାରିତ ହେବାରେ ଲାଗିଛି ଏବଂ ଯେଉଁ ଗତିରେ ସାରା ଦେଶର କୋଣଅନୁକୋଣରେ ପହଞ୍ଚି ପାରିଛି, ତାହା ବାସ୍ତବିକ ଖୁସିର ବିଷୟ, ଆନନ୍ଦର ବିଷୟ । ଏହି ବିପ୍ଳବ ଦେଶକୁ ସବୁ କ୍ଷେତ୍ରରେ ଅଗ୍ରଗତି କରିବାରେ ସହାୟକ ହେଇଛି, ସରକାର ଓ ଜନତାଙ୍କ ମଧ୍ୟରେ ଦୂରତାକୁ ହ୍ରାସ କରିଛି ଏବଂ କ୍ଷଣିକରେ ମଣିଷ ସାରା ବିଶ୍ୱର ଖବର ପାଇପାରୁଛି । ଏହା ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ ହେଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ଅନେକ କ୍ଷେତ୍ରରେ ଆମର ଉନ୍ନତି ଆସିଛି ଏବଂ ସାମାଜିକ ବ୍ୟବସ୍ଥା ମଧ୍ୟ ସୁଦୃଢ ହେଇପାରିଛି । ଚିନ୍ତାର ବିଷୟ, ଡିଜିଟାଲ ଅଗ୍ରଗତି ସହ ତାଳ ଦେଇ ସାଇବର ଅପରାଧର ସଂଖ୍ୟା ଓ ପ୍ରକାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଡିଜିଟାଲ ରୂପାନ୍ତର ସହିତ ଦେଶରେ ସାଇବର ଅପରାଧ ବଢ଼ିବାରେ ଲାଗିଛି, ଯାହା ବ୍ୟକ୍ତି, ବ୍ୟବସାୟ, ତଥା ସାମଗ୍ରିକ ସାଇବର ନିରାପତ୍ତା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରୁଛି । ସାଇବର ଅପରାଧ କୌଣସି ଭୌଗଳିକ ସୀମା, ଦେଶ, ରାଜ୍ୟ, ଅଞ୍ଚଳରେ ସୀମାବଦ୍ଧ ନୁହେଁ । ଯେ'କୌଣସି ଅଞ୍ଚଳର ବ୍ୟକ୍ତି, ଅନୁଷ୍ଠାନକୁ ଏହା କୌଣସି ବି ସମୟରେ ପ୍ରଭାବିତ କରିପାରେ । ଯେଉଁଭଳି ଭାବରେ ଟେକ୍ନୋଲୋଜି ଆମର ଦୈନନ୍ଦିନ ଜୀବନରେ ଅଧିକ ଗଭୀର ଭାବରେ ଜଡିତ ହେବାରେ ଲାଗିଛି, ସେହିପରି ସାଇବର ଅପରାଧର ଶୀକାର ହେବା ନେଇ ସମ୍ଭାବନା ମଧ୍ୟ ବଢ଼ିବାରେ ଲାଗିଛି । ଏହାର ବୃହତ ଜନସଂଖ୍ୟା ଏବଂ ଡିଜିଟାଲ ଭିତ୍ତିଭୂମି ବୃଦ୍ଧି ସହିତ ଭାରତ ସାଇବର ଅପରାଧୀଙ୍କ ପାଇଁ ଆର୍ଥିକ ଲାଭ, ତଥ୍ୟ ଉଲ୍ଲଂଘନ, ପରିଚୟ ଚୋରି ଏବଂ ଅନ୍ୟାନ୍ୟ କୁତ୍ସିତ କାର୍ଯ୍ୟକଳାପ ପାଇଁ ଏକ ପ୍ରମୁଖ ଲକ୍ଷ୍ୟ ଭାବରେ ଉଭା ହୋଇଛି । ଭାରତରେ ସାଇବର ଅପରାଧର ବୃଦ୍ଧିରେ ଅନେକ କାରଣ ରହିଛି । ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ସଂଯୋଗର ଦ୍ରୁତ ବିସ୍ତାର ସାଇବର ଅପରାଧୀଙ୍କୁ ଏକ ବିସ୍ତାରିତ ଆକ୍ରମଣ ପୃଷ୍ଠ ଏବଂ ସମ୍ଭାବ୍ୟ ପୀଡିତଙ୍କୁ ଯୋଗାଇ ଦେଉଛି । ଏହା ସହିତ, ଇ-ବାଣିଜ୍ୟ, ଅନଲାଇନ ବ୍ୟାଙ୍କିଙ୍ଗ୍ ଏବଂ ଡିଜିଟାଲ୍ ପେମେଣ୍ଟ ସିଷ୍ଟମର ଅଭିବୃଦ୍ଧି ଆର୍ଥିକ ଠକେଇ ଏବଂ ଡାଟା ଚୋରି ପାଇଁ ନୂଆ ଉପାୟ ସୃଷ୍ଟି କରିଛି । ଉପଭୋକ୍ତାମାନଙ୍କ ମଧ୍ୟରେ ସାଇବର ନିରାପତ୍ତା ସଚେତନତାର ଅଭାବ, ପର୍ଯ୍ୟାପ୍ତ ଆଇନଗତ ଢାଞ୍ଚା ଏବଂ ସାଇବର ଅପରାଧୀଙ୍କ ଦ୍ୱାରା ନିୟୋଜିତ ଭିନ୍ନ ଭିନ୍ନ ପ୍ରକାରର କୌଶଳ ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । କେତେକ ତଥ୍ୟ ଅନୁସାରେ, ଚଳିତ ବର୍ଷର ଜାନୁଆରୀରୁ ଏପ୍ରିଲ ମାସ ମଧ୍ୟରେ ସାଇବର ଅପରାଧ ହେତୁ ଭାରତୀୟ ନାଗରିକମାନେ ୧୭୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ 'ନ୍ୟାସନାଲ ସାଇବର କ୍ରାଇମ' ରିପୋର୍ଟ ପୋର୍ଟାଲରେ ୭,୪୦,୦୦୦ ରୁ ଅଧିକ ଅଭିଯୋଗ ଦାଖଲ କରାଯାଇଥିଲା । ଭାରତର ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର ଦ୍ୱାରା ହେଇଥିବା ଆକଳନରୁ ଜଣାପଡିଛି ଯେ' ସାଇବର ଅପରାଧିକ କାର୍ଯ୍ୟକଳାପରେ ଭାରତୀୟମାନେ ବହୁ ପରିମାଣର ଅର୍ଥ ହରାଉଛନ୍ତି, ଯେଉଁଥିରେ ଡିଜିଟାଲ ଠକେଇ, ବାଣିଜ୍ୟରେ ସ୍କାମ, ଅର୍ଥ ନିବେଶରେ ପ୍ରତାରଣା ଏବଂ ସନ୍ଦେହଜନକ ଡେଟିଂ ସାଇଟ ସମ୍ବନ୍ଧୀୟ ସ୍କାମ ମଧ୍ୟ ରହିଛି । ୨୦୨୨ ମସିହାରେ ସମଗ୍ର ଭାରତରେ ୧.୩ ମିଲିୟନରୁ ଅଧିକ ସାଇବର ଆକ୍ରମଣ ହୋଇଥିବା ରିପୋର୍ଟ କରାଯାଇଥିଲା । ପ୍ରତ୍ୟେକ ବର୍ଷ ନୁହେଁ ପ୍ରତ୍ୟେକ ମାସରେ ଏହା ବଢ଼ିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଗୋଟିଏ ରେଡ଼ିଓ ବାର୍ତ୍ତାରେ ସାଇବର ଅପରାଧର ଏକ ନିର୍ଦ୍ଦିଷ୍ଟ ରୂପରେଖ 'ଡିଜିଟାଲ୍ ଆରେଷ୍ଟ' ବିଷୟରେ କହିଥିଲେ ଏବଂ ଏ ସଂକ୍ରାନ୍ତରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହା ଏକ ସମୟ ଉପଯୋଗୀ ପଦକ୍ଷେପ ନିଶ୍ଚୟ ଏବଂ ଦେଶରେ ଏ ସଂକ୍ରାନ୍ତରେ ଜନତାଙ୍କୁ ସଚେତନ କରାଯାଇପାରିଛି । ଜନସେବାଗୁଡିକର ଡିଜିଟାଇଜେସନ ଏକ ବିସ୍ଫୋରକ ଗତିରେ ଅଗ୍ରଗତି କରୁଛି କିନ୍ତୁ ଏଥିରେ ଥିବା ସମ୍ଭାବ୍ୟ ବିପଦ ବିଷୟରେ ଲୋକେ ସେତିକିଟା ସଚେତନ ନାହାନ୍ତି ବା ସେମାନଙ୍କୁ ସେହି ଅନୁସାରେ ସଚେତନ କରଯାଇ ପାରିନାହିଁ । କେବଳ ଗରିବ ଓ ଅଶିକ୍ଷିତ ଲୋକ ଯେ' ଜ୍ଞାନର ଅଭାବରୁ ସାଇବର ଅପରାଧର ଶିକାର ହେଉଛନ୍ତି ତାହା ନୁହେଁ ଅନେକ ଶିକ୍ଷିତ ଧନୀ ବ୍ୟକ୍ତି ମଧ୍ୟ ଏହାର ଶିକାର ହେବାରେ ଲାଗିଛନ୍ତି । ସାଇବର ଅପରାଧର ଶିକାର ହେଇଥିବା ପ୍ରୋଫାଇଲଗୁଡିକୁ ଯଦି ଯତ୍ନର ସହ ଯାଞ୍ଚ କରାଯାଏ, ତା'ହେଲେ ଜଣାପଡେ, ବୟସ୍କ ଲୋକ ଅଧିକ ମାତ୍ରାରେ ସାଇବର ଅପରାଧର ଶିକାର ହେଉଛନ୍ତି । ଏହା ଆମ ଦେଶରେ, ସାଇବର-ଅପରାଧିକ କାର୍ଯ୍ୟକଳାପର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରେ: ଅପରାଧିଙ୍କର ଅତ୍ୟନ୍ତ ଅତ୍ୟାଧୁନିକ ପ୍ରୟାସ ଯାହା ଶିକ୍ଷିତମାନଙ୍କୁ ମଧ୍ୟ ବୋକା ବନାଇପାରେ । ପ୍ରଶାସନ, ପୁଲିସ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆଇନ ପ୍ରଣୟନକାରୀ ସଂସ୍ଥାଙ୍କ ପ୍ରୟାସ ସତ୍ତ୍ୱେ, ଅପରାଧ ସଂଖ୍ୟା ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସାଇବର ଅପରାଧର ବୃଦ୍ଧି ଆମ ସମସ୍ତଙ୍କ ପାଇଁ ଗୋଟିଏ ଚ୍ୟାଲେଞ୍ଜ ଭାବରେ ଉଭା ହେଇଛି ଯାହା ସମସ୍ତ ହିତାଧିକାରୀଙ୍କ ତୁରନ୍ତ ଧ୍ୟାନ ଏବଂ ମିଳିତ ପ୍ରୟାସ ଆବଶ୍ୟକ କରେ । ସାଇବର ନିରାପତ୍ତା ଭିତ୍ତିଭୂମି ବୃଦ୍ଧି, ସାଇବର ନିରାପତ୍ତା ସଚେତନତା ଓ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଏବଂ ସାଇବର ବିପଦରୁ ସୁରକ୍ଷା ପାଇଁ ସରକାର, ବେସରକାରୀ କ୍ଷେତ୍ର ଏବଂ ଅନ୍ତର୍ଜାତୀୟ ସଂସ୍ଥା ମଧ୍ୟରେ ସହଯୋଗକୁ ମଜବୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୋଟାମୋଟି ଭାବରେ, ସାଇବର ଅପରାଧ ବିରୁଦ୍ଧରେ ସଂଗ୍ରାମ ଏକ ସାମୂହିକ ଏବଂ ସ୍ଥାୟୀ ପ୍ରୟାସ ଆବଶ୍ୟକ କରେ । ସାଇବର ନିରାପତ୍ତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ସଚେତନତା ସୃଷ୍ଟି କରିବା ସହ ଦୃଢ ପ୍ରତିଷେଧକ ବ୍ୟବସ୍ଥା କାର୍ଯ୍ୟକାରୀ କରି ଭାରତ ଏକ ସୁରକ୍ଷିତ ଡିଜିଟାଲ ଇକୋସିଷ୍ଟମ ସୃଷ୍ଟି କରିପାରିବ, ଯାହା ନବସୃଜନ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ।

## ମୁଁ ବିବର୍ତ୍ତନ



ଶ୍ରୀବତ୍ସ ନାୟକ

କିଏ କୁହେ ମୋତେ ସମୟ ତ ପୁଣି କିଏ କୁହେ କାଳ । କେବେ ମୁଁ ଇଚ୍ଛାଧାରୀ ତ କେବେ ପୁଣି ଅହଙ୍କାରୀ । ମୁଁ ସ୍ୱାଧୀନ, ମୁଁ ହିଁ ପରାଧୀନ । କେବେ ମୁଁ ବିକାଶରେ ଭାଗିଦାରୀ ହୁଏ ତ କେବେ ପୁଣି ବିନାଶର କାରଣ ହୁଏ । ମୁଁ ସମସ୍ୟା ସୃଷ୍ଟି କରେ ଏବଂ ସମାଧାନର ରାସ୍ତା ମଧ୍ୟ ବାହାର କରେ ।

ମୋର ଆକାର ନାହିଁ । ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ବଞ୍ଚେ । ସୃଷ୍ଟିର ଆଦ୍ୟରେ ଥିଲି, ଅଧୁନା ଅଛି ଏବଂ ସୃଷ୍ଟିର ଅନ୍ତରେ ମଧ୍ୟ ଥିବି । ମୁଁ ସୃଷ୍ଟିର ମହାଜାଗତିକ ନିୟମ । ଜୀବଜଗତକୁ ଚଳମାନ କରେ । ମୁଁ ହିଁ ବିବର୍ତ୍ତନ । ମୋ ଯୋଗୁଁ ଦିଗନ୍ତବିସ୍ତାରି ପ୍ରକୃତି, ଷଡଋତୁର ଲୀଳାରେ ପୃଥିବୀ ପୃଷ୍ଠରେ ଜୟଗାନ କରିଥାଏ, ଯାହାର ନୟନାଭିରାମ ଦୃଶ୍ୟ ବେଶ୍ ମନମୁଗ୍ଧକର ହୋଇଥାଏ ।

ବିଶ୍ୱର ଉତ୍ପତ୍ତିଠାରୁ ଆଜି ପର୍ଯ୍ୟନ୍ତ ମୁଁ ସର୍ବଦା ଚଳଚଞ୍ଚଳ । ଜଣେ ପ୍ରକୃତିବାଦୀ ଭାବରେ ମୋର ଧୀରମନ୍ଥର ଗତି ପାଇଁ ମୁଁ ବେଶ୍ ପରିଚିତ ଥିଲି । କିନ୍ତୁ ସାମ୍ପ୍ରତିକ ସମୟରେ ମୋର ଗତିରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ପ୍ରକୃତି କୋଳରେ ଜୀବଜଗତର ଅଭ୍ୟୁଦୟ ସଂଘଟିତ ହୋଇ ଭୂତାତ୍ତ୍ୱିକ ସମୟକ୍ରମରେ ଜୀବମାନେ ଅନେକ ଜାତି ପ୍ରଜାତିରେ ରୂପାନ୍ତରିତ ହୋଇଥିଲେ ମଧ୍ୟ ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ କୃତି ହେଉଛି ମନୁଷ୍ୟ, ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ସ୍ୱରୂପ ହେଉଛି ପରିବର୍ତ୍ତନ ।

ଗର୍ଭ ସଞ୍ଚାରଣ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ, ପ୍ରତ୍ୟେକ ଦିନ, ପ୍ରତ୍ୟେକ ଜୀବଙ୍କର ଶାରିରୀକ ଏବଂ ମାନସିକ କ୍ରିୟା ଆନୁବଂଶିକ ଉପାଦମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥାଏ । ବିଶ୍ୱନିୟନ୍ତା ମନୁଷ୍ୟକୁ, ଷଷ୍ଠ ଇନ୍ଦ୍ରିୟ ଭାବେ ଚେତନାର ଇନ୍ଦ୍ରିୟ ଦେଇ, ଶ୍ରେଷ୍ଠ ଜୀବର ଆଖ୍ୟା ଦେଲେ । ଏହି ଚେତନାର ଇନ୍ଦ୍ରିୟ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଭୁଲ୍ ଠିକ୍‌ର ବିଚାର କରେ, ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଭଗବାନଙ୍କର ସତ୍ତାକୁ ଅନୁଭବ କରେ, ନିଜ ଚେତନାର ପରିଧିକୁ ବୃହତ୍ତର ଆଡ଼କୁ ଅଗ୍ରସର କରେ, ସମଗ୍ର ଜୀବଜଗତକୁ ସୁରକ୍ଷା ଦିଏ ଓ ଜ୍ଞାନ-ବୁଦ୍ଧି-ବିବେକର ଉପଯୁକ୍ତ ପ୍ରୟୋଗ କରିଥାଏ । ଏତେ ସବୁ ଦାୟିତ୍ୱ ମନୁଷ୍ୟ ଉପରେ ନ୍ୟସ୍ତ ଥିଲେ ମଧ୍ୟ ମନୁଷ୍ୟ ତାର ବିପରୀତ ଦିଗରେ ଅନେକ ସମୟରେ କାର୍ଯ୍ୟ କରେ ।

ଆଧୁନିକତାର ଦ୍ୱାହି ଦେଇ ଆଜିର ମନୁଷ୍ୟ ବିକାଶ ଆଳରେ ନିଜ ବିନାଶକୁ ନିମନ୍ତ୍ରଣ କରୁଛି । ମୁଁ ପ୍ରକୃତିବାଦୀ ହେଲେ ମଧ୍ୟ ମନୁଷ୍ୟ ସମାଜର ଦୈନନ୍ଦିନ କାର୍ଯ୍ୟକଳାପ ତଥା ପ୍ରକୃତି ଉପରେ ମାତ୍ରାଧିକ ହସ୍ତକ୍ଷେପ କାରଣରୁ ମୋର ଗତିରେ ଦ୍ରୁତ ଅଭିବୃଦ୍ଧି ଘଟୁଛି, ଯାହାକୁ ବିପରୀତ ବିବର୍ତ୍ତନ ବୋଲି ଧରାଯାଉଛି । ଜନସଂଖ୍ୟା ବିସ୍ଫୋରଣ, କଳକାରଖାନାର ଦ୍ରୁତ ଅଭିବୃଦ୍ଧି, ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ବ୍ୟବହାର, ଗାଡ଼ି ମୋଟର ବହୁଳ ବ୍ୟବହାର, ଜଙ୍ଗଲକ୍ଷୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ବ୍ୟବହାର, ଅତ୍ୟଧିକ ରସାୟନଯୁକ୍ତ ପ୍ରକିୟାକରଣ ଖାଦ୍ୟସେବନ, ଟେଲିଫୋନ ଟାୱାରର ବହୁଳ ବ୍ୟବହାର କରି ପ୍ରତ୍ୟେକ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ମନୁଷ୍ୟ ସମାଜ ପରିବେଶକୁ ନଷ୍ଟ କରୁଛି । ପୃଥିବୀ ପୃଷ୍ଠରେ ସମଗ୍ର ଜୀବଜଗତଙ୍କର ବଞ୍ଚିବାର ଅଧିକାର ଅଛି । କିନ୍ତୁ ଜ୍ଞାନୀ ମନୁଷ୍ୟ ନିଜ ଜ୍ଞାନ ଓ ବିବେକକୁ ବଳି ଦେଇ ସମଗ୍ର ପ୍ରକୃତିକୁ ଧ୍ୱଂସ କରୁଛି ।

ସେଥିପାଇଁ ତ ମଣିଷମାନଙ୍କ ମଧ୍ୟରେ ଅମଣିଷ ଥାଇପାରନ୍ତି କିନ୍ତୁ ପଶୁମାନଙ୍କ ମଧ୍ୟରେ ଅପଶୁ କିମ୍ବା ପକ୍ଷୀମାନଙ୍କ ମଧ୍ୟରେ ଅପକ୍ଷୀ କେହି ନଥାନ୍ତି । କାରଣ ପଶୁ ଓ ପକ୍ଷୀମାନେ ଯାହା କରିବା କଥା ଠିକ୍ ସେଇଆ ହିଁ କରିଥାନ୍ତି । କିନ୍ତୁ ମନୁଷ୍ୟ ଯାହା ନ କରିବା କଥା, ତାହା ହିଁ କରିଥାଏ । ମନୁଷ୍ୟ ପ୍ରକୃତିର ବିବିଧତାକୁ ନଷ୍ଟ କରିବା ଯୋଗୁଁ ପୃଥିବୀ ପୃଷ୍ଠରେ ଗଚ୍ଛିତ ବରଫ ତରଳୁଛି, ବନାଗ୍ନି ହେଉଛି, ସମୁଦ୍ର ଜଳ ଅଧିକ ଅମ୍ଳଯୁକ୍ତ ଯୋଗୁଁ ଜୀବମାନଙ୍କର ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହେଉଛି, ଖାଦ୍ୟର ପ୍ରକ୍ରିୟାକରଣ ଯୋଗୁଁ ଜୀବନ କ୍ଷଣସ୍ଥାୟୀ ହେଉଛି, ଉଦ୍ଭିଦମାନଙ୍କର ଋତୁକାଳୀନ ଚେହେରାରେ ପରିବର୍ତ୍ତନ ଆସୁଛି ।

ଅନିୟମିତ ବୃଷ୍ଟିପାତ, ରୌଦ୍ରତାପ, ଭୂସ୍ଖଳନ, ହିମଝଡ଼, ଭୂମିକମ୍ପ, ସୁନାମୀ ମନୁଷ୍ୟକୃତ ଯୁଦ୍ଧ ବିଭୀଷିକା, ଆଦିରେ ଯୁଝି ହେଉଛି ମନୁଷ୍ୟ । ପ୍ରକୃତି ତାଣ୍ଡବ ରଚିବା ଯୋଗୁଁ ଜୀବନ ଦୁର୍ବିସହ ହୋଇପଡିଛି । ପଞ୍ଚଭୂତ ଆଦିରେ ଭରି ରହିଛି ଅନେକ ବିଷ । ଏଠି ଜଳ ପ୍ରଦୂଷିତ,ବାୟୁରେ ଅଙ୍ଗାରକାମ୍ଳର ପରିମାଣ ମାତ୍ରାଧିକ, ଦିନକୁ ଦିନ ଓଜୋନ ସ୍ତରରେ ରନ୍ଧ୍ର ସୃଷ୍ଟି ହେବାର ଲାଗିଛି ଓ ଅଜଣା ରୋଗରେ ଅନେକ ଜୀବନ ଚାଲିଯାଉଛି । ଏତାଦୃଶ୍ୟ ଅବସ୍ଥା ପାଇଁ ପ୍ରତ୍ୟକ୍ଷ ଭାବେ ମନୁଷ୍ୟ ଦାୟୀ ହେଲେ ମଧ୍ୟ ପରିଣାମ ଭୋଗୁଛି ସମଗ୍ର ଜୀବଜଗତ । ଏହିଭଳି କାର୍ଯ୍ୟକଳାପ ଯୋଗୁଁ ମୁଁ ଦ୍ରୁତ ଗତିଶୀଳ ହୋଇ ବିପରୀତ ଦିଗରେ ଗତି କରୁଛି । ଏହିଭଳି ଦ୍ରୁତ ବିବର୍ତ୍ତନ ଯୋଗୁଁ ଅନେକ ନିରୀହ ଜୀବମାନେ ଜୀବନ ଧାରଣ କରିବା ନିମନ୍ତେ ଯୁଗାନ୍ତକାରୀ ନିର୍ଣ୍ଣାୟକ ଲଢେଇରେ ତିଷ୍ଠି ପାରୁନାହାନ୍ତି । ଏଠି ତିଷ୍ଠି ରହିବା ପାଇଁ ସଙ୍ଘର୍ଷ କରିବାକୁ ପଡୁଛି । ପ୍ରକୃତି ସହ ପ୍ରତିଯୋଗିତା କରିବା ପାଇଁ ପଡୁଛି । ମୋର ଉଦ୍ଦେଶ୍ୟ ଯଦିଓ ଜୀବଜଗତକୁ ବିଲୁପ୍ତ କରିବା ନୁହେଁ, ତଥାପି ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ମନୁଷ୍ୟ ସମାଜ ଯାହା କରୁଛି, ତାହାକୁ ମୁଁ ଆଦୌ ଗ୍ରହଣ କରିପାରୁନାହିଁ ।

ପରିବେଶ ଓ ପରିସ୍ଥିତି ବିଗିଡି ଯିବା ଦ୍ୱାରା ଅନେକ ଜୀବ ଯଥା- ବାଇଚଢେଇ, ଶାଗୁଣା, ଘର ଚଟିଆ,ଚିଲ,ଡାଇନୋସର, ମାମାଥ, ବଜ୍ରକାପ୍ତା, ଡୋଡୋ, ଚିଲ, ଶୃଗାଳ ଭଳି କେତେକ ପ୍ରଜାତିର ଜୀବମାନେ ପରିବେଶ ସହ ଖାପ ନ ଖୁଆଇପାରି ସମୟକ୍ରମେ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ସରୀସୃପମାନଙ୍କ କ୍ଷେତ୍ରରେ ଲିଙ୍ଗ ଅନୁପାତରେ ବିଷମତା ଘଟି, ଅନେକ ପ୍ରଜାତି ଦିନକୁ ଦିନ ଲୋପ ପାଇବାକୁ ଲାଗିଲାଣି ।

ଅନୁରୂପ ଭାବେ ଉଦ୍ଭିଦମାନଙ୍କର ଅଙ୍ଗୀୟ ବୃଦ୍ଧି ସମୟରେ ପ୍ରଜନନ କ୍ଷମତା ଆସିଯିବାରୁ ମଧ୍ୟ ଉତ୍ପାଦନ କ୍ଷମତା ହ୍ରାସ ହେଲାଣି । ମୁଁ ବିବର୍ତ୍ତନରୁ ବିପରୀତ ବିବର୍ତ୍ତନ ଆଡ଼କୁ ଗତି କରି ଜୀବଜଗତକୁ ଧ୍ୱଂସାଭିମୁଖି ଆଡ଼କୁ ନେଉଛି । ଏହାକୁ ନେଇ ମୁଁ ଖୁବ୍ ଅନୁତପ୍ତ ହେଲେ ମଧ୍ୟ ନିରୁପାୟ ।

**ବିଶ୍ୱର ଉତ୍ପତ୍ତିଠାରୁ ଆଜି ପର୍ଯ୍ୟନ୍ତ ମୁଁ ସର୍ବଦା ଚଳଚଞ୍ଚଳ । ଜଣେ ପ୍ରକୃତିବାଦୀ ଭାବରେ ମୋର ଧୀରମନ୍ଥର ଗତି ପାଇଁ ମୁଁ ବେଶ୍ ପରିଚିତ ଥିଲି । କିନ୍ତୁ ସାମ୍ପ୍ରତିକ ସମୟରେ ମୋର ଗତିରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ପ୍ରକୃତି କୋଳରେ ଜୀବଜଗତର ଅଭ୍ୟୁଦୟ ସଂଘଟିତ ହୋଇ ଭୂତାତ୍ତ୍ୱିକ ସମୟକ୍ରମରେ ଜୀବମାନେ ଅନେକ ଜାତି ପ୍ରଜାତିରେ ରୂପାନ୍ତରିତ ହୋଇଥିଲେ ମଧ୍ୟ ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ କୃତି ହେଉଛି ମନୁଷ୍ୟ, ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ସ୍ୱରୂପ ହେଉଛି ପରିବର୍ତ୍ତନ ।**

ସଂପ୍ରତି ମାନବ ସଭ୍ୟତା ଇତସ୍ତତଃ ଅବସ୍ଥାରେ କସ୍ତୁରୀ ମୃଗ ସମ ତହଳ ବିକଳ ହେ । ଇ ଅଫେରା । ଅମୁହାଁ ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପଶ୍ଚାତଧାବନ୍ କରି ପ୍ରାକୃତିକ ପରିସଂସ୍ଥାରେ ନାନାବିଧ ବିଭ୍ରାଟ ସୃଷ୍ଟି କରୁଛି । ନାନା ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ମାନବ ସଭ୍ୟତାର ଚିନ୍ତା ଓ ଚେତନାର ପରିସ୍ଫୁଟନ ଘଟୁନାହିଁ । ସେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି । ସମୟ ଆସିଛି ମୁଁ (ବିବର୍ତ୍ତନ)ସମଗ୍ର ମାନବ ସମାଜକୁ ଆହ୍ୱାନ କରୁଛି । ଏଥିରୁ ବିରତି ନେବା ପାଇଁ, ନଚେତ୍ ବିପରୀତ ବିବର୍ତ୍ତନ ଘଟି ଏହିଭଳି ବିଲୁପ୍ତ ହେବ ଯେ ଯାହାକୁ ଦେଖିବାକୁ ମାନବ ସଭ୍ୟତା ଏ ପୃଥିବୀ ପୃଷ୍ଠରେ ନଥିବ । ମନୁଷ୍ୟ ଆଜି ବିବର୍ତ୍ତନ ଓ ବିକାଶର ଯେଉଁ ସ୍ତରରେ ପହଞ୍ଚି ପାରିଛି, ତା'ର କାରଣ କେବଳ ନିଜସ୍ୱ ପୁରୁଷାର୍ଥ ନୁହେଁ, ଏଥିରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସତ୍ତାର ଇଚ୍ଛା ନିହିତ ରହିଛି । ସେହି ସତ୍ତାର କରୁଣା ଉଣା ହେଲେ, ଏକ କ୍ଷୁଦ୍ରାଦପି କ୍ଷୁଦ୍ର ଭୂତାଣୁ ମଧ୍ୟ ଏକବିଂଶ ଶତାବ୍ଦୀର ଚରମ-ବିକଶିତ ମାନବ-ସଭ୍ୟତାର ଗତିକୁ ସମ୍ପୂର୍ଣ୍ଣ ପ୍ରତିହତ କରି ଦେଇପାରେ, ଏଥିରେ ସନ୍ଦେହ ନାହିଁ ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ**
**ମୋ-୯୪୩୮୦୭୦୮୪୯**

## ବର୍ନଆଉଟ ସିଣ୍ଡ୍ରୋମ



ଡାକ୍ତର ସମ୍ରାଟ କର

ଶୀତୁଆ ସକାଳୁ ମୋ ବାସଭବନରେ ପହଞ୍ଚିଥିଲେ ବନ୍ଧୁ ପ୍ରକାଶ କୁମାର । ସେ ତାଙ୍କ ପୁଅ ପାଇଁ ବଡ଼ ଉଦାସୀନ । ତାଙ୍କ କହିବାକଥା ମୁତାବକ ପରୀକ୍ଷାକୁ ନେଇ ସମ୍ଭବତଃ ପିଲାଟି ମନରେ ଅହେତୁକ ଭୟ ରହିଛି, ଯାହାଫଳରେ ସେ ସବୁବେଳେ ଗୁମସୁମ ରହୁଛି ଏବଂ ଏହା ତା'ର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରୁଛି ।

ସେ ମୋ ଠାରୁ ବଡ଼ ବ୍ୟସ୍ତଭରା ଭାବରେ ପରାମର୍ଶଟିଏ ମାଗିଲେ । ମୁଁ ତାଙ୍କୁ କହିଲି, ଆପଣ ଏ ନେଇ ସେତେଟା ବିଚଳିତ ବା ଦୁଃଖିତ ହୁଅନ୍ତୁ ନାହିଁ । ପ୍ରଥମ କଥା ହେଉଛି କିଶୋର ଅବସ୍ଥାରେ ପିଲାମାନେ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି, ପାଠପଢ଼ାର ଚାପ ସେଥିମଧ୍ୟରୁ ଅନ୍ୟତମ ।

ପାଠରେ ନିଜର ଦକ୍ଷତା ପ୍ରମାଣିତ କରିବାର ଚାପ ଅନେକ ସମୟରେ ପିଲାକୁ ବ୍ୟସ୍ତ ବିବ୍ରତ କରି ଦେଇଥାଏ । ଯାହାଫଳରେ କିଛି ପିଲାଠାରେ ପରଫରମାନ୍ସ ଆଞ୍ଜାଇଟି ଦେଖା ଦେଇଥାଏ । ଏହି ଆଞ୍ଜାଇଟି ପିଲାକୁ ଅଧିକ ପଢ଼ିବାରେ ସହଯୋଗ କରିଥାଏ । କିନ୍ତୁ ଆଞ୍ଜାଇଟି ଅଧିକ ବଢ଼ିବା ଦ୍ୱାରା ତା' ଭିତରେ ଅତ୍ୟଧିକ ଭୟ ଦେଖିବାକୁ ମିଳିଥାଏ, ଯାହାପଢ଼ାରେ ବ୍ୟାଘାତ ସୃଷ୍ଟି କରିଥାଏ ।

ଯଦି ଏହି ଆଞ୍ଜାଇଟି ପାଠପଢ଼ା, ଖାଇବା ପିଇବା ପରି ନିୟମିତ ଜୀବନଶୈଳୀରେ ବାଧା ସୃଷ୍ଟି କରୁଥାଏ, ତେବେ ଏସବୁ କାର୍ଯ୍ୟ ବ୍ୟସ୍ତତା ଭିତରେ ରହିବା ସତ୍ତ୍ୱେ ନିଜ ପ୍ରତି ଧ୍ୟାନ ଦେବା ସହ ନିଜ ପାଇଁ ସମୟ ବାହାର କରିବା ନିହାତି ଆବଶ୍ୟକ । ଯଦି କାର୍ଯ୍ୟ ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର ନ କରିପାରନ୍ତି, ତେବେ ଆପଣଙ୍କ ଠାରେ କିଛି ବର୍ଷ ପରେ 'ବର୍ନଆଉଟ ସିଣ୍ଡ୍ରୋମ' ଲକ୍ଷଣ ଦେଖା ଦେଇପାରେ । ଏହି ସମୟରେ କାମ ପ୍ରତି ଆଗ୍ରହ କମିବା, ଛୋଟ ଛୋଟ କଥାରେ ଚିଡ଼ଚିଡ଼ା ଲାଗିବା, ନିଜ ଉପରୁ ବିଶ୍ୱାସ କମିବା, ଅଳ୍ପ କାମ କରିବା ପରେ ଥକ୍କା ଅନୁଭବ କରିବା ପରି ଲକ୍ଷଣମାନ ଦେଖିବାକୁ ମିଳିଥାଏ ।

ଏହାର ଉପଯୁକ୍ତ ପ୍ରତିକାର କରାନଗଲେ ରୋଗୀ ଅବସାଦ ଆଡ଼କୁ ମୁହାଁଇଥାଏ । ଏଥିରେ ପୀଡ଼ିତ ହୋଇଥିବା ବ୍ୟକ୍ତିଟି ସବୁବେଳେ ଏକ ଅଜଣା ଗ୍ଲାନି ଅନୁଭବ କରିଥାଏ ଏବଂ ତାକୁ ସବୁବେଳେ ଯେପରି ଲାଗେ ଯେ ମୁଁ ଭବିଷ୍ୟତରେ ଯାହା ବି କିଛି କରିବି ଯେପରି ସବୁକିଛି ବୃଥା ହୋଇଯିବ । ସତେ ଯେପରି ମୋତେ କୌଣସି କାମରେ ସଫଳତା ମିଳିବ ନାହିଁ । କେତେକ କ୍ଷେତ୍ରରେ ଏହାକୁ ଚିନ୍ତାକରି ସେମାନଙ୍କ ସମଗ୍ର ଶରୀର ଝାଳେଇ ଯାଏ ।

ବଡ଼କଥା ହେଉଛି କାମରେ ମନ ନ ଲାଗିବା ନିଜ ପ୍ରତି ହେୟ ମନଭାବ ଆସିବା, ପ୍ରତି କାମରେ ଅସହାୟ ମନେ କରିବା, ପ୍ରତି କ୍ଷେତ୍ରରେ ନିଜକୁ ଅସଫଳ ମନେ କରିବା ଏବଂ ଏହାକୁ ଚିନ୍ତା କରି ଉଦାସ ରହିବା ଏକପ୍ରକାର ଏହାର ପ୍ରମୁଖ ଲକ୍ଷଣ ହୋଇଥାଏ । ସେହିପରି ଆଉ ଏକ କଥା ହେଲା କେତେକ କ୍ଷେତ୍ରରେ ସେମାନେ ଅଣନିଃଶ୍ୱାସୀ ଅନୁଭବ କରି ହଠାତ ଗରମ ଅନୁଭବ କରନ୍ତି ଏବଂ ସେମାନଙ୍କ ହୃଦସ୍ପନ୍ଦନ ବଢ଼ିଯିବା ସହ ଦେହରୁ ଗମ ଗମ ଝାଳ ମଧ୍ୟ ବାହାରିଥାଏ । ତେବେ ଏସବୁ କଥାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ପୀଡ଼ିତର ପାଖ ଲୋକମାନଙ୍କର ସେମାନେ ଅନାବଶ୍ୟକ କଥା ଓ ବିରକ୍ତିକର କୌଣସି କଥା ତାଙ୍କୁ କୁହନ୍ତୁ ନାହିଁ ।

ସେହିପରି ତାଙ୍କ ପାଇଁ ଭଲ ଖାଦ୍ୟ ଓ ଭଲ ଭାବରେ ଯେପରି ବିଶ୍ରାମ ନେଇପାରିବେ ସେ ଦିଗକୁ ଦେଖନ୍ତୁ । ନିଜ ସମୟ କାଢ଼ି ତାଙ୍କୁ କିଛି ସମୟ ଅତିବାହିତ କରନ୍ତୁ । ତାଙ୍କୁ ଖୁସି ଲାଗୁଥିବା ସ୍ଥାନ ଭ୍ରମଣ କରିବାର ସୁଯୋଗ ଦିଅନ୍ତୁ ଏବଂ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟର ସୁଯୋଗ ଦିଅନ୍ତୁ ନାହିଁ । ଯୋଗ ପ୍ରାଣାୟମ ଖୁବ୍ ଭଲ ଅଭ୍ୟାସ । ତାଙ୍କୁ ଆଘାତ ଲାଗିଥିବା କୌଣସି ପୁରୁଣା କଥା କହି ବିରକ୍ତି ଭାବ ସୃଷ୍ଟି କରନ୍ତୁ ନାହିଁ ।

ଆଉ ପୀଡ଼ିତ ଜଣଙ୍କ ପାଠପଢ଼ୁଆ ପିଲା ହୋଇଥିଲେ ଏ ଦିଗରେ ଅଭିଭାବକଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଉ ପଢ଼ାକୁ ନେଇ ପିଲା ସବୁବେଳେ ଚିନ୍ତାରେ ରହୁଥାଏ ତେବେ ତୁରନ୍ତ କୌଣସି ମାନସିକ ରୋଗ ଚିକିତ୍ସକଙ୍କ ସହ ପରାମର୍ଶ କରି କାଉନସେଲିଂ କରାଇନିଅନ୍ତୁ ।

**ବଡ଼କଥା ହେଉଛି କାମରେ ମନ ନ ଲାଗିବା ନିଜ ପ୍ରତି ହେୟ ମନଭାବ ଆସିବା, ପ୍ରତି କାମରେ ଅସହାୟ ମନେ କରିବା, ପ୍ରତି କ୍ଷେତ୍ରରେ ନିଜକୁ ଅସଫଳ ମନେ କରିବା ଏବଂ ଏହାକୁ ଚିନ୍ତା କରି ଉଦାସ ରହିବା ଏକପ୍ରକାର ଏହାର ପ୍ରମୁଖ ଲକ୍ଷଣ ହୋଇଥାଏ । ସେହିପରି ଆଉ ଏକ କଥା ହେଲା କେତେକ କ୍ଷେତ୍ରରେ ସେମାନେ ଅଣନିଃଶ୍ୱାସୀ ଅନୁଭବ କରି ହଠାତ ଗରମ ଅନୁଭବ କରନ୍ତି ଏବଂ ସେମାନଙ୍କ ହୃଦସ୍ପନ୍ଦନ ବଢ଼ିଯିବା ସହ ଦେହରୁ ଗମ ଗମ ଝାଳ ମଧ୍ୟ ବାହାରିଥାଏ । ତେବେ ଏସବୁ କଥାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ପୀଡ଼ିତର ପାଖ ଲୋକମାନଙ୍କର ସେମାନେ ଅନାବଶ୍ୟକ କଥା ଓ ବିରକ୍ତିକର କୌଣସି କଥା ତାଙ୍କୁ କୁହନ୍ତୁ ନାହିଁ ।**

**ମାନସିକ ରୋଗ ବିଶେଷଜ୍ଞ,**
**ପୁରୀଘାଟ ରୋଡ଼, କଟକ,**
**ମୋ-୯୧୩୨୪୩୩୩୩୩**

## ଓଡ଼ିଆ ପର୍ବ ଓ କାର୍ତ୍ତିକ ମାହାତ୍ମ୍ୟ

ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି । ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ । ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି । କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ନିଜର ବିଶ୍ୱାସ ସହିତ ଏହି ମାସରେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଯାଏ । ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ ଆଚରଣ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ପାଳନ କରାଯାଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ଧାରଣା ଆସେ ଯେ, ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି । ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ, ବୋଲି ବିଶ୍ୱାସ କରାଯାଏ । ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି । କାର୍ତ୍ତିକ ମାସରେ ଥିବା ସମସ୍ତ ଧର୍ମ ବା ରୀତିନୀତିକୁ କଠୋର ଭାବରେ ପାଳନ କରିବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି । କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି । ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି । ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି । ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି । ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ । ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି । କାର୍ତ୍ତିକ ମାସରେ ଜଳ ପୃଥିବୀ ପୃଷ୍ଠରୁ ଅଧିକ ଚୁମ୍ବକୀୟ ଶକ୍ତି ସଂଗ୍ରହ କରିଥାଏ । ଏହା ସୂର୍ଯ୍ୟୋଦୟ ଆଗରୁ ଘଟେ ବୋଲି କେତେକ ବୈଜ୍ଞାନିକ କାରଣ ରହିଛି । ଫଳତଃ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ଆଗରୁ ସ୍ନାନ କରିବା ବିଧେୟ । ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରେ । ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ ।

କାର୍ତ୍ତିକ ମାସରେ ଦେବ ମନ୍ଦିର ପ୍ରାଙ୍ଗଣରେ 'ସପ୍ତା' ବସି ଭାଗବତ ପାଠ ମଧ୍ୟ ଲୋପ ପାଇବାକୁ ବସିଲାଣି । ସାତଦିନ ଧରି ଏ ଉତ୍ସବ ଚାଲେ । ନଡ଼ିଆ ପତ୍ର ଘେରା ଆବଦ୍ଧ ସ୍ଥାନ ମଧ୍ୟରେ ଗୋଟିଏ କଣକୁ ବର୍ଗାକାର ଗର୍ତ୍ତଟିଏ ଖୋଳାଯାଏ । ଦିବାରାତ୍ରି, ସେଠାରେ ଧୁନି ଲାଗିଥାଏ । ବକ୍ତା ବା ପୂଜକ ଭାଗବତ ପାଠ କରନ୍ତି । ଗ୍ରାମ ମଧ୍ୟରୁ ଜଣେ ଧର୍ମପରାୟଣ ମୁଖ୍ୟ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି । ସେ ଶ୍ରୋତାର କାମ କରନ୍ତି । ଗୋଟିଏ ବେଳା ପ୍ରସାଦ ସେବନ । ସାତଦିନ ପର୍ଯ୍ୟନ୍ତ ଏହା ଚାଲେ । ଉଦ୍‌ଯାପନ ଦିବସରେ ଗ୍ରାମବାସୀମାନଙ୍କ ପକ୍ଷରୁ ଚାନ୍ଦା ସଂଗୃହୀତ ହୋଇ ସମସ୍ତଙ୍କୁ ପଂକ୍ତି ଭୋଜନରେ ଅପ୍ୟାୟିତ କରାଯାଏ । କାର୍ତ୍ତିକ ମାସର ପୂର୍ଣ୍ଣାହୁତି ପର୍ବ କାର୍ତ୍ତିକ ପୂର୍ଣ୍ଣିମା । ମାସଟିଯାକର ଅନ୍ତିମ ଦିନ । ସତର୍କତା ସହ ଶୁଦ୍ଧପୁତ ଭାବରେ ଉକ୍ତ ଦିନଟି ପାଳନ କରାଯାଏ ଆବାଳ ବୃଦ୍ଧ ବନିତାଙ୍କ ଉପାସ୍ୟ ଆଶୁତୋଷଙ୍କ ପୂଜାରେ ।

କାର୍ତ୍ତିକ ମାସକୁ ରାଈ ଦାମୋଦର ମାସ ବି କୁହାଯାଏ । କାରଣ ଏହି ମାସରେ ବିଷ୍ଣୁଙ୍କର ଆରାଧନା କରାଯାଇଥାଏ । ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି । କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ । ଉଭୟ ଦେବତାଙ୍କର ଏହା ଅତି ପ୍ରିୟ ମାସ। ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ । ଦୀପାବଳି ସହ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୁଏ । ଦଶହରାରେ ମା' ଆଦ୍ୟାଶକ୍ତି ଦୁର୍ଗାଙ୍କର, କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କର ଏବଂ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରାଯାଇଥାଏ । ନିଜେ ଅଜ୍ଞାନ ଅନ୍ଧକାରରୁ ଆଲୋକମୟ ପରିବେଶକୁ ଆସିବା ଲାଗି ପିତୃପୁରୁଷ ତଥା ମାମୁଁଘରର ପୂଜା ଏ ମାସର ବୈଶିଷ୍ଟ୍ୟ । ତେଣୁ ଧର୍ମଶାସ୍ତ୍ର ପ୍ରମାଣ ଦେଇଛନ୍ତି, ଉକ୍ତ ମାସରେ ଆମିଷ ଭକ୍ଷଣ ମଧ୍ୟ ନିଷିଦ୍ଧ ।

ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ । ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ । କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ । ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ । ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ୍, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ଦୁଜ୍ ପୂଜା, ଛଟପୂଜା ଆଦି ପଡ଼ିଥାଏ । ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି । କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ । ଧର୍ମଶାସ୍ତ୍ରରେ ସବୁଠାରୁ ପୁଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ । ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି । ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ । କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ । କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ ।

**ତୁଷାର କୁମାର ସାହୁ,**
**ଇମ୍ପୋରିୟମ ଲେଡ଼, ରାଣୀହାଟ,**
**କଟକ, ମୋ-୯୮୬୧୦୪୭୫୭୫**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିନ୍ଦୀ...

ଅଂଶଗ୍ରହଣ କରିବା ଆବଶ୍ୟକ । ଏହା ଦ୍ୱାରା ହିନ୍ଦୀ ଓ ଓଡିଆ ମଧ୍ୟରେ ସାହିତ୍ୟିକ ଓ ସାଂସ୍କୃତିକ ସମ୍ବନ୍ଧ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରସ୍ତାବରେ କହିଥିଲେ ।

ଉଭୟ ଭାଷାରେ ଅନୁସନ୍ଧାନ ଓ ଗବେଷଣା ପାଇଁ ଓଡିଶାରେ ଏକ ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍‌ର ସ୍ଥାପନା କରାଯିବା ଆବଶ୍ୟକ । ଏହାଦ୍ୱାରା ଉଭୟ ଭାଷାର ପାରସ୍ପରିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଶିକ୍ଷା ବ୍ୟବସ୍ଥାରେ ହିନ୍ଦୀ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ସମ୍ବଳ ପାଇଁ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଏବଂ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଥିଲେ । ଏହା ସହିତ ହିନ୍ଦୀ ସାହିତ୍ୟର ବିକାଶ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ପ୍ରତିଷ୍ଠାନ ଗୁଡିକୁ ସ୍ୱତନ୍ତ୍ର ଅନୁଦାନ ଏବଂ ସହଯୋଗ ପ୍ରଦାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ ।

ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂକେନ୍ଦ୍ର ମନ୍ତ୍ରୀ ମଣ୍ଡଳର ଅନେକ ସଦସ୍ୟ, କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

## 'ଦାନା'...

ବେଳେ ୨୭ ଘର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ୧୪,୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି ।

ପଞ୍ଚାୟତିରାଜ ବିଭାଗ ଛଡ଼ା ଅନ୍ୟ ସବୁ ବିଭାଗରୁ ରିପୋର୍ଟ ଆସିଛି । ବିଭାଗଓ୍ୱାରୀ ହିସାବ ଭିତ୍ତିରେ ଶକ୍ତି ବିଭାଗ ବେଶୀ କ୍ଷତିଗ୍ରସ୍ତ । ସନ୍ଧ୍ୟା ସୁଦ୍ଧା ସବୁ ରିପୋର୍ଟ ମିଳିଲା ପରେ ଚୂଡ଼ାନ୍ତ ହିସାବ ହେବ । ତେବେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ । ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ । ଏହାସହ ଚୂଡ଼ାନ୍ତ ଆକଳନ ପରେ କେନ୍ଦ୍ରକୁ କ୍ଷତିପୂରଣ ପାଇଁ ରିପୋର୍ଟ ଦିଆଯିବ ବୋଲି କୁହାଯାଇଛି । ସେପଟେ କେନ୍ଦ୍ର ସହାୟତା ରାଶି ଦେବା ପୂର୍ବରୁ ରାଜ୍ୟ ନିଜସ୍ୱ ପାଣ୍ଠି ବାଣ୍ଟିବ ବୋଲି ମଧ୍ୟ ସୂଚନା ମିଳିଛି ।

## ନଭେମ୍ବର...

ଏସ୍‌ଏମ୍‌ଏସ୍ ଦ୍ୱାରା ପଠାଯିବ । ଧାନ ସଂଗ୍ରହ ପ୍ରକ୍ରିୟାକୁ ଦଲାଲମୁକ୍ତ କରିବା ପାଇଁ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାସ୍ତରୀୟ ସଂଗ୍ରହ କମିଟିଗୁଡ଼ିକ ଗ୍ରାମ୍ୟ ତଥା ଜିଲ୍ଲାସ୍ତରରେ ଧାନ ସଂଗ୍ରହ କାର୍ଯ୍ୟର ପ୍ରତ୍ୟେକ୍ଷ ତଦାରଖ କରିବେ । ମିଲରଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

## ଝାଡଖଣ୍ଡର...

ସନ୍ଧ୍ୟା ସୁଦ୍ଧା କଇଁଫୁଲିଆ , ଦଲକି ,ନଡପୁର , ଟିକର ଗଡ଼ିଆ , ଶିଳପୁରିଆ ଜଙ୍ଗଲ ମଧ୍ୟରେ ଥିବା ବେଳେ ରାତି ସମୟରେ ଧାନବିଲ ମଧ୍ୟରେ ପଶି ଧାନ ଗଛ ଖାଇବା ସହ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି। ଏହି ହାତୀପଲ ମଧ୍ୟରେ ଦନ୍ତାହାତୀ ଠୁ ଆରମ୍ଭ କରି ଛୁଆ ହାତୀ ବି ଥିବାର ଦେଖିବାକୁ ମିଳିଛି।ପ୍ରତିବର୍ଷ ପରି ଏହି ହାତୀ ପଲ ବିଭିନ୍ନ ଜଙ୍ଗଲ ପାରି ହୋଇ ବାଲେଶ୍ୱର ଜିଲ୍ଲା ଅଧୀନର ଜଙ୍ଗଲକୁ ଯାଇପାରନ୍ତି ବୋଲି ଆକଳନ କରୁଛି ବନବିଭାଗ। ସେହିପରି ବେତନଟୀ ରେଞ୍ଜ ବଡାମପୁର ସେକ୍ସନ ଅଧୀନର ବେଶାଶୂଳୀ , ଫାଲଝରି ଏବଂ କୁରାଢ଼ିକ ଜଙ୍ଗଲ ମଧ୍ୟରେ ପୂର୍ବରୁ ଥିବା ୨ ଦନ୍ତା ଥିବା ବେଳେ ଅନ୍ୟ ଗୋଟିଏ ଦନ୍ତା ସୋମବାର ସନ୍ଧ୍ୟାରେ କେସିପୁର ଜଙ୍ଗଲ ମଧ୍ୟକୁ ଯାଇଥିବାର ବନବିଭାଗ ତରଫରୁ ପ୍ରକାଶ । ବେତନଟୀ ରେଞ୍ଜ ବେତନଟୀ ସେକ୍ସନ ଏବଂ ବଡାମପୁର ସେକ୍ସନ ଅଧୀନରେ ଥିବା ମୋଟ ୫୬ଟି ହାତୀ ଗତିବିଧି ଉପରେ ବନବିଭାଗର ବେତନଟୀ ରେଞ୍ଜ ଅଧିକାରୀ ମନଓ୍ୱର ଖାଁ , ବେତନଟୀ ବନପାଳ ପ୍ରଶାନ୍ତ ସିଂ ସାମନ୍ତ ,ବଡାମପୁର ବନପାଳ ଦୀପକ କୁମାର ପାତ୍ର , ସମସ୍ତ ବନରକ୍ଷୀ ଏବଂ ଗଜସାଥୀ ମାନେ ସମ୍ପୂର୍ଣ୍ଣ ଭାବେ ନଜର ରଖିଥିବାର ଦେଖିବାକୁ ମିଳିଛି । ରେଞ୍ଜ ଅଧିକାରୀଙ୍କ କହିବା ମୁତାବକ ହାତୀମାନଙ୍କର ଗତିବିଧି ଉପରେ ପୂରା ନଜର ରଖିଛି ବନବିଭାଗ ଟିମ ।

## ହାଇକମାଣ୍ଡ...

ଦିଗକୁ ବିଚାର କରାଯାଇ ନୂଆ ସଭାପତି ଖୁବ୍‌ଶୀଘ୍ର ଚୟନ କରାଯିବ । ଦଳୀୟ ନେତାମାନଙ୍କ ମତାମତକୁ ଆଧାର କରି ହାଇକମାଣ୍ଡଙ୍କୁ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି । କଂଗ୍ରେସ ଭବନରେ ନେତାଙ୍କର ଆଜି ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା । ଶ୍ରୀକାନ୍ତ ଜେନା, ନିରଞ୍ଜନ ପଟ୍ଟନାୟକ, ଭକ୍ତଚରଣ ଦାସ, ମହମ୍ମଦ ମୋକିମ୍, ଜୟଦେବ ଜେନାଙ୍କ ସମେତ ଦଳର ବିଧାୟକମାନେ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ମତାମତ ଦେଇଛନ୍ତି । ତେବେ ୨ ରୁ ୩ଟି ନାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ବରିଷ୍ଠ ନେତାମାନଙ୍କ କହିବାନୁଯାୟୀ ପିସିସି ସଭାପତି ପାଇଁ ସୁପାରିଶ କି ଲବି କିଛି କାମ କରିବ ନାହିଁ । ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ପିସିସି ସଭାପତି କରିବା ପାଇଁ ଆମେ ସୁପାରିଶ କରିଛୁ । ଷ୍ଟିଅରିଂ କମିଟି ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି । ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ କଂଗ୍ରେସକୁ ଶକ୍ତିଶାଳୀ କରିବା ଆମର ଲକ୍ଷ୍ୟ । ପିସିସି ସଭାପତି ଦୌଡରେ ସେ ନାହାନ୍ତି । ଜଣେ ଶୃଙ୍ଖଳିତ କର୍ମୀଭାବେ ଯେତେବେଳେ ଦଳ ଯେଉଁ ନିର୍ଦ୍ଦେଶ ଦେବ ତାକୁ ଅନୁପାଳନ କରିବେ । ସୂଚନାଯୋଗ୍ୟ ପୂର୍ବ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ରାଜ୍ୟରେ କଂଗ୍ରେସ ଲଢ଼ିଥିଲା । ମାତ୍ର ଦଳର ସ୍ଥିତିରେ କୌଣସି ଉନ୍ନତି ଆସିନଥିଲା । ଦଳ ମାତ୍ର ୧୪ ବିଧାୟକ ଜିତିବା ପାଇଁ ସକ୍ଷମ ହୋଇଥିବାବେଳେ ଗୋଟିଏ ସାଂସଦ ଜିତିଛି । ଯାହାକୁ ନେଇ ଶରତ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ପୂର୍ବରୁ ଶରତଙ୍କ ନେତୃତ୍ୱକୁ ଦଳର ବହୁ ବରିଷ୍ଠ ନେତାମାନେ ବିରୋଧ କରିଥିଲେ । ଅନେକ ନେତା ମଧ୍ୟ ଦଳଛାଡି ଚାଲିଯାଇଥିଲେ ।

# ଉଦୟପୁର ସମୁଦ୍ରକୂଳରେ ଲାଗିଲା ଜାହାଜ ଦିଗନିର୍ଣ୍ଣୟ ଯନ୍ତ୍ର

ଭୋଗରାଇ,(ସବ୍ୟୁ) :ଓଡିଶା ସୀମାନ୍ତ ବାଲେଶ୍ୱରଜିଲ୍ଲା ଭୋଗରାଇ ବ୍ଲକ ଉଦୟପୁର ସମୁଦ୍ରକୂଳରେ ସୋମବାର ଜାହାଜର ଦିଗ ନିର୍ଣ୍ଣୟ ଯନ୍ତ୍ର( ବୟାଁ ) ମତ୍ସ୍ୟଜୀବୀଙ୍କ ଦ୍ୱାରା ଠାବ କରାଯାଇଛି। ସମ୍ଭବତଃ ଏହି ଦିଗନିର୍ଣ୍ଣୟ ଯନ୍ତ୍ର ସମୁଦ୍ରର ଉତ୍ତାଳ ଢେଉରେ ଗଭୀର ସମୁଦ୍ରରୁ ଭାସିଆସି କୂଳ ଆଡକୁ ଆସିଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅନ୍ୟ ଡ଼ଙ୍ଗା ଓ ସ୍ପିଡି ବୋଟ ରେ କୂଳକୁ ଆଣିଛନ୍ତି । ଉଦୟପୁର ବେଳାଭୂମିକୁ ଆଗତ ପର୍ଯ୍ୟଟକ ମାନେ ଉକ୍ତ ଯନ୍ତ୍ରଟିକୁ ଦେଖିବା ଲାଗି ଭିଡ଼ ଜମାଇଛନ୍ତି। ସୂଚନାନୁଯାୟୀ ଗଭୀର ସମୁଦ୍ରରେ ଦିଗ ନିର୍ଣ୍ଣୟ କରିବାକୁ ଏହି ଭାସମାନ ଯନ୍ତ୍ର ସାହାଯ୍ୟ କରିଥାଏ। ଏହା ଲୁହାରେ ନିର୍ମିତ ବଡ଼ ପେଣ୍ଡୁ ଭଳି ରହିଥିବାବେଳେ ଉପରକୁ ସୋଲାର ସିଷ୍ଟମ କରାଯାଇଥାଏ । ଏହି ସୋଲାରରୁ ଦିନରେ ସୂର୍ଯ୍ୟକିରଣ ନେଇଁ ରାତିରେ ସମୁଦ୍ରର ଆଲୋକ ଦେଖାଉଥିବାରୁ ଜାହାଜର କ୍ୟାପଟେନ ସମୁଦ୍ର ପଥରେ ଜାହାଜକୁ ଦୂରଦୂରାନ୍ତକୁ ନେଇଁ ଯିବାକୁ ନିରାପଦରେ ବାଟ କଢାଇ ଥାଏ। ଗଭୀର ସମୁଦ୍ରରେ ଜାହାଜ ଦେଶର ବିଭିନ୍ନ ସ୍ଥାନକୁ ଯିବାବେଳେ ଜାହାଜର କ୍ୟାପଟେନ ଏହି ଦିଗ ନିର୍ଣ୍ଣୟ ଯନ୍ତ୍ର (ବୟାଁ) କୁ ଲକ୍ଷ୍ୟ କରି ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି।

# ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ସିଭିଲ୍ ସୋସାଇଟିର ସରକାରଙ୍କ ଦୃଷ୍ଟି ଆକର୍ଷଣ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ଭୂସଂପତ୍ତିର ସୁରକ୍ଷା ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ନେଇଥିବା ନିଷ୍ପତ୍ତିକୁ ସଠିକ୍ କାର୍ଯ୍ୟକାରୀ କରାନଯିବା ଦ୍ୱାରା ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଜିଲ୍ଲାସ୍କୁଲ୍ ଖେଳପଡ଼ିଆ ଯାହାକି ଅଦ୍ୟାବଧି ବାଲେଶ୍ୱର ପୌରସଂସ୍ଥା ନାମରେ ରହିଛି, ସେହି ୪ଏକର ୭୨ଡିସିମିଲ୍ ଜମିକୁ ତୁରନ୍ତ ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବା ଓ ଏହି ସଂପତ୍ତିକୁ ଚିହ୍ନଟ କରିବା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଗତ ତା ୨୧-୦୮-୨୦୨୪ ରିଖରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁନଶ୍ଚ ତା ୧୧-୦୯-୨୦୨୪ ରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ସମସ୍ୟାର ସମାଧାନ ଦାବିରେ ରାଜସ୍ୱମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଜିଲ୍ଲାପାଳ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ବାଲେଶ୍ୱର ସିଭିଲ୍ ସୋସାଇଟି, ଜିଲ୍ଲା ସ୍କୁଲ୍‌ର ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତାଙ୍କ ସମେତ ବହୁ ସାମାଜିକ ସଂଗଠନର ଶତାଧିକ କର୍ମକର୍ତ୍ତା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିଥିଲେ। ମାତ୍ର କୌଣସି ସୁଫଳ ନମଳିବାରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ସ୍କୁଲ୍ ପରିଚାଳନା କମିଟିର ସଭାପତି ସଞ୍ଜିବ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ଡା. ସୁରେନ୍ଦ୍ରନାଥ ସାହୁ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଭିନ୍ନ ସଂଗଠନ ତରଫରୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ସୀତାରାମ ପ୍ରଧାନ, ଖଗେନ୍ଦ୍ର ସାହୁ, ଭାରତୀ ପଣ୍ଡା, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ପୂର୍ବତନ ଶିକ୍ଷକ ନିରଞ୍ଜନ ପଣ୍ଡା, ସୋମନାଥ ନାୟକ, ଅରୁଣ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଶ୍ୱେତାଶ୍ରୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ):ଭଦ୍ରକ ଅପର୍ତ୍ତିବିନ୍ଧା ନିୟୁକୋଲନୀ ବାସିନ୍ଦା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମହାପାତ୍ର ଓ ଶିକ୍ଷୟିତ୍ରୀ ସୁବାସିନୀ ନାୟକଙ୍କର ମଧ୍ୟମା କନ୍ୟା ସୁଶ୍ରୀ ଶ୍ୱେତାଶ୍ରୀ ମହାପାତ୍ର ଚଳିତବର୍ଷ ୨୦୨୪ ଓଡ଼ିଶା ପ୍ରଶାସନିକ ସେବା ଓ.ଏ.ଏସ୍. ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଭଦ୍ରକ ତଥା ତାଙ୍କ ଜନ୍ମମାଟି ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଉରୁଣିଆ ଗ୍ରାମପାଇଁ ଗର୍ବ ଓ ଗୌରବ ଆଣିଦେଇଥିବାରୁ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ତାଙ୍କୁ ସୋମବାର ଦିନ ମାନପତ୍ର, ଫୁଲତୋଡ଼ା ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉକି ଶ୍ୱେତାଶ୍ରୀଙ୍କ ଜ୍ୟେଷ୍ଠାଭଗ୍ନୀ ସୌମ୍ୟାଶ୍ରୀ ଜଣେ ମେଡିକାଲ ଅଫିସର ଓ କନିଷ୍ଠ ଭ୍ରାତା ଭବାନୀ ଶଙ୍କର ଜଣେ ଆଇ.ଆଇ.ଟି ଇଂଜିନିୟର। ଗୋଟିଏ ବୃନ୍ତରେ ତିନିଗୋଟି ସୁବାସିତ ପୁଷ୍ପ ଏମାନେ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ୱେତାଶ୍ରୀଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ହରମୋହନ କୁଅଁର, ସହ ସଂପାଦକ ଅଜିତ୍ କୁମାର ନାୟକ ଓ କରୁଣାକର ଉପାଧ୍ୟାୟ, ସଭ୍ୟ କୌଳାସ ଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ବାରିକ୍, ଅରବିନ୍ଦ ବସନ୍ତରାୟ, ଚନ୍ଦ୍ରମୋହନ ମହାନ୍ତି ଉପସ୍ଥିତ ରହି ଶ୍ୱେତାଶ୍ରୀଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ପିତାମାତା ଓ ଗୁରୁଜନ ମାନଙ୍କର ଆଶୀର୍ବାଦ ଥିଲେ ଭାରତୀୟ ପ୍ରଶାସନିକ ସେବାରେ ଦିନେ କୃତିତ୍ୱ ଲାଭ କରିପାରିବେ ବୋଲି ଗଭୀର ଆତ୍ମବିଶ୍ୱାସର ସହିତ କ୍ଷୁଦ୍ର ବକ୍ତବ୍ୟଟିଏ ଉପସ୍ଥାପନ କରି କହିଥିଲେ ଶ୍ୱେତାଶ୍ରୀ। କଠିନ ପରିଶ୍ରମ କେବେ ବିଫଳ ହୁଏ ନାହିଁ ବୋଲି ଶ୍ୱେତାଶ୍ରୀଙ୍କ ସାନଭାଇ ଭବାନୀ ଶଙ୍କର କହିବା ଅବସରରେ ଉପସ୍ଥିତ ଗୁରୁଜନ ମାନଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ପିତା ମୁକ୍ତିକାନ୍ତ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସ୍ୱପ୍ନ ସାକାର ହେଲା, ଓଏଏସ୍ ପାଇଲେ ଚକ୍ରଧର

ତିହିଡି, (ସବ୍ୟୁ): ଓଡିଶା ଲୋକସେବା ଆୟୋଗ ପରିଚାଳିତ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ତିହିଡି ଅଞ୍ଚଳର ଚକ୍ରଧର ମଲ୍ଲିକ । ଏହି ବ୍ଲକର କାଁପଡା ପଞ୍ଚାୟତ ଅଧିନ ଦକ୍ଷିଣପାରି ଗାଁର ଆନନ୍ଦ ମଳିକଙ୍କ ପୁଅ ଚକ୍ରଧର ମଳିକ(୩୬) । ଇଚ୍ଛା ଶକ୍ତି ଓ ଦୃଢ ମନୋବଳ ଆଜି ତାଙ୍କୁ ଏହି ସଫଳତା ଆଣି ଦେଇଛି । କଠିନ ପରିଶ୍ରମ, ପିତାମାତାଙ୍କ ଆଶୀର୍ବାଦ, ସହଧର୍ମଣୀଙ୍କ ପ୍ରେରଣା ଓ ସହଯୋଗ ତାଙ୍କୁ ଏହି ସଫଳତା ଆଣି ଦେଇଥିବା ସେ କହିଛନ୍ତି। ବୟସ ଓ ସାଂସାରିକ ଜୀବନ ଯାପନ ତାଙ୍କ ଚଲା ପଥରେ କୌଣସି ପ୍ରଭାବ ପକାଇ ପାରିନାହିଁ। ପିଲାଦିନରୁ ଅଭାବ ଅନାଟନରେ ବଢିଥିଲେ। ୨୦୦୩ ମସିହାରେ ସ୍ଥାନୀୟ ବାସୁଳୀ ହାଇସ୍କୁଲରୁ ମେଟ୍ରିକ୍ ପାଶ କରି ଭଦ୍ରକ କଲେଜରେ ଯୁକ୍ତଦୁଇ ବିଜ୍ଞାନରେ ନାମ ଲେଖାଇଥିଲେ। ମାତ୍ର ପରିବାରର ଆର୍ଥିକ ଅବସ୍ଥା ତାଙ୍କର ଚଲାପଥକୁ ଦୋହଲାଇ ଦେଇଥିଲା। ପାଠ ପଢାରେ ଡୋରି ବାନ୍ଧି ୨୦୦୬ ମସିହାରେ ରାଜ୍ୟ ବାହାରକୁ ରୋଜଗାର କରିବା ଲାଗି ବାହାରି ଯାଇଥିଲେ। ୨୦୧୧ ମସିହା ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ କାମଧନ୍ଦା କରି ପରିବାରକୁ ସହଯୋଗ କରିଥିଲେ। କିଛି ଅର୍ଥ ସଞ୍ଚୟ କରି ପୂନର୍ବାର ତିହିଡି ଯୁକ୍ତଦୁଇ କଲେଜରୁ ପାଶ କରିଥିଲେ। ପରେ ୨୦୧୬ ମସିହାରେ କଟକ ରେଭେନ୍ସା କଲେଜରୁ ଯୁକ୍ତତିନି ପାଶ କରିଥିଲେ। ୨୦୧୭ ମସିହାରେ ବାଣୀବିହାରରେ ପିଜିରେ ନାମ ଲେଖାଇଥିଲେ। ମାତ୍ର ପଞ୍ଚାୟତ ନିର୍ବାଚନରେ ତାଙ୍କ ଧର୍ମପତ୍ନୀଙ୍କୁ ସରପଞ୍ଚପ୍ରାର୍ଥୀ କରାଯାଇଥିବାରୁ ସେ ଗାଁକୁ ଫେରି ଆସିଥିଲେ। ପଞ୍ଚାୟତବାସୀଙ୍କ ଆଶୀର୍ବାଦରେ ତାଙ୍କ ଧର୍ମପତ୍ନୀ ବିଜୟୀ ହୋଇଥିଲେ। ୫ ବର୍ଷ କାଳ ପଞ୍ଚାୟତବାସୀଙ୍କ ସେବାରେ ନିୟୋଜିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ପ୍ରମୁଖ ସହଯୋଗ କରିଥିଲେ ହେଁ ପାଠ ପଢିବାର ମନୋବଳ ହରାଇନଥିଲେ। ପୁନଶ୍ଚ ୨୦୨୨ ମସିହାରେ ମଧୁସୂଦନ ଆଇନ୍ କଲେଜରେ ନାମ ଲେଖାଇଥିଲେ। ସେଠାରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିଲେ ଏବଂ ବିନା କୋଚିଂରେ ପ୍ରଥମ ଥରରେ ସେ କୃତକାର୍ଯ୍ୟ ହୋଇଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଯେଉଁ ସେବା କରିବାର ସୁଯୋଗ ମିଳିବ ଗରିବ ଲୋକଙ୍କ ପାଇଁ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ଆପ୍ରାଣ ଉଦ୍ୟମ କରିବେ ବୋଲି ଶ୍ରୀ ମଳିକ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଗାଁକୁ ଫେରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ମଳିଛି ବିପୁଳ ସମ୍ବର୍ଦ୍ଧନା।

# ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ,(ସବ୍ୟୁ): ସୋମବାର ଦିନ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ନଭେମ୍ବର ମାସର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍.ପି.ମାଡ଼କର ସନ୍ଦୀପ ସମ୍ପତ ଯୋଗଦେଇ ସମୁଦାୟ ୧୩୨ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୧୧୭ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା । ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସମ୍ବନ୍ଧୀୟ ଥିବା ଆବେଦନ ମଧ୍ୟରୁ ୩ଜଣ ଦରଖାସ୍ତକାରୀଙ୍କୁ ୧୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଭଦ୍ରକ ପୌରପାଳିକାର ୱାର୍ଡ଼ ନଂ ୧୪ ନୀଳକଣ୍ଠପୁରର ଉମାରାଣୀ ପାତ୍ରଙ୍କ ହୃଦରୋଗର ଚିକିତ୍ସା ପାଇଁ ୪ ହଜାର ଟଙ୍କା, ଧାମନଗର ଶହେ ଶତକଡ଼ା ଦୃଷ୍ଟିବାଧିତ ଥିବା ଗଗନ କୁମାର ମଲ୍ଲିକ୍‌ଙ୍କୁ ୫ ହଜାର ଟଙ୍କା, କଟ୍‌ସାହି, ଧାମନଗରର ପାର୍ବତୀ ପାଢ଼ୀଙ୍କୁ ଚିକିତ୍ସା ପାଇଁ ୪ ହଜାର ଟଙ୍କା ସମୁଦାୟ ୩ଜଣଙ୍କୁ ୧୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ କୁମାର ବଳ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ଦିଗରେ ଜିଲ୍ଲାପାଳଙ୍କ ଦ୍ୱାରା ଆବଶ୍ୟକମତେ ତଥ୍ୟ ଉପସ୍ଥାପନ କରିଥିଲେ । ରାସ୍ତା ଓ ସରକାରୀ ଜମି ଜବର ଦଖଲ, ରାସ୍ତା ମରାମତି, ରାସ୍ତା, କଲଭର୍ଟ ନିର୍ମାଣ , ଆବାସ ଯୋଜନା, ରେସନ୍ କାର୍ଡ଼, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦକ ବଦଳାଇବା, ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ନମିଳିବା, ଶିକ୍ଷକ ବଦଳି, ଆଦି ସଂକ୍ରାନ୍ତୀୟ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା ।

## ବିଭିନ୍ନ ପୂଜା ମଣ୍ଡପ ବୁଲିଲେ ପୂର୍ବତନ ମନ୍ତ୍ରୀ

ଖଇରା (ସବ୍ୟୁ) : ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖଇରା ଓ ସିମୁଳିଆ ବ୍ଲକର ବିଭିନ୍ନ ପୁଜାମଣ୍ଡପ ବୁଲି ମାଙ୍କର ଆଶିର୍ବାଦ ନେବା ସହ ଖଇରାସିମୁଳିଆ ବାସୀଙ୍କ ଉନ୍ନତି କାମନା କରିଛନ୍ତି । ରବିବାର ଗଣ୍ଡିବେଡ, ବୁଢାଗଡିଆ, ଅଲିପୁର ଇତ୍ୟାଦି ଅଞ୍ଚଳକୁ ଗସ୍ତ କରିଥିବା ବେଳେ ଶୁକ୍ରବାର ତୁଡିଗଡିଆ ଓ ଅଡା ଇତ୍ୟାଦି ମଣ୍ଡପ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଅଛି । ଗଣ୍ଡିବେଡରେ ସଭାପତିଙ୍କ ସହ କାଳିପୁଜା କମିଟି ସମ୍ପାଦକ ଅଭିମନ୍ୟୁ ରାଉଳ,ସରପଞ୍ଚ ପ୍ରତିନିଧି ବିଶ୍ୱଭୁଷଣ ପ୍ରଧାନ,ସମିତିସଭ୍ୟା ପ୍ରତିନିଧି ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଅଲିପୁର ପୁଜାମଣ୍ଡପରେ ପ୍ରାକ୍ତନ ମନ୍ତ୍ରୀଙ୍କ ସହ ମଦନମୋହନ ସାହୁ,କାଳନ୍ଦୀ ପଣ୍ଡା,ଜ୍ୟୋତି ପ୍ରକାଶ କର,ସୁଦାମ କୁଣ୍ଡୁ ,ସନ୍ତୋଷ ନାୟକ,ରଘୁନାଥ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।


**OFFICE OF THE PRINCIPAL**
**INDRAVATI DEGREE MAHAVIDYALAYA, JAIPATNA, KALAHANDI**
AT/PO-JAIPATNA.KALAHANDI.ODISHA
website- www.idmjaipatna.in

**TENDER CALL-NOTICE**

No.: IDM/OHEPEE /2024-25/002 Dated : 04-11 -2024

Sealed Tenders (Two Bid) are invited from registered Suppliers/ Dealers/ Firms having valid PAN, GST regd. with 3 Years Audited Balance sheet and IT returns copy for the supply of standard steel almirah, compact desk bench, standard office table, standard office chair as published in the college website by Regd. post/ Speed post/Courier which should reach the undersigned within 21 day from the date of advertisement. The item shall be purchased from IDP funds under OHEPEE. The details of the requirement with specification and terms and conditions are to be downloaded from Principal's office / College Website, www.idmjaipatna.in.

The undersigned reserves the rights to accept/ reject or cancel any or all tenders without assigning any reason thereof.

Sd/- Principal,
Indravati Degree Mv., Jaipatna, Kalahandi.



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1528 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୯୯ **ବିଜ୍ଞାପନ** ତା : ୨୯.୧୦.୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ.ଆଇ.ଜି-୧-୯୫ (MIG-1-95), ଚୌଦ୍ୱାର, ଏସ.ଏଚ.ଏସ. (S.H.S), ଦ୍ୱିତୀୟ ପର୍ଯ୍ୟାୟ, ଚୌଦ୍ୱାର, କଟକ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶାନ୍ତିଲତା ରାଉତ, ସ୍ୱାମୀ-ସ୍ୱର୍ଗତ ବୈଷ୍ଣବ ଚରଣ ରାଉତ, ଗ୍ରା-ରନିଆ, ପୋ/ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶାନ୍ତିଲତା ରାଉତ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ଦେବାଶିଷ ରାଉତ, ପିତା-ସ୍ୱର୍ଗତ ବୈଷ୍ଣବ ଚରଣ ରାଉତ, ଗ୍ରା-ରନିଆ, ପୋ/ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **୧୫ ଦିନ** ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/322/2425



**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା**
**OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA**
Phone No. 0661-2664637, Fax No. 0661-2664638,
e mall- dfo.rourkela@odisha.gov.in

**AUCTION CALL NOTICE**

No. 613/5F-Offence/2024
Dated, Rourkela, the 02nd November, 2024.

**MM-223 :** Interested individual/firms are requested to participate in the auction sale of 5 (Five) nos. confiscated vehicles of Rourkela Forest Division **"As is where is basis".** The auction call documents can be obtained from Section Officer, office of the Divisional Forest Officer, Rourkela Forest Division from Date-**05.11.2024** on working hour from 10.00 A.M. to 5.00 P.M on payment of **Rs 500/- (Rupees Five Hundred]** only or can be downloaded from the website **www.odishaforest.in / www.dforourkela.in / www.sundargarh.odisha.gov.in.** Those who will download the auction call documents shall have to pay the paper cost of **Rs.500/- (Rupees Five Hundred)** only by way of a non-refundable demand draft of any nationalised bank drawn in favour of the Divisional Forest Officer, Rourkela Forest Division payable at Rourkela.

Sd/- (Auction Calling Authority)
Divisional Forest Officer
Rourkela Forest Division.

OIPR : 08044/11/0009/2425



E-Mail-rw_boudh@yahoo.co.in

**Government of Odisha**
**e-Procurement Notice**

O-556

**Bid Identification No. Online tender/05/E.E.RW BOUDH/2024-25**

**NATIONAL COMPETITIVE BIDDING THROUGH e-procurement**

Name of the work : **Building works - 2 Nos**

1. Estimated cost : Rs. 25.24 lakhs to 27.10 (approximately)
2. Period of completion : 06 Calendar month
3. Date & Time of availability of Bid documents in the portal : From 07.11.2024 10.00AM to 13.11.2024, 5.00 PM
4. Last date / Time for receipt of bids in the portal : 13.11.2024 up to 5.00 PM
5. Last date / Time for seeking of Tender clarification : 12.11.2024 up to 5.00 PM
6. Date & Time of opening of Tender / Bid : 14.11.2024 at 11.00 AM
7. Name & Address of the officer inviting Bid : Executive Engineer, R.W Division, Boudh .

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Sd/- Executive Engineer
R.W.Division, Boudh

OIPR : 25061/11/0006/2425



**OFFICE OF THE CHIEF DISTRICT MEDICAL OFFICER, JAGATSINGHPUR**

**Tender call Notice No:3526 Date:01/11/2024**

**E-466 :** Sealed tenders are invited from interested / bonafide / Registered Agency for supply of Lunch & Refreshment different type of training on annual rate contract basis to C.D.M & P.H.O, Jagatsinghpur. The details regarding terms and conditions may be downloaded from district website https://jagatsinghpur.odisha.gov.in. The bids in sealed envelope should be super scribed as Tender for supply of Food/Lunch/Refreshment and reach the office of the undersigned by dt. 20/11/2024 till 4.00 P.M along with all relevant documents. The tender will be opened at 12.00 P.M on dt. 21/11/2024, Bidders or their Authorized Representatives may attend. The undersigned reserves the right to reject any or all the tenders without assigning any reason thereof.

Sd/-
C.D.M & P.H.O-cum-District Mission Director
Jagatsinghpur

OIPR : 10043/11/0008/2425



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Government of Odisha e-Procurement Notice
Phone-0680-2291405
E-Mail: eerw_gm1@yahoo.co.in

O-552

**Bid Identification No. Online Tender // 07 // SERWDG-I//2024-25**

Letter No. 4453 // RWDG-I//BAM// Date : 30.10.24

1 Name of the Work : Repair to Building & Road Works
2 Estimated Cost : Rs.2.52 to 30.25 Lakhs
3 Period of Completion : As per Annexure Column No. 06.
4 Date & Time of Availability of Bid Documents in the Portal : From 08.11.2024 at 11.30 AM to 24.11.2024 up to 4.00 PM
5 Last Date/ Time for Receipt of Bids in the Portal : 24.11.2024 up to 4.00 PM
6 Name and Address of the Officer Inviting Bid : Superintending Engineer, Rural Works Division-I, Ganjam, Berhampur

Further details can be seen from the e-procurement portal website **https://www.tendersodisha.gov.in.**

Sd/- Additional Chief Engineer
R.W. Division-I, Ganjam, Berhampur

OIPR : 25085/11/0007/2425



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
**No:-Tender- Online - BBSR Divn. -11 Date : 30.10.2024.**

O-575

**e-Procurement NOTICE**

Ph. No. -0674-230178
Fax No. 0674-2300965
E.Mail I.D.- eerw_bbasr@yahoo.co.in

1. Name of the wor: Repair / renovation of Building work
2. Total No. of Projects : 03 Nos.
3. Class of Contractor
(As per Works Deptt. Office memorandum no. 12586 dt. 09.09.2022
a) Above Rs. 20 Lakh and upto 3 crore : 'B' Class (of Odisha PWD) or equivalent class of other licensing authoritys.
b) Upto Rs. 40.00 lakh : 'C Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimated cost of Individual Project : Rs. 34.00 lakh to 35.00 lakh
5. Time of Completion : As per Annexure of TCN Column no. 06
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online- BBSR Divn.-11 | 07.11.2024 at 11.00 A.M. | 16.11.2024 up to 5.00 P.M. | 18.11.2024 at 11.00 A.M. |

7. Further details can be seen from the website **www.tendersorissa.gov.in.**
8. Corrigendum if any / shall only be published in the above website.

Sd/- Superintending Engineer,
Rural Works Division, BBSR

OIPR : 25189/11/0014/2425



E-mail: vimsarsuptd24@gmail.com

**GOVERNMENT OF ODISHA HEALTH & FAMILY WELFARE DEPARTMENT OFFICE OF THE SUPERINTENDENT VSS INSTITUTE OF MEDICAL SCIENCES & RESEARCH, BURLA.(SAMBALPUR) ODISHA-768017**

**No. 15086/VIMSAR Dated, Burla, the 4th November, 2024**

**TENDER CALL NOTICE**

**E-468 :** Sealed Tenders are hereby invited by the undersigned from the reputed Authorized Dealers and Registered firms under GST Act for repair of 02(two) nos.P.S.A. Plant of Pulmonary Medicine Department of VIMSAR, Burla, so as to reach this office of the Superintendent, VSS Institute of Medical Sciences & Research. Burla on or before dt. 02-12-2024 up to 5.00 P.M through Regd.Post/ Speed Post/Couriers only and that will be opened on 03-12-2024 at 11.30 A.M. in the next day. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.

The detail terms and conditions of this Tender Call Notice can be downloaded from Dist. **website www.Sambalpur.nic.in** & **www.vimsar.ac.in**

The undersigned/committee reserves the full right to accept in full or reject any or all the tenders without assigning any reasons thereof.

Sd/-Superintendent,
VIMSAR. Burla

OIPR : 10187/11/0013/2425

# କାନାଡାରେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍


## ଖଲିସ୍ତାନୀଙ୍କ ହମ୍‌ଲା, ଶ୍ରଦ୍ଧାଳୁଙ୍କୁ ମାରପିଟ୍

**ଅଟୱା:** କାନାଡାରେ ପୁଣି ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରିଛନ୍ତି ଖଲିସ୍ତାନୀ । ମନ୍ଦିର ଭିତରେ ପଶି ଶ୍ରଦ୍ଧାଳୁଙ୍କ ଖଲିସ୍ତାନୀମାନେ ଆକ୍ରମଣ କରିଛନ୍ତି । ତାଙ୍କ ସହ ମାର୍ପିଟ୍ ମଧ୍ୟ କରାଯାଇଛି । କାନାଡାର ବ୍ରମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିରରେ ଭକ୍ତଙ୍କ ଉପରେ ଆକ୍ରମଣ ହୋଇଛି । ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ହିନ୍ଦୁ ଫୋରମ୍ କାନାଡା ଏହି ଘଟଣାର ଭିଡିଓକୁ ହ୍ୟାଣ୍ଡେଲରେ ଶେୟାର କରିଛି । ଏଥିରେ ଖାଲିସ୍ତାନୀଙ୍କ ହାତରେ ହଳଦିଆ ପତାକା ଧରି ମନ୍ଦିର ପରିସରରେ ପଶି ହଙ୍ଗାମା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି । ଏହି ଭିଡିଓରେ କିଛି ଖାଲିସ୍ତାନୀ ହିନ୍ଦୁ ଭକ୍ତଙ୍କୁ ଏକ ଲାଠିରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି । ସେପଟେ ମନ୍ଦିର ଭିତରେ ହୋଇଥିବା ଏହି ଆକ୍ରମଣକୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଓ ସାଂସଦ କଡ଼ା ନିନ୍ଦା କରିଛନ୍ତି । ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି, 'ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ, କାନାଡାରେ ସମସ୍ତଙ୍କର ନିଜର ଧର୍ମ ପାଳନ କରିବାର ଅଧିକାର ରହିଛି ।'ସେପଟେ ବ୍ରାମ୍ପଟନର ମେୟର ପ୍ୟାଟ୍ରିକ୍ ବ୍ରାଉପ ଏହି ପୂରା ଘଟଣାକୁ ନେଇ ନିରାଶ ଥିବା କହିଛନ୍ତି । ଧାର୍ମିକ ସ୍ୱାଧୀନତା କାନାଡାର ଏକ ମୌଳିକ ମୂଲ୍ୟ ଅଟେ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ପୂଜା ସ୍ଥାନରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଉଚିତ । ପୂଜା ସ୍ଥାନ ବାହାରେ କୌଣସି ହିଂସା କାର୍ଯ୍ୟକୁ ମୁଁ ଦୃ ନିନ୍ଦା କରୁଛି । ଯେଉଁମାନେ ଦୋଷୀ ସେମାନଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ ବୋଲି ସେ କହିଛନ୍ତି । ବ୍ରମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିର କମ୍ପ୍ଲେକ୍ସର ଯେଉଁ ଭିଡିଓ ସାମ୍ନାକୁ ଆସିଛି ତାକୁ ଦେଖିବା ପରି ଲାଗୁଛି ଯେ କାନାଡାରେ ଆଇନ ଏବଂ ଶୃଙ୍ଖଳା ଭଳି କିଛି ନାହିଁ । ଖଲିସ୍ତାନୀମାନେ ମନ୍ଦିର ଭିତରେ ହଙ୍ଗାମା କରିବା ବେଳେ ସେଠାରେ କୌଣସି ସୁରକ୍ଷାକର୍ମୀ କିମ୍ବା ପୁଲିସ୍ ଦୃଶ୍ୟମାନ ହେଉନାହାଁନ୍ତି । ଏଭଳି ପରିସ୍ଥିତିରେ କାନାଡା ପୁଲିସ ଖଲିସ୍ତାନୀଙ୍କୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ ହୋଇଛି । ପ୍ରଶ୍ନ ଉଠିଛି ଯେ ଏତେ ବଡ ଘଟଣା ସତ୍ତ୍ୱେ ପୁଲିସ କାହାକୁ ଗିରଫ କରିନାହିଁ । ଭିଡିଓ ସାମ୍ନାକୁ ଆସିବା ପରେ ମଧ୍ୟ ଅଭିଯୁକ୍ତକୁ ଚିହ୍ନଟ କରିବାରେ ପୁଲିସ ସକ୍ଷମ ହୋଇପାରି ନାହିଁ ।



# ଲସ୍କର କମାଣ୍ଡର ନିପାତ

**ଶ୍ରୀନଗର:** ଜମ୍ମୁ-କଶ୍ମୀରରେ ମିଳିଲା ସେନାକୁ ବଡ଼ ସଫଳତା । ସିଆରପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୁଲିସ ଶନିବାର ଶ୍ରୀନଗରସ୍ଥିତ ଖାନ୍ୟାର ଅଞ୍ଚଳରେ ଦିନ ତମାମ ଏକ ମିଳିତ ଅପରେସନରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବା (ଏଲ୍‌ଇଟି)ର ଟପ୍ କମାଣ୍ଡର ଉସ୍ମାନ୍‌ଙ୍କୁ ନିପାତ କରିଥିଲେ । ଏଥିସହ ଏନକାଉଣ୍ଟରରେ ଆଉ ଦୁଇ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ । ତେବେ ଏହି ଅପରେସନ୍ ସେନାକୁ ବଡ଼ ସହାୟତା କରିଥିଲା ବିସ୍କୁଟ୍ । ବରିଷ୍ଠ ଅଧିକାରୀମାନେ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବାର କମାଣ୍ଡର ଉସ୍ମାନ ବିରୋଧରେ କରାଯାଇଥିବା ଅପରେସନରେ ବେଶ୍ ଯତ୍ନବାନ ଥିଲେ । ବୁଲା କୁକୁରମାନେ ଯେପରି ଏହି ଅପରେସନରେ ବାଧା ସୃଷ୍ଟି ନ କରନ୍ତି ସେଥିପାଇଁ ସେମାନେ ବିସ୍କୁଟର ସାହାଯ୍ୟ ନେଇଥିଲେ । ଦୀର୍ଘ ୯ ଘଣ୍ଟା ଧରି ଏହି ଅପରେସନ୍ ଚାଲିଥିଲା । ବୁଲା କୁକୁରମାନେ ଯବାନଙ୍କୁ ଦେଖି ଭୁକିପାରନ୍ତି ବୋଲି ଅନୁମାନ କରି ସେମାନଙ୍କୁ ଶାନ୍ତ କରିବା ପାଇଁ ବିସ୍କୁଟ୍ ଖାଇବାକୁ ଦିଆଯାଇଥିଲା । କୁକୁର ବିସ୍କୁଟ୍ ଖାଉଥିବାବେଳେ ଯବାନମାନେ ପ୍ରାୟ ୩୦ଟି ଘରକୁ ଘେରିଯାଇ ଅପରେସନ୍ ଚଳାଇଥିଲେ ଏବଂ ଶେଷରେ ସଫଳ ହୋଇଥିଲେ । ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ । ଉସମାନ ଜଣେ କୁଖ୍ୟାତ ଆତଙ୍କବାଦୀ ଥିଲା । ୨୦୦୦ ମସିହାରୁ ଜମ୍ମୁ କଶ୍ମୀରରେ ସକ୍ରିୟ ଥିଲା । ସେ ଉପତ୍ୟକା ଅଞ୍ଚଳକୁ ଭଲଭାବେ ଜାଣିଥିଲା । ସେ ଘାଟିରେ ଘଟିଥିବା ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲା । ତେବେ ପାକିସ୍ତାନରେ କିଛି ସମୟ ବିତାଇବା ପରେ ୨୦୧୬-୧୭ ମସିହାରେ ପୁଣି ଜମ୍ମୁ-କଶ୍ମୀରରେ ସେ ଅନୁପ୍ରବେଶ କରିଥିଲା । ଗତ ବର୍ଷ ପୁଲିସ ସବ୍-ଇନ୍ସପେକ୍ଟର ମସରୁର ୱାନୀଙ୍କୁ ଗୁଳି କରି ହତ୍ୟା କରିବା ମାମଲାରେ ସେ ମଧ୍ୟ ସମ୍ପୃକ୍ତ ଥିଲା ।



# ନିର୍ବାଚନ ପୂର୍ବରୁ ହଟିଲେ ମହାରାଷ୍ଟ୍ର ଡିଜି

**ମୁମ୍ବାଇ:** ମହାରାଷ୍ଟ୍ର ନିର୍ବାଚନ ପୂର୍ବର ବଡ଼ ନିଷ୍ପତ୍ତି ନେଲେ ନିର୍ବାଚନ କମିଶନର । ବିରୋଧୀଙ୍କ ଅଭିଯୋଗ ପରେ ଆକ୍ସନ ମୁଡ୍ରେ ଆସିଲେ ଇସି । ହଟିଲେ ମହାରାଷ୍ଟ୍ର ଡିଜିପି ରଶ୍ମୀ ଶୁକ୍ଲା । ତାଙ୍କ ଟ୍ରାନ୍ସଫର ହୋଇଛି । ପ୍ରକୃତରେ କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନ ଆୟୋଗ ରଶ୍ମୀ ଶୁକ୍ଲାଙ୍କୁ ମହାରାଷ୍ଟ୍ରର ଡିଜିପି ପଦରୁ ହଟାଇ ତାଙ୍କୁ ବଦଳି କରି ଦିଆଯାଇଛି । ଏହା ସହିତ କ୍ୟାଡରର ପରବର୍ତ୍ତୀ ସବୁଠାରୁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିବାକୁ ଇସି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମହାରାଷ୍ଟ୍ରର ଡିଜିପି ଭାବରେ ନିଯୁକ୍ତି ପାଇଁ ଆସନ୍ତାକାଲି (ନଭେମ୍ବର ୫) ଅପରାହ୍ନ ୧ଟା ସୁଦ୍ଧା ତିନିଜଣ ଆଇପିଏସ୍ ଅଧିକାରୀଙ୍କ ଏକ ପ୍ୟାନେଲ୍ ପଠାଇବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କହିରଖୁ ଯେ, ଅକ୍ଟୋବର ୩୧ରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିଠି ଲେଖି ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ରଶ୍ମୀ ଶୁକ୍ଲା ପୁଣି ବିରୋଧୀ ନେତାଙ୍କ ଫୋନ୍ ଟ୍ୟାପ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ ଚିଠିରେ ଉଲ୍ଲେଖ କରିଥିଲେ । ଏଥିପାଇଁ ତାଙ୍କୁ ପଦରୁ ହଟାଯାଉ ବୋଲି ସେ ଦାବି କରିଥିଲେ । ଏହି ଅଭିଯୋଗ ଆସିବା ପରେ ନିର୍ବାଚନ କମିଶନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ରଶ୍ମୀ ଶୁକ୍ଲାଙ୍କୁ ଡେପୁଟେସନରେ ସଶସ୍ତ୍ର ସୀମା ବଳକୁ ପଠାଇଛନ୍ତି ।



ମହାରାଷ୍ଟ୍ରର ମହା ବିକାଶ ଆଘାଡି ସରକାର ସମୟରେ ରଶ୍ମୀ ଶୁକ୍ଲା ରାଜ୍ୟ ଗୁଇନ୍ଦା ବିଭାଗର ମୁଖ୍ୟ ଥିଲେ । ସେତେବେଳେ କିଛି ବରିଷ୍ଠ ରାଜନୈତିକ ନେତାଙ୍କ ବେଆଇନ ଭାବେ ଫୋନ୍ ଟ୍ୟାପ୍ କରିବା ଅଭିଯୋଗରେ ତାଙ୍କ ବିରୋଧରେ ତିନୋଟି ମାମଲା ରୁଜୁ ହୋଇଥିଲା । ମୁମ୍ବାଇରେ ଦାଖଲ ହୋଇଥିବା ପ୍ରଥମ ଏଫ୍ଆଇଆର୍‌ରେ ସେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ନେତା ଏକନାଥ ଖାଡସେଙ୍କ ଫୋନକୁ ଟ୍ୟାପ୍ କରିଥିବା ଅଭିଯୋଗ ହୋଇଛି ।

## ସିଦ୍ଦରମୈୟାଙ୍କୁ କୋର୍ଟ ସମନ

**ବେଙ୍ଗାଲୁରୁ:** ବଢ଼ିଲା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଅଡୁଆ । ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥୋରିଟୀ(ମୁଦା) ଜମି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ଲୋକାୟୁକ୍ତ ପୁଲିସ୍ ସମନ କରିଛି । ତାଙ୍କୁ ମୁଦା ଦୁର୍ନୀତି ମାମଲାରେ ଲୋକାୟୁକ୍ତ ପକ୍ଷରୁ ଜେରା କରାଯିବ । ଏଥିପାଇଁ ତାଙ୍କୁ ନଭେମ୍ବର ୬ରେ ହାଜର ହେବାକୁ କୁହାଯାଇଛି ।

ମୁଦା ଦୁର୍ନୀତି ଘଟଣାରେ ସିଦ୍ଦରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ଅକ୍ଟୋବର ୨୫ରେ ଜେରା କରାଯାଇଥିଲା । ସେପ୍ଟେମ୍ବର ୨୭ରେ ଲୋକାୟୁକ୍ତ ପୁଲିସ୍ ସିଦ୍ଦରମୈୟା, ତାଙ୍କ ପତ୍ନୀ ପାର୍ବତୀ, ସାଳକ ମଲ୍ଲିକାର୍ଜୁନ ସ୍ୱାମୀ ଓ ଦେବରାଜୁଙ୍କ ନାଁରେ ଏଫଆଇଆର ରୁଜୁ କରିଥିଲା । ଦେବରାଜୁଙ୍କ ଠାରୁ ସ୍ୱାମୀ ପ୍ରଥମେ ଗୋଟିଏ ପ୍ଲଟ କିଣିଥିଲେ । ଏହାପରେ ଏହାକୁ ପାର୍ବତୀଙ୍କୁ ଉପହାର ଆକାରରେ ଦେଇଥିଲେ ।



# କମ୍ପିଲା ଜମ୍ମୁ-କାଶ୍ମୀର ବିଧାନସଭା ଅଧିବେଶନ

## ୩୭୦ ଧାରାକୁ ନେଇ ହଙ୍ଗାମା

**ଶ୍ରୀନଗର:** ଦୀର୍ଘ ୬ ବର୍ଷ ପରେ ଜମ୍ମୁ-କଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନ ଆଜି ଠାରୁ ଆରମ୍ଭ ହୋଇଛି । ନିକଟରେ ନିର୍ବାଚନ ଓ ସରକାର ଗଠନ ପ୍ରକ୍ରିୟା ଶେଷ ହେବା ପରେ ଆଜି ବିଧାନସଭା ଅଧିବେଶନ ବସିଛି । ହେଲେ ୬ ବର୍ଷ ପରେ ବସିଥିବା ବିଧାନସଭାର ପ୍ରଥମ ଦିନରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି । ନିୟମ ଅନୁସାରେ, ପ୍ରଥମ ଦିନ ଗୃହରେ ବାଚସ୍ପତି ନିର୍ବାଚନ ହୋଇଥିଲା । ଏନସିର ବରିଷ୍ଠ ନେତା ତଥା ୭ଥରର ବିଧାୟକ ରହିମ ରାଥେର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ପ୍ରୋ ଟମ ବାଚସ୍ପତି ମୁବାରକ ଗୁଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କିନ୍ତୁ ଏହାପରେ ଗୃହରେ ପ୍ରବଳ ହଙ୍ଗାମା ହୋଇଛି । ଜମ୍ମୁ-କଶ୍ମୀରରୁ ୨୦୧୯ ଅଗଷ୍ଟ ୫ରେ ଉଚ୍ଛେଦ ହୋଇଥିବା ଧାରା ୩୭୦କୁ ନେଇ ଗୃହରେ ପିଡିପି ଓ ବିଜେପି ବିଧାୟକ ମୁହାଁମୁହିଁ ହୋଇଛନ୍ତି । ପ୍ରଥମ ଦିନରେ ସମସ୍ତଙ୍କୁ ଚକିତ କରି ପିଡିପି ବିଧାୟକ ୱାହିଦ ପାରା ଗୃହରେ ଧାରା ୩୭୦ ଉଚ୍ଛେଦ ବିରୋଧରେ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ । ପୁଣି ଏହାକୁ ଲାଗୁ କରିବାକୁ ସେ ଦାବି କରିଥିଲେ । ତେବେ ବିଜେପିର ବିଧାୟକମାନେ ଏପରି ପ୍ରସ୍ତାବକୁ ଜୋରଦାର ବିରୋଧ କରିଥିଲେ । ତାଙ୍କୁ ନିଲମ୍ବିତ କରିବାକୁ ବାଚସ୍ପତିଙ୍କୁ କହିଥିଲେ । ବାଚସ୍ପତି ରହିମ ରାଥେର ପ୍ରସ୍ତାବ ଗ୍ରହଣ ହୋଇ ନଥିବା କହିଥିଲେ ମଧ୍ୟ ବିଜେପି ବିଧାୟକମାନେ ହଙ୍ଗାମା ବନ୍ଦ କରି ନଥିଲେ । ପିଡିପି ବିଧାୟକମାନେ ମଧ୍ୟ ସେମାନଙ୍କୁ ବିରୋଧ କରିବାରୁ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା । ଶେଷରେ ମାର୍ଶଲ ଆସି ଉଭୟ ପକ୍ଷଙ୍କୁ ଶାନ୍ତ କରାଇବାକୁ ଚେଷ୍ଟା କରିଥିଲେ । ଧାରା ୩୭୦କୁ ବିଜେପି ପୁଣି ଲାଗୁ କରିବ ବୋଲି ଭାବିବା ନିବୋଧତାର ପରିଚୟ କହି ସାରିଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରସ୍ତାବ ଆଗତ ସମ୍ପର୍କରେ ଜାଣିଥିବା କହିଛନ୍ତି । ସେ କହିଛନ୍ତି, ବାସ୍ତବ କଥା ହେଲା ଜମ୍ମୁ-କଶ୍ମୀରର ଲୋକମାନେ ଧାରା ୩୭୦ ଉପରେ ହୋଇଥିବା ନିଷ୍ପତ୍ତିକୁ ଗ୍ରହଣ କରିପାରୁ ନାହାନ୍ତି । ଯଦି ସେମାନେ ଏହାକୁ ଗ୍ରହଣ କରିଥାଆନ୍ତେ, ତା'ହେଲେ ଫଳାଫଳ ଆଜି ଏମିତି ହୋଇ ନଥାଆନ୍ତା । ଅବଦୁଲ୍ଲାଙ୍କ କହିବା କଥା ଯେ ବିଧାନସଭାରେ ଆସିଥିବା ପ୍ରସ୍ତାବର କୌଣସି ଗୁରୁତ୍ୱ ନାହିଁ । ଏହା କେବଳ କ୍ୟାମେରାରେ ରହିବା ପାଇଁ ଉଦ୍ୟମ । ଯଦି ଏହା ପଛରେ କିଛି ଉଦ୍ଦେଶ୍ୟ ରହିଥାଆନ୍ତା, ତା'ହେଲେ ପିଡିପି ନିଶ୍ଚିତ ଭାବେ ଆମ ସହ ଆଲୋଚନା କରିଥାଆନ୍ତା । ଜଣେ ବିଧାୟକ ଏପରି ପ୍ରସ୍ତାବ ଆଣିବାର କିଛି ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ତେବେ ପିଡିପି ମୁଖ୍ୟ ମେହବୁବା ମୁଫତି ଏପରି ଏକ ପ୍ରସ୍ତାବ ବିଧାନସଭାର ପ୍ରଥମ ଦିନରେ ଆଗତ କରିଥିବା ବିଧାୟକ ୱାହିଦଙ୍କୁ ପ୍ରଶଂସା କରିଛନ୍ତି ।



# ଏଲ୍‌ଓସିରେ ତୋପ ପରୀକ୍ଷା କଲା ପାକିସ୍ତାନ

**ଇସ୍ଲାମାବାଦ:** ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ କେତେକ ତୋପ ପରୀକ୍ଷା କରିଛି ପାକିସ୍ତାନ । ଏଲ୍‌ଓସିରେ ପାକିସ୍ତାନର ସାମରିକ ପରୀକ୍ଷଣକୁ ସମର୍ଥନ କରି ଉନ୍ନତମାନର ବଙ୍କର ନିର୍ମାଣ କରିବା ସହ ଅତ୍ୟାଧୁନିକ ଯୋଗାଯୋଗ ସିଷ୍ଟମ୍ ଯୋଗାଇ ଦେଇଛି ଚାଇନା । ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ କେତେଗୁଡ଼ିଏ ତୋପ ପରୀକ୍ଷା କରିଛି ପାକିସ୍ତାନ । ଏହି ପରୀକ୍ଷଣରେ ଚାଇନା କମ୍ପାନୀ ଦ୍ୱାରା ବିକଶିତ ଗଓ-୧୫ ଓ ୧୫୫ ହୋୱିଜର ତୋପ ସମେତ ବିଭିନ୍ନ ତୋପ ସିଷ୍ଟମ ରହିଛି । ଭାରତୀୟ ଅଧିକାରୀଙ୍କ ସୂଚନା ମୁତାବକ, ଉପସାଗରୀୟ ଏବଂ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକ ସମେତ ଦୀର୍ଘ ଦିନର ସହଯୋଗୀ ତୁର୍କୀ ସହିତ ପ୍ରତିରକ୍ଷା ସମ୍ପର୍କକୁ ଦୃଢ଼ କରୁଛି ପାକିସ୍ତାନ । ଚାଇନା କମ୍ପାନୀ ସହଯୋଗରେ ଉପସାଗରୀୟ ରାଷ୍ଟ୍ର ସହିତ ମିଶି ୧୫୫ ତୋପ ଉତ୍ପାଦନ କରୁଛି ପଡ଼ୋଶୀ ଦେଶ । ନିକଟରେ ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା(ଏଲ୍‌ଓସି) ଅଞ୍ଚଳରେ ଏହି ୧୫୫ ତୋପ ଗୁଡ଼ିକର ପରୀକ୍ଷଣ କରାଯାଇଥିବା ଭାରତୀୟ ଅଧିକାରୀ କହିଛନ୍ତି । ଏତିକି ନୁହେଁ, ସର୍ବାଧିକ ୩୦ କି.ମି. ଫାୟାରିଂ ରେଞ୍ଜ୍ ଏବଂ ମିନିଟକୁ ହାରାହାରି ୬ ରାଉଣ୍ଡ ଫାୟାରିଂ କରିବାର କ୍ଷମତା ରଖିଥିବା ଗଓ-୧୫ ତୋପ ମଧ୍ୟ ଏଲ୍‌ଓସି ଅଞ୍ଚଳରେ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି । ପରୀକ୍ଷଣ କରାଯାଉଥିବା ତୋପଗୁଡ଼ିକ ମଧ୍ୟରେ ୧୦୯ ମଧ୍ୟ ରହିଛି, ଯାହାର ଫାୟାରିଙ୍ଗ୍ ରେଞ୍ଜ ୨୪ କିଲୋମିଟର ଅଟେ । ଏହା ମଧ୍ୟ କେବଳ ୪୦ ସେକେଣ୍ଡରେ ୬ ସେଲ ଫାୟାରିଂ କରିପାରିବ । ୧୦୯ ତୋପ ପଶ୍ଚିମ ୟୁରୋପୀୟ ଦେଶରୁ ପାକିସ୍ତାନ କିଣିଥିବାବେଳେ ଏହାର ଭର୍ସନ ବଢ଼ାଇବା ପାଇଁ ପରୀକ୍ଷା ନିରୀକ୍ଷା ଚାଲିଛି । ତେବେ ଏଲ୍‌ଓସିରେ ପାକିସ୍ତାନର ସାମରିକ ପରୀକ୍ଷଣକୁ ଚାଇନା ସମର୍ଥନ କରୁଥିବା ଭାରତୀୟ ଅଧିକାରୀ କହିଛନ୍ତି । ଏଠାରେ ପାକିସ୍ତାନର ପରୀକ୍ଷଣ ପାଇଁ ଚାଇନା ପକ୍ଷରୁ ଉନ୍ନତମାନର ବଙ୍କର ନିର୍ମାଣ କରାଯିବା ସହ ଅତ୍ୟାଧୁନିକ ଯୋଗାଯୋଗ ସିଷ୍ଟମ୍ ଯୋଗାଇ ଦିଆଯାଉଛି ।

# ଖଲିସ୍ତାନୀ ହମ୍‌ଲାକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** କାନାଡାରେ ଥିବା ହିନ୍ଦୁଙ୍କ ଧର୍ମାନୁଷ୍ଠାନରେ ପଶି ଶ୍ରଦ୍ଧାଳୁଙ୍କୁ ଖଲିସ୍ତାନୀମାନେ ଆକ୍ରମଣ କରିବାର ଭିଡିଓ ଆଜି ସାମ୍ନାକୁ ଆସିଛି । କାନାଡାର ଓଣ୍ଟାରିଓ ପ୍ରଦେଶର ବ୍ରାମ୍ପଟନରେ ଥିବା ଗୋଟିଏ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୀବ୍ର ସମାଲୋଚନା କରିଛନ୍ତି । କାନାଡାରେ କାର୍ଯ୍ୟ କରୁଥିବା ଭାରତୀୟ କୂଟନୀତିଜ୍ଞମାନଙ୍କୁ ଭୟଭୀତ କରିବା ପାଇଁ ଏପରି ଆକ୍ରମଣ ଭୀରୁଙ୍କ ଭଳି ଏକ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି । କାନାଡାରେ ଥିବା ହିନ୍ଦୁଙ୍କ ଧର୍ମାନୁଷ୍ଠାନରେ ପଶି ଶ୍ରଦ୍ଧାଳୁଙ୍କୁ ଖଲିସ୍ତାନୀମାନେ ଆକ୍ରମଣ କରିବାର ଭିଡିଓ ଆଜି ସାମ୍ନାକୁ ଆସିଛି । ହାତରେ ହଳଦିଆ ପତାକା ଧରି କିଛି ଲୋକ ମନ୍ଦିର ପରିସରରେ ପଶି ହଙ୍ଗାମା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି । ଏହି ଭିଡିଓରେ କିଛି ଖାଲିସ୍ତାନୀ ହିନ୍ଦୁ ଭକ୍ତଙ୍କୁ ଗୋଟିଏ ଲାଠିରେ ଆକ୍ରମଣ କରୁଥିବାର ଭିଡିଓ ଆସିଥିଲା । ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହା ଉପରେ ପ୍ରତିକ୍ରିୟା ଦେଇ ମୋଦି ଏକ୍ସରେ କହିଛନ୍ତି ଯେ କାନାଡାରେ ଥିବା ଗୋଟିଏ ହିନ୍ଦୁ ମନ୍ଦିରରେ ଜାଣିଶୁଣି କରାଯାଇଥିବା ଆକ୍ରମଣକୁ ମୁଁ ଦୃଢ଼ ଭାବେ ନିନ୍ଦା କରୁଛି । ଏହା ସମାନ୍ତରଳ ଭାବେ ଆମ କୂଟନୀତିଜ୍ଞମାନଙ୍କୁ ଭୟଭୀତ କରିବାର ଏକ କପଟୀ ଉଦ୍ୟମ । ଏପରି ଆକ୍ରମଣ ବା ହିଂସା କେବେ ହେଲେ ଭାରତର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ । ଆମର ଆଶା କାନାଡା ସରକାର ନ୍ୟାୟକୁ ନିଶ୍ଚିତ କରିବେ ଓ ଆଇନକୁ କାଏମ ରଖିବେ । କାନାଡାରେ ଏବେ ଭାରତୀୟଙ୍କ ବିରୋଧୀ ଖଲିସ୍ତାନୀଙ୍କ ପାଦୁର୍ଭାବ ବିବାରେ ଲାଗିଛି । ଦିନକୁ ଦିନ ହିନ୍ଦୁମାନଙ୍କୁ କାନାଡାରେ ଟାର୍ଗେଟ କରାଯାଉଥିବା ବେଳେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି । ଏହାପୂର୍ବରୁ ମନ୍ଦିରରେ ହୋଇଥିବା ଆକ୍ରମଣକୁ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ଦୃଢ଼ ଭାବେ ନିନ୍ଦା କରିଥିଲା ।

# ନାବାଳକଙ୍କୁ ତାଲିବାନ ସଜ୍ଜା


**ଭୋପାଳ:** ଚୋରି କରିବା ଅଭିଯୋଗରେ ୧୪ ବର୍ଷର ଦୁଇ ନାବାଳକକୁ ଦିଆଗଲା ଅମାନବୀୟ ଦଣ୍ଡ । ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ତାଲିବାନୀ ସଜା । ଚୋରି କରିବା ଅଭିଯୋଗରେ ୧୪ ବର୍ଷର ଦୁଇ ନାବାଳକକୁ ଦିଆଗଲା ଅମାନବୀୟ ଦଣ୍ଡ । ଓଲଟା ଝୁଲାଇ ନିରୀହ ପିଲାଙ୍କୁ ଲଙ୍କା ଧୂଆଁ ଦିଆଯାଇଛି । ଏଭଳି କିଛି ଘଟଣା ଘଟିଛି ମଧ୍ୟପ୍ରଦେଶର ପାଣ୍ଡୁରନା ଜିଲ୍ଲାରେ । ଏହି ପୂରା ଘଟଣାର ଭିଡିଓ ଭାଇରାଲ ହୋଇଛି । ଏହା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ସୂଚନା ମୁତାବକ, ଏହି ମାମଲା ହେଉଛି ୩୧ ଅକ୍ଟୋବରର । ମୋହଗାଁ ଥାନା ଅଧିକାରୀଙ୍କ କହିବା ମୁତାବକ, ଦୁଇ ୧୪ ବର୍ଷର ପିଲାମାନେ ଦହି ପାଇଁ ଟଙ୍କା ଦେବା ଲାଗି ଗାଁର ଜଣଙ୍କ ଘରକୁ ଯାଇଥିଲେ । ତେବେ ସେ ସେଠାରୁ ଘଣ୍ଟା ଚୋରି କରି ଘରକୁ ଆଣିଥିଲେ । ଯେତେବେଳେ ଉଭୟ ପିଲା ଜାଣିବାକୁ ପାଇଲେ ଯେ ଘଣ୍ଟା ମାଲିକ ସେମାନଙ୍କୁ ଖୋଜୁଛି, ସେତେବେଳେ ସେମାନେ ଘଣ୍ଟାକୁ ନେଇ ସେଠାରେ ରଖି ଦେଇଥିଲେ । ସେଠାରୁ ଫେରିବା ସମୟରେ, ଘଣ୍ଟାର ମାଲିକ ସେମାନଙ୍କୁ ଧରି ବୁଝାଇ ସୁଝାଇ ଛାଡ଼ି ଦେଇଥିଲେ । କିନ୍ତୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇ ଯୁବକ ଉଭୟ ପିଲାଙ୍କୁ ସେଠାରୁ ଉଠାଇ ଟ୍ରାକ୍ଟର ଗ୍ୟାରେଜକୁ ନେଇ ଚୋରି ବିଷୟରେ ପଚରାଉଚରା ଆରମ୍ଭ କରିଥିଲେ । ପରେ ସେମାନଙ୍କୁ ଓଲଟ ଝୁଲାଇ ମାଡ଼ ମାରିବା ସହ ଲଙ୍କା ଧୂଆଁ ଦେଇଥିଲେ । ପରେ ଦୁଇ ପିଲା ସେଠାରୁ ଆସି ନିଜ ପରିବାର ସଦସ୍ୟଙ୍କୁ ପୂରା ଘଟଣା ବିଷୟରେ କିଛି କହି ନଥିଲେ । ତେବେ ଅଭିଯୁକ୍ତ ସୁରେନ୍ଦ୍ର ବାବନକର ଏହି ଘଟଣାର ଏକ ଭିଡିଓ ପ୍ରସ୍ତୁତ କରିଥିଲେ, ତା'ପରେ କେହି ଜଣେ ଏହାକୁ ଭାଇରାଲ କରିଥିଲେ । ପରେ ଏହି ଭାଇରାଲ ଭିଡିଓ ପୀଡିତ ପିଲାଙ୍କ ବାପାଙ୍କ ନିକଟରେ ପହଞ୍ଚିବା ପରେ ଘଟଣା ସାମ୍ନାକୁ ଆସିଥିଲା । ବାପା ଓ ଦୁଇ ପୀଡିତ ପିଲା ପୁଲିସ ଷ୍ଟେସନରେ ପହଞ୍ଚି ମାମଲା ରୁଜୁ କରିଥିଲେ । ଏହି ଘଟଣାରେ ଦୁଇ ଅଭିଯୁକ୍ତ ନିଖିଲ କଲମ୍ବେ ଏବଂ ସୁରେନ୍ଦ୍ର ବାବନକରଙ୍କୁ ପୁଲିସ ଗିରଫ କରିଛି । ପୂରା ମାମଲା ତଦନ୍ତ ଜାରି ରଖିଛି ।

# ଆମେରିକାର ରାଷ୍ଟ୍ରପତି ନିର୍ବାଚନ: କାଉଣ୍ଟଡାଉନ ଆରମ୍ଭ

**ୱାଶିଂଟନ:** ଆସନ୍ତାକାଲି ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ । କିଏ ହେବେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ? ପୁଣି କ୍ଷମତାକୁ ଫେରିବେ କି ଡୋନାଲ୍ଡ ଟ୍ରମ୍ପ ? ନା ବାଜି ମାରିନେବେ ଭାରତୀୟ ବଂଶ-ବ କମଲା ହାରିସ । ତାଙ୍କୁ ନେଇ ଜାରି ରହିଛି ନାନା ଚର୍ଚ୍ଚା, ବଢୁଛି ଉତ୍କଣ୍ଠା । ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଆରମ୍ଭ ହୋଇଛି କାଉଣ୍ଟଡାଉନ ।

୪୮ ଘଣ୍ଟା ପରେ ହ୍ୱାଇଟ ହାଉସର ବସ୍ କିଏ ହେବ ତାହା ସ୍ପଷ୍ଟ ହେବ । ମତଦାନ ପାଇଁ କ୍ୟାମ୍ପେନର ଡେଡଲାଇନ୍ ପୂର୍ବରୁ ଶକ୍ତି ପ୍ରଦର୍ଶନ ପାଇଁ ଜି ଜାନ୍ ଲଗାଇ ପ୍ରଚାର କରିଛନ୍ତି ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଲା ହାରିସ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ । ଏଥର ନିର୍ବାଚନରେ ବୃହତ ବ୍ୟବଧାନରେ ନିର୍ବାଚନ ଜିଣିବେ ବୋଲି ଦୁଇ ପ୍ରାର୍ଥୀ ଦୃଢ଼ ଆଶାବାଦୀ ରହିଛନ୍ତି । ତେବେ ମ୍ୟାଜିକ୍ ନମ୍ବର ୨୭୦ କିଏ ପାର୍ କରି ହ୍ୱାଇଟ ହାଉସରେ ଏଣ୍ଟ୍ରି ମାରିବେ ତାକୁ ଜନତା ଜନାର୍ଦ୍ଦନ ହିଁ ନିଷ୍ପତ୍ତି ନେଇଛନ୍ତି । ରାଜନୀତି ବିଶାରଦଙ୍କ କହିବା କଥା ଚଳିତ ନିର୍ବାଚନରେ ପେନସଲଭେନିଆ ଏବଂ ମିସଗନ୍ ଏହି ଦୁଇ ରାଜ୍ୟ କିଏ ରାଷ୍ଟ୍ରପତି ରେସ୍ ଜିତିବ ତାହା ନିର୍ଣ୍ଣୟ କରିବେ । ଡେମୋକ୍ରାଟିକ୍ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି ଭାରତୀୟ ବଂଶୈ-ବ କମଲା ହାରିସ । ସେପଟେ ରିପବ୍ଲିକାନ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଉଭୟଙ୍କ ମଧ୍ୟରେ ହୋଇପାରେ କଡ଼ା ଟକ୍କର । ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ବିଜୟୀ ପାଇଁ ୫୩୮ ଇଲେକ୍ଟୋରାଲ କଲେଜ ଭୋଟରୁ ୨୭୦ ଭୋଟ୍ ସହ ପ୍ରାର୍ଥୀଙ୍କୁ ଅତି କମରେ ତିନିଟି ପ୍ରମୁଖ ରାଜ୍ୟରେ ଜିତିବାକୁ ପଡ଼ିବ ।



# ଅବସର ନେଲେ ରିଦ୍ଧିମାନ

ମୁମ୍ବାଇ,୪।୧୧ (ଏଜେନ୍ସି): ଭାରତୀୟ ୱିକେଟ କିପର-ବ୍ୟାଟର ରିଦ୍ଧିମାନ ସାହା କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ଚଳିତ ରଣଜୀ ଟ୍ରଫି ସିଜନ (୨୦୨୪-୨୫) ପରେ ସେ ତାଙ୍କର ୧୭ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିବେ । ସାହା ବର୍ତ୍ତମାନ କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚ୍ ପାଇଁ ବେଙ୍ଗାଲୁରୁରେ ପ୍ରସ୍ତୁତି ଚଳାଇଛନ୍ତି । ଏହାରି ଭିତରେ ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ସେ ଏହି ନିଷ୍ପତ୍ତି ନେଇ ସୂଚନା ଦେଇଛନ୍ତି । 'ଏକ୍ସ'ରେ ନିଜ ଅବସର ସମ୍ବନ୍ଧୀୟ ପୋଷ୍ଟରେ ସାହା ଲେଖିଛନ୍ତି, 'କ୍ରିକେଟରେ ଏକ ସ୍ମରଣୀୟ ଯାତ୍ରା ପରେ ଏହା ମୋର ଶେଷ ସିଜିନ ହେବାକୁ ଯାଉଛି । ଶେଷଥର ପାଇଁ ବଙ୍ଗଳା ପକ୍ଷରୁ ରଣଜୀ ଟ୍ରଫିରେ ଖେଳି ଅବସର ନେବା ମୋ ପାଇଁ ଗୌରବର ବିଷୟ । ଚାଲନ୍ତୁ ଏହି ସିଜନକୁ ସ୍ମରଣୀୟ କରିବା ।' ୨୦୨୨-୨୩ ରଣଜୀ ଋତୁରେ ବେଙ୍ଗଲ କ୍ରିକେଟ ସଂଘ (CAB) ସଚିବ ଦେବବ୍ରତ ଦାସଙ୍କ ସହ ବିବାଦ କାରଣରୁ ୩୯ ବର୍ଷୀୟ ୱିକେଟ କିପର ଦଳରୁ ନିଜକୁ ଦୂରେଇ ରଖିଥିଲେ । ହେଲେ ଏହି ସିଜିନରେ ଦଳକୁ ଫେରି ସାହା ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଛନ୍ତି ।

ଭାରତ ପାଇଁ ରିଦ୍ଧିମାନ ସାହା ୪୦ଟି ଟେଷ୍ଟ ଖେଳି ୧୩୫୩ ରନ ସ୍କୋର କରିଛନ୍ତି । ତାଙ୍କ ଟେଷ୍ଟ କ୍ୟାରିୟରରେ ତିନୋଟି ଶତକ ଏବଂ ଛଅ ଅର୍ଦ୍ଧଶତକ ସାମିଲ ଅଛି । ସେ ଦୀର୍ଘ ସମୟ ଧରି ଟିମ ଇଣ୍ଡିଆର ପ୍ରଥମ ପସନ୍ଦ ୱିକେଟ କିପର ଭାବେ ଦଳ ସହିତ ଜଡିତ ଥିଲେ । କିନ୍ତୁ ଋଷଭ ପନ୍ତ ଆସିବା ପରେ ଦଳରେ ସ୍ଥାନ ପାଇବା ସାହାଙ୍କ ପାଇଁ କଷ୍ଟସାଧ ହୋଇପଡିଥିଲା । ତେବେ ସେ ଅନେକ ଥର ଦ୍ୱିତୀୟ ୱିକେଟ କିପର ଭାବରେ ଟିମରେ ଅନ୍ତର୍ଭୁକ୍ତ ହୋଇଥିଲେ । ଶେଷଥର ପାଇଁ ସାହା ଡିସେମ୍ବର ୨୦୨୧ରେ ଭାରତୀୟ ଜର୍ସିରେ ଖେଳିଥିଲେ । ୨୦୨୩ରେ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ମୁକ୍ତ କରିଥିଲା ବିସିସିଆଇ ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାହା ଆଇପିଏଲ୍ ସମେତ ଖେଳର ସମସ୍ତ ପ୍ରକାର ଫର୍ମାଟରୁ ଦୂରରେ ରହିବାକୁ ଚାହୁଁଛନ୍ତି । ଏପରିକି ସେ ଆଗାମୀ ଆଇପିଏଲ୍ ମେଗା ଅକ୍ସନ ପାଇଁ ମଧ୍ୟ ନିଜକୁ ପଞ୍ଜିକୃତ କରିନାହାଁନ୍ତି । ତେବେ ସାହା ନିଜେ ଏପର୍ଯ୍ୟନ୍ତ ଆଇପିଏଲ୍ ଅଂଶଗ୍ରହଣ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାଁନ୍ତି ।



# ଅଷ୍ଟ୍ରେଲିଆ ଠାରୁ ହାରିଲା ପାକିସ୍ତାନ



ମେଲବୋର୍ଣ୍ଣ,୪।୧୧ (ଏଜେନ୍ସି): ମହମ୍ମଦ ରିଜୱାନଙ୍କ ଅଧିନାୟକରେ ପାକିସ୍ତାନ ପ୍ରଥମଥର ପାଇଁ ଦିନିକିଆ ମ୍ୟାଚ୍ ଖେଳୁଥିବା ବେଳେ ଦଳକୁ ହାରିବାକୁ ପଡ଼ିଛି । ସୋମବାର ପାକିସ୍ତାନକୁ ୨ ୱିକେଟରେ ହରାଇ ଦେଇଛି ଅଷ୍ଟ୍ରେଲିଆ । ମେଲବର୍ଣ୍ଣ ଗ୍ରାଉଣ୍ଡରେ ଖେଳା ଯାଉଥିବା ପ୍ରଥମ ଦିନିକିଆକୁ ଜିତି ଘରୋଇ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି । ବିଶ୍ୱକପ ପରେ ବାବାର ଆଜମ ଅଧିନାୟକ ପଦରୁ ଇସ୍ତଫା ଦେବା ପରେ ନିକଟରେ ମହମ୍ମଦ ରିଜୱାନଙ୍କୁ ଏହି ପଦ ମିଳିଥିଲା । ସେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ନିଜର କ୍ୟାପ୍ଟେନ୍ସି ଆରମ୍ଭ କରିଛନ୍ତି । ହେଲେ ପ୍ରଥମ ମ୍ୟାଚରେ ଦଳକୁ ହାରିବାକୁ ପଡ଼ିଛି । ଏଥିସହ ଅଷ୍ଟ୍ରେଲିଆ ମାଟିରେ ୭ ବର୍ଷ ହେଲା ପ୍ରଥମ ବିଜୟ ପାଇଁ ପାକିସ୍ତାନ କରିଥିବା ଅପେକ୍ଷା ଆହୁରି ଲମ୍ବିଛି । ଦଳ ଶେଷଥର ପାଇଁ ସମାନ ଗ୍ରାଉଣ୍ଡରେ ୨୦୧୭ ଜାନୁଆରୀ ୧୫ରେ ଜିତିଥିଲା । ସେବେଠାରୁ ପାକିସ୍ତାନ କୌଣସି ଦିନିକିଆ ମ୍ୟାଚ୍ ଅଷ୍ଟ୍ରେଲିଆ ମାଟିରେ ଜିତିବାକୁ ସକ୍ଷମ ହୋଇନାହିଁ । ଅଷ୍ଟ୍ରେଲିଆ ଦମଦାର ବିଜୟ ସହ ପାକିସ୍ତାନ ବିପକ୍ଷରେ ନିଜର ଦିନିକିଆ ସିରିଜ ଅଭିଯାନ ଆରମ୍ଭ କରିଛି । ଅଧିନାୟକ ପାଟ କମିନ୍ସ ମ୍ୟାଚ ବିଜୟୀ ଇନିଂସ ଖେଳି ଶେଷ ଭାଗରେ ପାକିସ୍ତାନ ସୃଷ୍ଟି କରିଥିବା ବିପଦକୁ ଟାଳି ଦେଇଛନ୍ତି । ପାକିସ୍ତାନ ଦେଇଥିବା ୨୦୪ ରନର ଟାର୍ଗେଟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୧୮୫ ରନରେ ୮ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ହେଲେ ପାଟ କମିନ୍ସ ଅପରାଜିତ ୩୨ ରନର ଇନିଂସ ଖେଳି ଦଳକୁ ୯୯ ବଲ ପୂର୍ବରୁ ୨ ୱିକେଟରେ ବିଜୟ ଭେଟି ଦେଇଛନ୍ତି । ଦଳ ପାଇଁ ଷ୍ଟିଭ ସ୍ମିଥ ୪୪ ଓ ଜୋଶ ଇଙ୍ଗଲିସ ୪୯ ରନର ଇନିଂସ ଖେଳିଥିଲେ ହେଁ ଶେଷ ଭାଗରେ ପାକିସ୍ତାନ ବାଉନ୍ସ ବ୍ୟାକ କରିଥିଲା । କିନ୍ତୁ କମିନ୍ସ ସେସବୁକୁ ପଣ୍ଡ କରି ପାକିସ୍ତାନକୁ ବିଜୟ ସ୍ୱାଦ ଚାଖିବାକୁ ଦେଇ ନାହାନ୍ତି । ତେବେ ବୋଲିଂରେ ୩ ୱିକେଟ ନେଇଥିବା ମିଚେଲ ଷ୍ଟାର୍କଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି । ଭାରତରେ ଶେଷ ହୋଇଥିବା ଦିନିକିଆ ବିଶ୍ୱକପ ପରେ ପାକିସ୍ତାନ ପ୍ରଥମଥର ପାଇଁ ଏହି ଫର୍ମାଟରେ ମ୍ୟାଚ୍ ଖେଳିବାକୁ ଆଜି ମେଲବର୍ଣ୍ଣ ଗ୍ରାଉଣ୍ଡକୁ ଓହ୍ଲାଇଥିଲା । ଦଳ ୪୬.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୦୩ ରନ କରିଥିଲା । ସାମି ଆୟୁବ ଓ ଅବଦୁଲ୍ଲା ଶଫିକ ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ । କିନ୍ତୁ ବାବର ଆଜମ ଓ ନୂଆ ଅଧିନାୟକ ରିଜୱାନ କିଛି ସହ ମଙ୍ଗ ସମ୍ଭାଳିଥିଲେ ।


ଇଂଲଣ୍ଡ ବିପକ୍ଷ ଶେଷ ଦୁଇଟି ଟେଷ୍ଟରୁ ବିଦା ହୋଇଥିବା ବାବର ସୋମବାର ୪୪ ବଲରେ ୩୭ ରନ କରି ଆଡାମ ଜାମ୍ପାଙ୍କ ବଲରେ ଆଉଟ ହୋଇଛନ୍ତି । ରିଜୱାନଙ୍କୁ ମାର୍ନସ ଲାବୁଶେନ ଆଉଟ କରିବା ପୂର୍ବରୁ ସେ ୪୪ ରନର ଇନିଂସ ଖେଳିଥିଲେ । କମରାନ ଗୁଲାମ ବାଉଣ୍ଡରୀରୁ ନିଜ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ । କିନ୍ତୁ ପାଟ କମିନ୍ସ ତାଙ୍କୁ ଆଉଟ କରି ଦେଇଥିଲେ । ପାକିସ୍ତାନର ନୂଆ ଉପ-ଅଧିନାୟକ ସଲମାନ ଆଘା ୧୨ ରନ କରି ସେନ ଆବୋଟଙ୍କ ଶିକାର ବନିଥିବା ବେଳେ ଡେବ୍ୟୁଟାଣ୍ଟ ଇରଫାନ ଖାନ ନିଆଜି ୨୨ ରନ କରି ରନ ଆଉଟ ହୋଇଥିଲେ । କିନ୍ତୁ ଶାହୀନ ଶାହ ଆଫ୍ରିଦି ଓ ନସୀମ ଶାହ ଶେଷ ଭାଗରେ କମାଲ କରିଥିଲେ । ଆଫ୍ରିଦି ଦ୍ରୁତ ୨୪ ରନରେ ୩ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି । ନସୀମ ୩୯ ବଲରେ ୪୦ ରନର ଇନିଂସ ଖେଳିବାରୁ ପାକିସ୍ତାନ ୨୦୦ ରନ ପାର କରିଥିଲା ।

୪୬ତମ ଓଭରରେ ନସୀମ ଦମଦାର ଢଙ୍ଗରେ ଜାମ୍ପାଙ୍କୁ ୨ଟି ଛକା ଓ ଗୋଟିଏ ଚୌକା ମାରିଥିଲେ । ହେଲେ ପରବର୍ତ୍ତୀ ଓଭରରେ କମିନ୍ସ ତାଙ୍କୁ ଆଉଟ କରି ପାକିସ୍ତାନ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ଅଷ୍ଟ୍ରେଲିଆ ପାଇଁ ମଚେଲ ଷ୍ଟାର୍କ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ କମିନ୍ସ ଓ ଜାମ୍ପା ୨ଟି ଲେଖାଏ ସଫଳତା ପାଇଛନ୍ତି । ଆବୋଟ ଓ ଲାବୁଶେନଙ୍କ ଖାତାକୁ ଗୋଟିଏ ଲେଖାଏ ୱିକେଟ ଯାଇଛି । ୨୦୪ ରନର ପିଛା କରୁଥିବା ଅଷ୍ଟ୍ରେଲିଆ ମାଥ୍ୟୁ ଶର୍ଟ ଓ ଜ୍ୟାକ ଫ୍ରେଜର ମ୍ୟାକଗୁର୍କଙ୍କୁ ସଅଳ ହରାଇଥିଲା । କିନ୍ତୁ ସ୍ମିଥ ଓ ଇଙ୍ଗଲିସ ତୃତୀୟ ୱିକେଟ ପାଇଁ ୮୫ ରନ ଯୋଡ଼ିଥିଲେ । ତେବେ ପାକିସ୍ତାନର ଦ୍ରୁତ ବୋଲର ହରିଶ ରୌଫ ଦଳକୁ କମବ୍ୟାକ କରାଇବା ସହ ଗୋଟିଏ ପରେ ଗୋଟିଏ ୱିକେଟ ନେଇଥିଲେ । ଅଷ୍ଟ୍ରେଲିଆ ୨୦.୨ ଓଭର ସୁଦ୍ଧା ୬ ୱିକେଟ ହରାଇ ୧୩୯କୁ ଖସି ଆସିଥିଲା । ଆଫ୍ରିଦି ୪୯ ରନ କରିଥିବା ଇଙ୍ଗଲିସଙ୍କୁ ଆଉଟ କରିଥିବା ବେଳେ ରୌଫ ଲାବୁଶେନ ଓ ଗ୍ଲେନ ମ୍ୟାକ୍ସୱେଲଙ୍କୁ କ୍ରମାଗତ ଦୁଇଟି ବଲରେ ପ୍ୟାଭିଲିୟନ ପଠାଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ । ଆଫ୍ରିଦି ସିଧା ଥ୍ରୋ ଦ୍ୱାରା ଆବୋଟଙ୍କୁ ମଧ୍ୟ ରନ ଆଉଟ କରିଥିଲେ । ୧୮୫ ରନରେ ଦଳ ୮ ୱିକେଟ ହରାଇଥିଲା । ହେଲେ କମିନ୍ସ ୩୧ ବଲରେ ୩୨ ରନର ଇନିଂସ ଖେଳି ୧୬.୩ ଓଭର ପୂର୍ବରୁ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଥିଲେ ।

## କବାଡି: ବଳଙ୍ଗା ଚାମ୍ପିଅନ

ବାଲକାଟୀ,୪।୧୧ (ସବ୍ୟୁ): ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ବାଲକାଟୀ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ପିପିଲିକୁ ୨୯-୨୭ ପଏଣ୍ଟରେ ହରାଇ ବଳଙ୍ଗା ଚାମ୍ପିୟନ ହୋଇଛି । ଟୁର୍ଣ୍ଣାମେଣ୍ଟିରେ ଖୋର୍ଦ୍ଧା, ପୁରୀ,କଟକ ଜିଲ୍ଲାର ମୋଟ ଆଠଟି ଦଳ ଭାଗ ନେଇଥିଲେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଓ ପ୍ରତାପ ଶାସନ ଡିଗ୍ରୀ କଲେଜ ଦ୍ୱାରା ପରିଚାଳିତ ଏହି ଟୁର୍ନାମେଣ୍ଟକୁ ବିଶିଷ୍ଟ ଶିକ୍ଷାବିତ ତଥା ପ୍ରସିଦ୍ଧ ସିନେ ବ୍ୟକ୍ତିତ୍ୱ ଡଃ ରଜନୀ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ କାର୍ଯ୍ୟକ୍ରମରେ କାର୍ଯକାରୀ ଅଧକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ସଭାପତି ଭାବେ ସଭା ପରିଚାଳନା କରିଥିଲେ ଟୁର୍ନାମେଣ୍ଟରେ ବାଙ୍କୀ କଲେଜ,ବିଜେବି କଲେଜ, ବଳଙ୍ଗା କଲେଜ, ପିପିଲି କଲେଜ, କଣାସ ଗାଦିବ୍ରହ୍ମ, ନିମାପଡା କଲେଜ, ଏ ସି ଏ ଏସ କଲେଜ ପୁରୀ, ସ୍ଟୁଆର୍ଟ କଲେଜ କଟକ ଆଦି ଯୋଗ ଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡଃ ପ୍ରବୀର କୁମାର ମହାନ୍ତି ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଟିମ ଉପସ୍ଥିତ ରହି ଖେଳାଳୀ ଚୟନ କରିଥିଲେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଶୁ ଚିକିତ୍ସା ଯୋଗେଇ ଦେଇଥିଲେ ଖେଳକୁ ତ୍ରିନାଥ ସାମନ୍ତରାୟ ଓ ତାଙ୍କ ଟିମ ରେଫରୀ ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ ଟୁର୍ଣ୍ଣାମେଣ୍ଟକୁ କଲେଜର ସମସ୍ତ. କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପରାଜୟ ପରେ ଚାପରେ ପ୍ରଶିକ୍ଷକ ଗୌତମ ଗମ୍ଭୀର



ମୁମ୍ବାଇ,୪।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ସିରିଜ୍ ପରାଜୟ ପରେ ଚାପରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର । ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଭାବରେ ନିଯୁକ୍ତ ହେବାର ମାତ୍ର ତିନି ମାସ ମଧ୍ୟରେ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ପ୍ରଦର୍ଶନ ମିଶ୍ରିତ ରହିଛି । ହେଲେ ବାଂଲାଦେଶ ବିପକ୍ଷ ସିରିଜରେ ଆକ୍ରାମକ ଅନ୍ଦାଜରେ ଖେଳି ୨-୦ରେ ସିରିଜ ଜିତିବା ପରେ ଯେଉଁମାନେ ରୋହିତ-ଗମ୍ଭୀର ଯୋଡ଼ିକୁ ପ୍ରଶଂସା କରୁଥିଲେ, ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜ ପରାଜୟ ପରେ ସେମାନେ ଏବେ ଏହି ଯୋଡ଼ି ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି । ଭାରତୀୟ ଦଳ ସହିତ କୋଚ୍ ଗମ୍ଭୀରଙ୍କ ପ୍ରାରମ୍ଭିକ ରିପୋର୍ଟ ସେତେଟା ଭଲ ନାହିଁ । ବିଭିନ୍ନ ସିରିଜ ପାଇଁ ଦଳ ଚୟନ ପ୍ରସଙ୍ଗରେ ଗମ୍ଭୀରଙ୍କୁ ମଧ୍ୟ ଅନେକ ସ୍ୱାଧୀନତା ଦିଆଯାଇଛି । ଏହା ସତ୍ତ୍ୱେ ଦଳର ପ୍ରଦର୍ଶନ ଆଖିଦୃଶିଆ ହୋଇନାହିଁ । ତେବେ ଯଦି ଅଷ୍ଟ୍ରେଲିଆ ଗସ୍ତ ସମୟରେ ଦଳର ପ୍ରଦର୍ଶନରେ କୌଣସି ଉନ୍ନତି ପରିଲକ୍ଷିତ ନହୁଏ, ତେବେ ଭବିଷ୍ୟତରେ ସେ ଦଳ ଚୟନ ସମ୍ବନ୍ଧୀୟ ପ୍ରସଙ୍ଗରେ ଆଉ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ନାହିଁ ବୋଲି କୁହାଯାଉଛି । ମୁଖ୍ୟ ପ୍ରଶିକ୍ଷକ ଭାବେ ଗମ୍ଭୀର ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ ୨୭ ବର୍ଷରେ ପ୍ରଥମ ଥର ପାଇଁ ଶ୍ରୀଲଙ୍କା ବିପକ୍ଷରେ ଏକ ଦିନିକିଆ ସିରିଜ ହାରିଥିଲା । ଏବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟରେ ଘରୋଇ ମାଟିରେ ଭାରତ ୦-୩ରେ ସିରିଜ ହାରିଛି । ଏହା ପୂର୍ବରୁ ତିନି କିମ୍ବା ଅଧିକ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ କେବେ ମୂଳପୋଛ ହୋଇନଥିଲା । ଜଣେ ପ୍ରଶିକ୍ଷକ ଦଳ ସହିତ ଖେଳକୁ ନେଇ ଯୋଜନା କରିପାରିବେ । କିନ୍ତୁ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କ ଦୁର୍ବଳତା ଜାଣିବା ସତ୍ତ୍ୱେ ମୁମ୍ବାଇରେ ସମ୍ପୂର୍ଣ୍ଣ ସ୍ପିନରଙ୍କୁ ସୁହାଇଲା ଭଳି ପିଚ୍ ଚୟନ କରିବାକୁ ନେଇ ଗମ୍ଭୀରଙ୍କ ଉପରେ ପ୍ରଶ୍ନ ଉଠିଛି । ପ୍ରତ୍ୟେକ ପରିସ୍ଥିତିରେ ସେ ଖେଳାଳିଙ୍କଠାରୁ ସମାନ ମନୋଭାବ ଆଶା କରୁଛନ୍ତି । ଏହାକୁ ନେଇ ବହୁ ପୂର୍ବତନ କ୍ରିକେଟର ମଧ୍ୟ ପ୍ରଶିକ୍ଷକଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ମୁମ୍ବାଇରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ସନ୍ଧ୍ୟାରେ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ନାଇଟ୍-ୱାଚର୍ ଭାବରେ ପଠାଇବା ଏବଂ ପ୍ରଥମ ଇନିଂସରେ ସରଫରାଜ ଖାନଙ୍କୁ ଆଠ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ପଠାଇବା ନିଷ୍ପତ୍ତି ଉପରେ ମଧ୍ୟ ସମସ୍ତେ ପ୍ରଶ୍ନ ଉଠାଉଛନ୍ତି ।

## ସହିଦନଗର ପ୍ରିମିୟର ଲିଗ୍-୨ ସହିଦନଗର ଟାଇଟନ୍ସ ଚାମ୍ପିଅନ୍



ଭୁବନେଶ୍ୱର,୪।୧୧ (ସବ୍ୟୁ): ସହିଦନଗର ପ୍ରିମିୟର ଲିଗ୍-୨ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି ସହିଦନଗର ଟାଇଟନ୍ସ । ସହିଦନଗର ସ୍ପୋର୍ଟିଂ କ୍ଲବ୍ ପଡିଆରେ ୩ ଦିନ ବ୍ୟାପୀ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଦଳ ଭାଗ ନେଇଥିଲେ । ଏହି ଫାଇନାଲ ମ୍ୟାଚରେ ରାକେଶ ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଛନ୍ତି । ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ବିଜେପି ନେତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରୁଦ୍ର ସାମନ୍ତରାୟ ପ୍ରତିବର୍ଷ ଏହି ପରି ଟୁର୍ଣ୍ଣାମେଣ୍ଟ ଜାରି ରଖିବା ପାଇଁ କହିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ସହିଦ ନଗର ବିଭିନ୍ନ କ୍ଲବ୍‌ର ପ୍ରତିନିଧିତ୍ୱ କରୁଥିବା କସ୍ମୋପଲିଟାନ କ୍ଲବ୍ ଏବଂ ପ୍ରଚେଷ୍ଟା କ୍ଲବ୍‌ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## କରଞ୍ଜିଆ ଚାମ୍ପିଅନ୍ସ ଲିଗ୍ ୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କରଞ୍ଜିଆ,୪।୧୧ (ସବ୍ୟୁ): ସୋମବାର ଗୁନା ଭାଇ ଓ ବାବୁନୀ ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ କରଞ୍ଜିଆ ଷ୍ଟାଡିୟମ ଠାରେ କରଞ୍ଜିଆ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ କରଞ୍ଜିଆ ଚମ୍ପିୟାନ୍ସ ଲିଗ୍ ୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗଦାନ କରି କୃପାସିନ୍ଧୁ ମହାନ୍ତ ସବୁଜ ଅଂଶୁମାନ ମହାନ୍ତ, ମହେଶ୍ୱର ସାହା ଓ ଲକ୍ଷ୍ମୀକାନ୍ତ ରାମଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ।ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ଟି ଦଳ ରାଉଣ୍ଡ ରବିନ ଲିଗ୍ ରେ ୧୨ ଦିନ ଧରି ଖେଳିବେ ବୋଲି କରଞ୍ଜିଆ ୟୁଥ୍ କ୍ଲବ୍ ସଭାପତି ଜୟନ୍ତ ହେମ୍ବ୍ରମ ସୂଚନା ଦେଇଥିଲେ।ପ୍ରଥମ ଖେଳ ଜୟନ୍ତ ଇଲେଭେନ ଓ କମାଣ୍ଡୋ କିଙ୍ଗସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟନ୍ତ ଇଲେଭେନ ଦଳ ଟସ ଜିଣି କମାଣ୍ଡୋ କିଙ୍ଗସ୍ ଏକାଦଶ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କମାଣ୍ଡୋ କିଙ୍ଗସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ବିନିମୟରେ ୧୨୭ ରନ୍ କରିଥିଲା।ପ୍ରତି ଉତ୍ତରରେ ଜୟନ୍ତ ଇଲେଭେନ ଦଳ ୬ ୱିକେଟ ହରାଇ ୧୨୮ ରନ୍ କରି ବିଜୟ ଲାଭ କରିଥିଲା। ଦ୍ୱିତୀୟ ଖେଳ ଆଜାଦ୍ କ୍ଲବ ଓ ଦିଲଖୁସ୍ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଦିଲଖୁସ୍ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୨ ୱିକେଟ ହରାଇ ୧୪୫ କରିଥିଲା ଛଆଜାଦ କ୍ଲବ ୫ ୱିକେଟ ହରାଇ ୧୩୯ ରନ କରି ପରାଜିତ ହୋଇଥିଲା।ଅମ୍ପାୟାର ଭାବେ ଦୂର୍ଗା ପଟ୍ଟନାୟକ ଓ ଜୟପ୍ରକାଶ ରାଉତ ଖେଳ ପରିଚାଳନା କରିଥିଲେ। ନଭେମ୍ବର ମାସ ୧୪ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ କଇନ ଖାନ୍ ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କରଞ୍ଜିଆ ୟୁଥ୍ କ୍ଲବ୍ ସଦସ୍ୟ ମାନେ ସହଯୋଗ କରିଥିଲେ ।

## ବାଉଁଶଗଡିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
## ବୀର ବାଦଶାହା ମହୁଲଡିଆ ଚାମ୍ପିଅନ

ଖଇରା,୪।୧୧ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଉଁଶଗଡିଆ ମିନିଷ୍ଟାଡିୟମରେ ୩୮ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି । ମୋଟ ୬୪ଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲରେ ଶରତ ର ବିର ବାଦଶାହା ମହୁଲଡିଆ ଏଫସିକୁ ପରାସ୍ତ କରି ଚାମ୍ପିୟାନ ହେବାର ଗୌରବ ଅର୍ଜନ କରିଛି । ପ୍ରଥମେ ବିଡିଓ ଅନନ୍ତ କୁମାର ହାଁସଦା ଓ ଆଇଆଇସି ମୌସୁମୀ ମହାନ୍ତି ଫାଇନାଲ ମ୍ୟାଚକୁ ଉଦ୍ଘାଟନ କରିବା ସହ ଖେଳାଳୀଙ୍କ ସହ କର ମର୍ଦ୍ଦନ କରିଥିଲେ । । ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପକ ଗୋପିନାଥ ପାତ୍ର ସଭାପତିତ୍ୱ କରି ଥିବାବେଳେ ବିଡିଓ ମୁଖ୍ୟ ଅତିଥି ଓ ଥାନା ଅଧିକାରିଣୀଙ୍କ ସମେତ ଜିଲ୍ଲାପରିଷଦ ସଭ୍ୟ ଗଜେନ୍ଦ୍ରପ୍ରସାଦ ଦାସ, ସରପଞ୍ଚ ବିଚିତ୍ର ପାତ୍ର, ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳବନ୍ଧୁ ପଣ୍ଡା,ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ସୂତାର,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରେଶ କୁମାର ଦକ୍ଷିଣରାୟ ତଥା ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଟିମକୁ ୧୫ ହଜାର, ରନର୍ସଅପ୍ ଟିମକୁ ୧୦ ହଜାର, ୩ୟ ସ୍ଥାନ ଅଧିକାର କରିଥିବା ଟିମକୁ ୮ ହଜାର ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଟିମକୁ ୬ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରା ଯାଇଥିଲା।

## ଦ୍ୱିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଡିଜେ ବାପୁନ ନୂଆସାହି ମୟୁରଭଞ୍ଜ ଚାମ୍ପିଅନ୍



ବେତନଟୀ ,୪।୧୧(ସବ୍ୟୁ): ସୋମବାର ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ ହାଇସ୍କୁଲ ପଡିଆରେ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବିର ବୀର୍ଷା କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ୨୬ ତମ ଟୁର୍ଣ୍ଣାମେଣ୍ଟ ରେ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଓ୍ୱେଷ୍ଟ ବେଙ୍ଗଲ ଏବଂ ଡିଜେ ବାପୁନ ନୁଆସାହି ମୟୁରଭଞ୍ଜ ମଧ୍ୟ ରେ ହୋଇଥିଲା। ଶେଷରେ ଡିଜେ ବାପୁନ ନୁଆସାହି ମୟୁରଭଞ୍ଜ ଚମ୍ପିୟାନ ହୋଇଥିଲା । ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୦ ହଜାର, ତୃତୀୟ ପୁରସ୍କାର ୫ ହଜାର, ଏବଂ ଚତୁର୍ଥ ପୁରସ୍କାର ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ,ସଭାପତି ସପନ କୁମାର ଭୂୟାଁ ,ଉପସଭାପତି ରଞ୍ଜିତ ରାଏ ,କ୍ରୀଡା ଶିକ୍ଷକ ବିଜୟ ପରିଡା, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳିକା ପଙ୍କଜିନୀ ସେଠି, ବ୍ରଜମୋହନ ବେହେରା,ଉମାକାନ୍ତ ବେହେରା,ମୁରଲୀ ଧର ମହାନ୍ତି ,ରତି ମହାନ୍ତି,ଅଭିଳାଷ ଚନ୍ଦ୍ର ଗିରି,ଶାନ୍ତନୁ ଦଳେଇ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଏହି ଖେଳକୁ ଭବାନୀ ଶଙ୍କର,ଜିତେନ୍ଦ୍ର କୁମାର ବାରିକ ପରିଚାଳନା କରିଥିବା ବେଳେବୀର ବିଁଷା କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।


ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି